

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୭ ଅକ୍ଟୋବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 07 OCTOBER 2021
Vol.No. 32 ■ No. 256 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ଶୁଭେଚ୍ଛା ସହ

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଚାନ୍ଦିପୁର ଗୁଇନ୍ଦାଗିରି ପ୍ରସଙ୍ଗ

# ପାକିସ୍ତାନରୁ ପରିଚାଳିତ ହେଉଥିଲା ନକଲି ଫେସବୁକ ଆକାଉଣ୍ଟ

ଭୁବନେଶ୍ୱର,୦୬/୦୯ (ନି.ପ୍ର): ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟି ଡିଆରଡିଓ ସମ୍ପର୍କରେ ତଥ୍ୟ ହାସଲ କରିବା ପାଇଁ ବିସ୍ତୃତ ଯୋଜନା ପାକିସ୍ତାନରୁ ହୋଇଥିଲା । କ୍ରାଇମବ୍ରାଂଚ ଏଡିଜି ସଞ୍ଜୀବ ପଣ୍ଡା ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଯେ ପାକିସ୍ତାନରୁ ୪ଟି ନକଲି ଫେସବୁକ ଆକାଉଂଟ କରାଯାଇ ରହସ୍ୟମୟୀଙ୍କ ଜରିଆରେ ତଥ୍ୟ ହାସଲ କରାଯାଉଥିଲା । ଚାନ୍ଦିପୁର ଗୁଇନ୍ଦାଗିରି ପଛରେ ପାକିସ୍ତାନ ଲିଙ୍କ ଥିବା ନେଇ ସୂଚନା ଦେଇ ସେ କହିଛନ୍ତି ଯେ ଡିଆରଡିଓ ଗୁପ୍ତଚରି ମାମଲା ପଛରେ ଥିବା




ଯୁବତୀଙ୍କ ୪ଟି ନକଲି ଫେସବୁକ ଆକାଉଂଟ ପାକିସ୍ତାନରୁ ପରିଚାଳିତ ହେଉଥିଲା । ସେ ଆହୁରି କହିଛନ୍ତି ଯେ ୩ଟି ଆକାଉଂଟ ଇସଲାମାବାଦ ଓ ଗୋଟିଏ ଆକାଉଂଟ ରାୱଲପିଣ୍ଡିରୁ ପରିଚାଳିତ ହେଉଥିଲା । ପ୍ରକ୍ସି ଆଇପି ବ୍ୟବହାର କରୁଥିବା କାରଣରୁ ଏହା ବ୍ରିଟେନ ଦେଖାଉଥିଲା । କିନ୍ତୁ ବାସ୍ତବରେ ଏହା ପାକିସ୍ତାନରୁ ହିଁ ପରିଚାଳିତ ହେଉଥିଲା । ସେ ଆହୁରି କହିଛନ୍ତି ଯେ ସେହିପରି ଏବେବି ରହସ୍ୟମୟୀଙ୍କ ଅନେକ ଅନେକ ଆକାଉଂଟ ଆକ୍ଟିଭ ଅଛି । ଏହି ତଥ୍ୟ ବାବଦରେ ଜଣାପଡିବା ପରେ ସେ କହିଛନ୍ତି ଯେ ଆବଶ୍ୟକ ହେଲେ ଅଭିଯୁକ୍ତମାନଙ୍କୁ ପୁଣିଥରେ ରିମାଣ୍ଡରେ ଅଣାଯିବ । ଉଲ୍ଲେଖନୀୟ ଯେ ପ୍ରତିରକ୍ଷା ତଥ୍ୟ ଲିକ୍ ମାମଲାରେ ଚାନ୍ଦିପୁର ଇଂଟିଗ୍ରେଟେଡ ଟେଷ୍ଟ ରେଂଜର ୪ ଜଣ ଠିକା କର୍ମଚାରୀ ଓ ଜଣେ ସ୍ଥାୟୀ କର୍ମଚାରୀଙ୍କୁ ବାଲେଶ୍ୱର ଜିଲ୍ଲା ପୁଲିସର ସ୍ପେଶାଲ ସ୍କ୍ୱାଡ୍ ପୁଲିସ ସେପ୍ଟେମ୍ବର ୧୪ ତାରିଖ ବିଳମ୍ବିତ ରାତିରେ ଗିରଫ କରିଥିଲା ।

# ୧୦ରେ ସୃଷ୍ଟି ହେବ ଲଘୁଚାପ : ସମୁଦ୍ରରେ ୫ ଦିନ ରହି ବଳ ଗୋଟାଇବା ସମ୍ଭାବନା

ଭୁବନେଶ୍ୱର,୦୬/୦୯(ନି.ପ୍ର): ସରକାରଙ୍କ କଟକଣା ପାଇଁ ପୂଜାରେ ଉତ୍ସବର ପରିବେଶ ନାହିଁ । ଏପଟେ ସେହି ସମୟରେ ପ୍ରାୟ ୧୫ତାରିଖ ଆଡକୁ ବାତ୍ୟାର ଆଶଙ୍କା ଦେଖାଦେଇଛି । ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରି କହିଛି ଆସନ୍ତା ୧୦ତାରିଖରେ ଆଣ୍ଡାମାନ ସାଗରରେ ଲଘୁଚାପକ୍ଷେତ୍ର ସୃଷ୍ଟି ହେବ, ଏବଂ ୪ରୁ ୫ଦିନ ଧରି ଏହା ସମୁଦ୍ରରେ ରହିବ । ଏହାପରେ ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ରପ୍ରଦେଶ ମଧ୍ୟରେ ସ୍ଥଳଭାଗ ଅତିକ୍ରମ କରିବ । ଦୁର୍ଗାପୂଜା ବେଳେ ଉତ୍ତର ଆଣ୍ଡାମାନ ସାଗରରେ ଦାନା



ବାନ୍ଧୁଛି ବାତ୍ୟା ! ସମୁଦ୍ରରେ ଅଧିକ ଦିନ ରହି ହେବ ଶକ୍ତିଶାଳୀ ! ଅକ୍ଟୋବରରେ ଓଡିଶାକୁ ବତ୍ୟା ଭୟ । ଏହା ପୂର୍ବରୁ ମହାବାତ୍ୟା ହୁଡହୁଡ, ଫାଇଲିନ, ତିତିଲି ବାତ୍ୟା ଅକ୍ଟୋବରରେ ଓଡିଶା ଆସି ବ୍ୟାପକ କ୍ଷୟକ୍ଷତି କରିଛି । ପୁଣି ଚଳିତ ମାସ ୧୦ ତାରିଖରେ ଉତ୍ତର ଆଣ୍ଡାମାନ ସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ନେଇ ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ । ଅନ୍ୟପଟେ ବିଭିନ୍ନ ଅନ୍ତର୍ଜାତୀୟ ପାଣିପାଗ ମଡେଲ ଆକଳନ କରୁଛନ୍ତି ଏହି ଲଘୁଚାପ ସମୁଦ୍ରରେ ବାତ୍ୟାର ରୂପ ନେଇ ପଶ୍ଚିମ ଉତ୍ତର-ପଶ୍ଚିମ ଦିଗରେ ଗତି କରି ଉତ୍ତର ଆନ୍ଧ୍ରପ୍ରଦେଶ-ଦକ୍ଷିଣ ଓଡିଶା ଉପକୂଳରେ ସ୍ଥଳଭାଗ ଅତିକ୍ରମ କରିବ । ଅନ୍ତର୍ଜାତୀୟ ପାଣିପାଗ ମଡେଲର ଆକଳନ ଅନୁସାରେ ଆସନ୍ତା ୧୦ ତାରିଖରେ ଆଣ୍ଡାମାନ ସାଗରରେ ଲଘୁଚାପ ବଳୟ ସୃଷ୍ଟି ହୋଇ କ୍ରମେ ଅବପାତର ରୂପ ନେବ । ଏହାପରେ ସମୁଦ୍ରରେ ୪ରୁ ୫ ଦିନ ରହିବାର ସମ୍ଭାବନା ରହିଛି । ତେଣୁ ଏହି ବାତ୍ୟା ସମୁଦ୍ରରେ ବଳ ଗୋଟାଇ ସ୍ଥଳଭାଗକୁ ▶▶ପୃଷ୍ଠା ୭

## ସରକାରଙ୍କ କଟକଣା ପାଇଁ ବିପଦ ଭିତରକୁ ଠେଲି ହୋଇଯାଉଛି ଜୀବିକା : ପଶ୍ଚିମବଙ୍ଗରେ ଦୁର୍ଗା ପୂଜା ପାଇଁ ବ୍ୟାପକ ଆୟୋଜନ

ପଶ୍ଚିମବଙ୍ଗ,୦୬/୦୯(ନି.ପ୍ର): ଆଜି ମହାଳୟା, ସପ୍ତାହକ ପରେ ଦୁର୍ଗା ପୂଜା । କିନ୍ତୁ ପୂଜା ପାଇଁ ସେମିତି ଉତ୍ସବର ପରିବେଶ ନାହିଁ । କାରଣ ଯେତେ ସମ୍ଭବ କଟକଣା, ସବୁ ଲାଗୁ କରିଦିଆଯାଇଛି । ଛୋଟ ବ୍ୟବସାୟଠୁ ଆରମ୍ଭ କରି ସବୁ ପ୍ରକାର ବ୍ୟବସାୟିକ କାର୍ଯ୍ୟକଳାପ ମାନ୍ଦା ପଡିବ । କିନ୍ତୁ ପଡୋଶୀ ପଶ୍ଚିମବଙ୍ଗରେ ପୁରା ଉତ୍ସବର ▶▶ପୃଷ୍ଠା ୭

## ୟୁପି ଲଖିମପୁର ହିଂସାକାଣ୍ଡ : ଆଜି ଶୁଣାଣି କରିବେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ,୦୬/୦୯: ୟୁପି ଲଖିମପୁର ହିଂସାକାଣ୍ଡର ଘଟଣାରେ କାଲି ସୁପ୍ରିମକୋର୍ଟରେ ଶୁଣାଣି ହେବ । ମୁଖ୍ୟ ବିଚାରପତି ଆସନ୍ତାକାଲି ଏହି ମାମଲାର ଶୁଣାଣି କରିବେ । ଲଖିମପୁର ହିଂସାକାଣ୍ଡ ନେଇ ସୁପ୍ରିମକୋର୍ଟ ନିଜ ଆଡୁ ନଜର ରଖିଛନ୍ତି । ଏହି ଘଟଣାକୁ ନେଇ ଏବେ ୟୁପିରେ ରାଜନୀତି ଜୋର ଧରିଛି । ୟୁପି ଲଖିମପୁରରେ ହିଂସାକାଣ୍ଡରେ ୮ ଜଣଙ୍କ ମୃତ୍ୟୁ ହୋଇଥିଲେ । ସେଥିରେ ୪ ଜଣ ଚାଷୀ ଥିବା ବେଳେ ୩ ଜଣ ବିଜେପି ନେତା ଓ ଜଣେ ସାମ୍ବାଦିକ ରହିଥିଲେ । ଏହି ହିଂସାକାଣ୍ଡ ପରେ ଏବେ ୟୁପିରେ ରାଜନୀତି ଜୋର ଧରିଛି । ପୀଡିତ ପରିବାରକୁ ରାହୁଲ ଗାନ୍ଧୀ ଭେଟିବାକୁ ଯାଉଥିବା ବେଳେ ତାଙ୍କୁ ୟୁପି ପୋଲିସ ଅନୁମତି ଦେଇନଥିଲା । ହେଲେ ପରେ ଅନୁମତି ମିଳିବା ପରେ ପୀଡିତ ପରିବାରକୁ ଭେଟିବାକୁ ଯାଇଛନ୍ତି ରାହୁଲ ଓ ପ୍ରିୟଙ୍କା ।

## କଟକର ରାସ୍ତା ମଝିରେ ହଠାତ୍ ଫାଟିଗଲା ପାଣି ପାଇପ୍ : ଭୁସ ଭୁସ୍ ହୋଇ ଉପରକୁ ଉଠିଗଲା ପାଣି

କଟକ,୦୬/୦୯(ନି.ପ୍ର): ରାସ୍ତା ମଝିରେ ୱାଟରଫଲର ଭ୍ରମ । ହଠାତ୍ ପାଣି ପାଇପ୍ ଫାଟିଗଲା ଏବଂ ଭୁସ ଭୁସ ହୋଇ ପାଣି ଉପରକୁ ଉଠିଲା । ଆଜି ଏଭଳି ଘଟଣା ଦେଖିବାକୁ ମିଳିଛି ସିଲଭର ସିଟିରେ । କଟକ ରାଜାବଗିଚାରେ ଅଞ୍ଚଳରେ ହଠାତ ଫାଟିଗଲା ପାଣି ପାଇପ । ଫଳରେ କେହି କିଛି ବୁଝିବା ପୂର୍ବରୁ ରାସ୍ତାରେ ଜମିଗଲା ଆଂଠୁଏ ଉଚ୍ଚର ପାଣି । ଜନଗହଳିପୂର୍ଣ୍ଣ ସ୍ଥାନରେ ହଠାତ ଏପରି ରାସ୍ତା ଉପରେ ପାଣି ବାହାରିବା ସମସ୍ତଙ୍କୁ ଚକିତ କରିଥିଲା । ତେବେ ପରେ ଜଣାପଡିଥିଲା ଯେ ପାଣି ପାଇପ ଫାଟିବା ଯୋଗୁଁ ଏପରି ସ୍ଥିତି ଉପୁଜିଛି ।

# ପିଏମ ସ୍ୱାମୀତ୍ୱ ଯୋଜନା ଦେଶର ଗରିବଙ୍କୁ ସମ୍ପନ୍ନ ଓ ସ୍ୱାବଲମ୍ବୀ କରୁଛି : ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର,୦୬/୦୯ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ପିଏମ ସ୍ୱାମୀତ୍ୱ ଯୋଜନା ଅନ୍ତର୍ଗତ ମଧ୍ୟପ୍ରଦେଶର ୧.୭ ଲକ୍ଷରୁ ଅଧିକ ଲାଭାର୍ଥୀଙ୍କୁ ଇ-ପ୍ରୋପର୍ଟି କାର୍ଡ୍ ବିତରଣ କରିଥିବା ବେଳେ ସ୍ୱାମୀତ୍ୱ ଯୋଜନା ଦେଶର ଗରିବଙ୍କୁ ସମ୍ପନ୍ନ ଓ ସ୍ୱାବଲମ୍ବୀ କରୁଅଛି ବୋଲି ଏହି କାର୍ଯ୍ୟକ୍ରମରେ ସାମିଲ ହେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କାର୍ଯ୍ୟକ୍ରମରେ ଭିଡ଼ିଓ କନଫରେନ୍ସିଂ ମାଧ୍ୟମରେ ଯୋଡ଼ି ହେବା ସହ ମର୍ମସ୍ପର୍ଶୀ ଆଲୋଚନାରେ ସାମିଲ ହୋଇଥିଲେ। ଏହି ଅବସରରେ ଶ୍ରୀ ପ୍ରଧାନ ପିଏମ ସ୍ୱାମୀତ୍ୱ ଯୋଜନା ଅନ୍ତର୍ଗତ ଇପ୍ରୋପର୍ଟି କାର୍ଡ ପାଇଥିବା ୩ ହଜାର ଗାଁର ଲକ୍ଷାଧିକ ପରିବାରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ସେ କହିଛନ୍ତି ଯେ ଇ-ପ୍ରୋପର୍ଟି କାର୍ଡ୍ ମଧ୍ୟପ୍ରଦେଶର ଗ୍ରାମୀଣ ଏବଂ କ୍ଷୁଦ୍ର ଚାଷୀଙ୍କ ଶକ୍ତି ହେବ। ମୋଦି ସରକାର ଦେଶର ଗରିବଙ୍କୁ ସଶକ୍ତ ଏବଂ ଆତ୍ମନିର୍ଭର କରିବା ସହ ସେମାନଙ୍କୁ ନୂଆ ଜ୍ଞାନକୌଶଳ ସହ ଯୋଡ଼ି ସମ୍ପନ୍ନ ଏବଂ ସ୍ୱାବଲମ୍ବୀ କରିବା ଦିଗରେ ଅନେକ ପ୍ରୟାସ କରୁଛନ୍ତି । ସ୍ୱାମୀତ୍ୱ ଯୋଜନା ଭଳି ଅନେକ ଜନକଲ୍ୟାଣକାରୀ ଯୋଜନା ଆଜି ଦେଶରେ ଏକ ବୃହତ ବର୍ଗଙ୍କ ସାମାଜିକ ଓ ଆର୍ଥିକ ସୁରକ୍ଷା ସୁନିଶ୍ଚିତ କରୁଛି। ଗାଁ ଏବଂ ଗରିବଙ୍କ ପାଇଁ ▶▶ପୃଷ୍ଠା ୭

## ଭୁବନେଶ୍ୱରକୁ ଫେରିଲା କଣ୍ଟେନମେଣ୍ଟ ଜୋନ ଆପାର୍ଟମେଣ୍ଟର ୧୦ଟି ଫ୍ଲାଟରେ ଅଛନ୍ତି ସଂକ୍ରମିତ ବ୍ୟକ୍ତି

ଭୁବନେଶ୍ୱର,୦୬/୦୯(ନି.ପ୍ର): ରାଜଧାନୀକୁ ଫେରିଲା କଣ୍ଟେନମେଣ୍ଟ ଜୋନ୍ । ବେଶ କିଛି ମାସର ବ୍ୟବଧାନ ପରେ ପୁଣି ଥରେ କଣ୍ଟେନମେଣ୍ଟ ଜୋନ ଘୋଷଣା କରିବା ଆରମ୍ଭ କରିଛି ଭୁବନେଶ୍ୱର ମ୍ୟୁନିସପାଲ କର୍ପୋରେସନ । ରାଜଧାନୀର ଫରେଷ୍ଟ ପାର୍କ ଅଂଚଳରେ ଥିବା ରାଜେନ୍ଦ୍ରବିହାର ଆପାର୍ଟମେଣ୍ଟକୁ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି । ଏହି ଆପାର୍ଟମେଣ୍ଟର ୧୦ଟି ଫ୍ଲାଟରେ ଥିବା ବ୍ୟକ୍ତି ସଂକ୍ରମିତ ହୋଇଛନ୍ତି ବୋଲି କୁହାଯାଇଛି । ସେଥିପାଇଁ ପୁରା ଆପାର୍ଟମେଣ୍ଟକୁ ସିଲ କରି କଣ୍ଟେନମେଣ୍ଟ ଜୋନ ଘୋଷଣା କରାଯାଇଛି । ଫଳରେ ଆପାର୍ଟମେଣ୍ଟରୁ କେହି ବାହାରକୁ ଆସିପାରିବେନି କିମ୍ବା କାହାକୁ ଭିତରକୁ ଛଡାଯିବନି । ଆପାର୍ଟମେଣ୍ଟରେ ରହୁଥିବା ଲୋକେ ଘର ଭିତରେ ହିଁ ରହିବେ । ଏହା ଛଡା ଆପାର୍ଟମେଣ୍ଟ ପରିସରରେ ଥିବା ଦୋକାନ ବଜାର ମଧ ସମ୍ପୂର୍ଣ୍ଣ ବନ୍ଦ ରହିବ । ଜରୁରୀ ସାମଗ୍ରୀ ଓ ଔଷଧ ବିଏମସି ପକ୍ଷରୁ ଯୋଗାଇ ଦିଆଯିବ ।

## ୧ କି.ଗ୍ରା ବ୍ରାଉନ୍ସୁଗର ସହିତ ୨୫ଲକ୍ଷ ଟଙ୍କା ଜବତ୍ : ୧ ଗିରଫ

ଜଳେଶ୍ୱର, ୬/୧୦(ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱରକୁ ପଶ୍ଚିମବଂଗରୁ ବିପୁଳ ପରିମାଣ ବ୍ରାଉନସୁଗର ପ୍ରବେଶ କରୁଥିବା ବେଳେ ପରବର୍ତ୍ତୀ ସମୟରେ ଅନ୍ୟସ୍ଥାନକୁ ଚତୁରତାର ସହିତ ଚାଲାଣ ହେଉଛି । ସ୍ଥାନୀୟ ପୁଲିସ୍, ଏସ୍ଟିଏଫ ଓ ଅବକାରୀ ବିଭାଗକୁ କେତେକ ସଫଳତା ମିଳୁଥିବା ବେଳେ ବହୁ ପରିମାଣର ବ୍ରାଉନ୍ ସୁଗର ଅନ୍ୟତ୍ର ଚାଲଣ ହେଉଥିବାର ନଜିର ରହିଛି । ଗତ କିଛିଦିନ ମଧ୍ୟରେ ଜଳେଶ୍ୱର ପୁଲିସ୍ ଓ ଅବକାରୀ ବିଭାଗକୁ ଧଳାଜହଂର ଧରିବାରେ ସଫଳତା ମିଳିଛି । ଆଜି ଏସ୍ଟିଏଫର ଏକ ଟିମ୍ ଜଳେଶ୍ୱର ଅଂଚଳରୁ ଜଣେ ଯୁବକକୁ ଗିରଫ କରିବା ସହିତ ୧ କି.ଗ୍ରା ବ୍ରାଉନ୍ସୁଗର ଜବତ୍ କରିଛି । ଏହାର ଆନୁମାନିକ ମୂଲ୍ୟ ୧ କୋଟି ହେବ ବୋଲି ଜଣାଯାଇଛି । ଏହା ବ୍ୟତିତ ଉକ୍ତ ଯୁବକ ନିକଟରୁ ୨୫ଲକ୍ଷ ଟଙ୍କାର ନଗଦ ଟଙ୍କା ମଧ୍ୟ ଜବତ୍ ହୋଇଛି । ଉକ୍ତ ଯୁବକଙ୍କ ଘର ଜଳେଶ୍ୱର ମ୍ୟୁନିସୀପାଲଟିର ନନ୍ଦିକାଠାରେ ବୋଲି କୁହାଯାଇଛି । ଆଜି ବୁଧବାର ଦ୍ୱିପ୍ରହରରେ ଯୁବକ ଜଣକ ୬୦ନଂ ଜାତୀୟ ରାଜପଥ ଜମାଳପୁର ବାଇପାସ୍ଠାରେ ଗଲାବେଳେ ତାକୁ କାବୁ କରିଥିଲେ । ଆଶ୍ଚର୍ଯ୍ୟର କଥା ପୁଲିସ୍, ଏସ୍ଟିଏଫ କିମ୍ବା ଅବକାରୀ ବିଭାଗ ଧଳଜହର ବ୍ୟବସାୟୀର କିଂଗ୍ପିନ୍କୁ ଅଦ୍ୟାବଧି ଧରିପାରୁନଥିବା ବେଳେ କେବଳ ବ୍ୟବସାୟୀ କିମ୍ବା ଡେଲିଭାରି ବୟ ମାନଙ୍କୁ ଗରିଫ କରିବାରେ ସଫଳ ହେଉଛି । ସୂଚନାଯୋଗ୍ୟ ବିଗତ ୫ବର୍ଷ ମଧ୍ୟରେ ଜଳେଶ୍ୱର ନିକଟବର୍ତ୍ତୀ ଅଂଚଳରେ କେତେକ ବ୍ୟକ୍ତି କୋଟି କୋଟି ଟଙ୍କାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି କରିପାରିଛନ୍ତି । ସେମାନଙ୍କ ରୋଜଗାର ଓ ଆୟକରକୁ ଲକ୍ଷ୍ୟକରି ସେମାନଙ୍କର ତଦନ୍ତ ପରିସରଭୁକ୍ତ କରାଯିବାକୁ ଅଂଚଳବାସୀ ଦାବି କରିଛନ୍ତି ।

# ଏଲ୍ପିଜି ସିଲିଣ୍ଡର ଦାମ୍ ବୃଦ୍ଧି

ଭୁବନେଶ୍ୱର,୦୬/୦୯ (ନି.ପ୍ର): ପୁଣି ବଢ଼ିଲା ଏଲ୍ପିଜି ସିଲିଣ୍ଡର ଦାମ୍। ପ୍ରତି ସିଲିଣ୍ଡର ପିଛା ୧୫ ଟଙ୍କା ବୃଦ୍ଧି ହୋଇଛି। ନୂଆ ଦର ଲାଗୁ ହେବା ପରେ ଦିଲ୍ଲୀରେ ୧୪ କେଜି ସିଲିଣ୍ଡର ପିଛା ଦାମ୍ ୮୯୯ ଟଙ୍କା ୫୦ ପଇସାରେ ପହଂଚିଛି। ପୂର୍ବରୁ ଏହି ଦାମ୍ ୮୮୪ ଟଙ୍କା ୫୦ ପଇସା ଥିଲା। ସେହିପରି କୋଲକାତାରେ ଏଲପିଜି ସିଲିଣ୍ଡରର ମୂଲ୍ୟ ୯୧୧ ରୁ ୯୨୬ ଟଙ୍କାକୁ ବୃଦ୍ଧି ପାଇଛି। ମୁମ୍ବାଇରେ ଏଲପିଜି ମୂଲ୍ୟ ୮୪୪.୫୦ ରୁ ୮୯୯.୫୦ ଟଙ୍କାକୁ ବୃଦ୍ଧି ପାଇଛି ଏବଂ ଚେନ୍ନାଇରେ ସବସିଡି ନଥିବା ସିଲିଣ୍ଡରର ମୂଲ୍ୟ ବର୍ତ୍ତମାନ ୯୧୫.୫୦ ଟଙ୍କାକୁ ବୃଦ୍ଧି ପାଇଛି। ଏହା ପୂର୍ବରୁ ମଧ ଅକ୍ଟୋବର ୧ ତାରିଖରେ ତୈଳ କମ୍ପାନୀ ୧୯



କେଜି କମର୍ସିଆଲ ଗ୍ୟାସ୍ ସିଲିଣ୍ଡର ପିଛା ୪୩ ଟଙ୍କା ୫ ପଇସା ବଢ଼ାଇଥିଲେ। କିନ୍ତୁ ସେତେବେଳେ ଘରୋଇ ଗ୍ୟାସ୍ ସିଲିଣ୍ଡର ଦାମ୍ ବଢ଼ିନଥିଲା। ଚଳିତ ବର୍ଷ ଏଲ୍ପିଜି ଘରୋଇ ସିଲିଣ୍ଡରରେ ୨୦୫ ଟଙ୍କା ଯାଏଁ ବୃଦ୍ଧି ହୋଇସାରିଲାଣି। ଗତ ବର୍ଷ ତୁଳନାରେ ଘରୋଇ ଗ୍ୟାସ୍ ସିଲିଣ୍ଡର ଦାମ୍ ଦୁଇ ଗୁଣା ବଢ଼ିଛି। ଏହାପୂର୍ବରୁ ଅଗଷ୍ଟ ଆରମ୍ଭରେ ମଧ ଏଲପିଜି ମୂଲ୍ୟ ୨୫ ଟଙ୍କା ବୃଦ୍ଧି କରାଯାଇଥିଲା।

# ଲଖୀମପୁରରେ ତେଜୁଛି ଚାଷୀ ରାଜନୀତି

## ଘଟଣାସ୍ଥଳକୁ ଯିବାକୁ ରାହୁଲ, ପ୍ରିୟଙ୍କାଙ୍କୁ ଅନୁମତି

ନୂଆଦିଲ୍ଲୀ,୦୬/୦୯: ୟୁପି ସରକାର ତରଫରୁ ରାହୁଲି ଗାନ୍ଧୀ, ପ୍ରିୟଙ୍କା ଗାନ୍ଧୀ ଭଦ୍ରାଙ୍କ ସମେତ ୫ଜଣଙ୍କୁ ଲଖୀମପୁର ଖେରୀ ଯାତ୍ରା କରିବାକୁ ମିଳିଛି ଅନୁମତି । ଆଉ ଅନୁମତି ମିଳିବା ପରେ ଲକ୍ଷ୍ନୌରେ ପହଁଚି ପ୍ରଥମେ ସୀତାପୁର ଅଭିମୁଖେ ବାହାରି ଥିଲେ ରାହୁଲ । ଆଉ ସେଠାରୁ ଭଉଣୀ ପ୍ରିୟଙ୍କାଙ୍କୁ ନିଜ ସାଥିରେ ନେଇ ଲଖୀମପୁର ଯାତ୍ରା



କରିଥିଲେ । ହେଲେ ଏହି ଯାତ୍ରା ରାହୁଲ ଗାନ୍ଧୀଙ୍କ ପାଇଁ ସହଜ ନଥିଲା । ନିଜ ବ୍ୟକ୍ତିଗତ ଗାଡିରେ ନିବାକୁ ରାହୁଲଙ୍କୁ ପ୍ରଥମେ ମିଳି ନଥିଲା। ଲକ୍ଷ୍ନୌ ପ୍ରଶାସନର ଅନୁମତି । ଯାହାକୁ ନେଇ ଏୟାରପୋର୍ଟରେ ଧାରଣାରେ ବସିଥିଲେ ରାହୁଲ । ଲକ୍ଷ୍ନୌ ଏୟାରପୋର୍ଟରେ ପହଁଚିବା ପରେ କିଛି ଏହିପରି ଧାରଣାରେ ବସିଥିଲେ ରାହୁଲ ଗାନ୍ଧୀ । ଲକ୍ଷ୍ନୌ ପ୍ରଶାସନ ରାହୁଲ ଗାନ୍ଧୀଙ୍କୁ ତାଙ୍କ ବ୍ୟକ୍ତିଗତ ଗାଡିରେ, ସୀତାପୁର ଓ ଲଖୀମପୁର ଯିବାକୁ ଅନୁମତି ନଦେବାରୁ ରାହୁଲ ଏପରି ଧାରଣାରେ ବସିଥିଲେ । ଏହାସହ ରାହୁଲ ଗାନ୍ଧୀଙ୍କୁ ଏୟାରପୋର୍ଟରେ ମୁଖ୍ୟ ଦ୍ୱାର ଦେଇ ବାହାରିବାକୁ ବି ଅନୁମତି ମିଳିନଥିଲା । ସେଥିରେ ରାଗିଯାଇଥିଲେ କଂଗ୍ରେସ ନେତା । ଆଉ ତାଙ୍କୁ ନିଜ ଇଚ୍ଛାରେ ଯାତ୍ରା କରିବାକୁ ଅନୁମତି ▶▶ପୃଷ୍ଠା ୭

# ପୁଣି ବଢ଼ିଲା ପେଟ୍ରୋଲ ଓ ଡିଜେଲ ଦର

ଭୁବନେଶ୍ୱର,୦୬/୦୯(ନି.ପ୍ର): କ୍ରମାଗତ ଦ୍ୱିତୀୟ ଦିନ ପାଇଁ ବଢିଛି ପେଟ୍ରୋଲ ଓ ଡିଜେଲ ଦର । ଆଜି ପେଟ୍ରେଲ ଲିଟର ପିଛା ଦର ପୁଣି ୩୦ ପଇସା ଓ ଡିଜେଲ ଲିଟର ୩୫ ପଇସା ମହଙ୍ଗା ହୋଇଛି । ୬ମାସ ଭିତରେ ରାଜ୍ୟରେ ପେଟ୍ରୋଲ ଦର ୧୨ଟଙ୍କା ୪୭ପଇସା ବୃଦ୍ଧି ପାଇଛି । ଏହି ୬ମାସରେ ଡିଜେଲ ୧୧ଟଙ୍କା ୬୦ପଇସା ବଢିଛି । ଗତ ୭ଦିନ ଭିତରେ ପେଟ୍ରୋଲ ଦର ୧ଟଙ୍କା ୩୨ପଇସା ବଢିଛି । ସେହିପରି ଏହି ୭ଦିନରେ ଡିଜେଲ ଦର ୧ଟଙ୍କା ୭୧ପଇସା ବଢିଛି । ଫଳରେ ମାଲକାନଗିରି କାଲିମେଳାରେ ପେଟ୍ରୋଲ ଲିଟର ପିଛା ଦର ୧୧୦ଟଙ୍କା ୪୫ ପଇସା ଓ ଡିଜେଲ ଲିଟର ପିଛା ଦର ୧୦୬ ଟଙ୍କା ୧ ପଇସା ହୋଇଛି । ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୩ଟଙ୍କା ୮୪ପଇସା ରହିଛି । ଅପରପକ୍ଷରେ ଦେଶର ୨୬ଟି ରାଜ୍ୟରେ ପେଟ୍ରୋଲ ଦର ଶହେ ଟଙ୍କା ପ୍ରତି ଲିଟର ଅତିକ୍ରମ କରିସାରିଛି । ଓପେକ୍ ରାଷ୍ଟ୍ରମାନଙ୍କ ଦ୍ୱାରା ଆହୂତ ବୈଠକରେ ଆଶାନୁରୂପ ▶▶ପୃଷ୍ଠା ୭

# ଅବସରପ୍ରାପ୍ତ ସମବାୟ କର୍ମଚାରୀଙ୍କ ପକ୍ଷରୁ ସ୍ମାରକପତ୍ର




ବାଲେଶ୍ୱର,୬/୧୦ (ନି.ପ୍ର): କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ)ରୁ ପେନସନ ପାଉଥିବା କେନ୍ଦ୍ର ସମବାୟ ବ୍ୟାଙ୍କର ଅବସରପ୍ରାପ୍ତ କର୍ମଚାରୀମାନେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୩ଦଫା ଦାବିପତ୍ର ପ୍ରଦାନ କରିଛନ୍ତି । ମାସିକ ସର୍ବନିମ୍ନ ୯ହଜାର ଟଙ୍କା ପେନସନ ସହ ମହଙ୍ଗାଭତ୍ତା, ଉଚ୍ଚ ହାରରେ ବେତନ ପାଇଥିବା କର୍ମଚାରୀଙ୍କୁ ବେତନ ହାରରେ ଅଧିକ ପେନସନ ଓ ସରକାରଙ୍କ ସ୍ୱାସ୍ଥ୍ୟବୀମାଭୁକ୍ତ କରିବା ପାଇଁ ଦାବି କରାଯାଇଛି । ଦୀର୍ଘବର୍ଷ ଧରି କାର୍ଯ୍ୟ କରି ଅବସର ନେବାପରେ ବହୁ କର୍ମଚାରୀ ମାସିକ ଏକ ହଜାର ଟଙ୍କାରୁ କମ୍ ପରିମାଣର ପେନସନ ପାଉଥିବା ସଂପର୍କରେ ସେମାନେ ଅଭିଯୋଗ କରିଛନ୍ତି । ବ୍ୟାଙ୍କରୁ ଅବସର ନେବା ପରେ ବହୁ ବରିଷ୍ଠ ନାଗରିକ ଜରାରୋଗରେ ପିଡ଼ିତ ହୋଇ ଆର୍ଥିକ ଅନାଟନରୁ ଚିକିତ୍ସିତ ହୋଇପାରୁ ନଥିବାରୁ ଅକାଳରେ ମୃତ୍ୟୁବରଣ କରୁଛନ୍ତି । ଏନେଇ କର୍ମଚାରୀମାନେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ସମ୍ବଳିତ ସ୍ମାରକପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି । ସ୍ମାରକପତ୍ର ପ୍ରଦାନ ବେଳେ ଇପିଏଫ୍ ପେନସନର୍ସ ଆସୋସିଏସନର ଜିଲା ସମ୍ପାଦକ ବିଷ୍ଣୁପ୍ରସାଦ ମହାନ୍ତି, ଜିଲା ସଭାପତି ଇଂ. ଅନାଦି ଚରଣ ବେହେରା, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ଅଭିରାମ ମହାନ୍ତି, ବ୍ରଜମୋହନ କର, ହରିଶ୍ଚନ୍ଦ୍ର ସାହୁ ଓ ରବୀନ୍ଦ୍ର ନାଥ ବେହେରା ପ୍ରମୁଖ ଉପସ୍ଥିତ ଥିଲେ । ଦାବିପତ୍ର ପ୍ରଦାନପରେ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ମଚାରୀ ସଂଘ ଗୃହରେ ବ୍ୟାଙ୍କ୍ କର୍ମଚାରୀମାନଙ୍କୁ ନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା ।

# ଉଦ୍‌ଘାଟନ ଅପେକ୍ଷାରେ ନୁତନ ଗୃହ, ବିପଦ ସଂକୁଳ ଘରେ ଚାଲିଛି ରୋଗୀସେବା : ହସ୍ତାନ୍ତର ହେଉନି ନୁତନ ଗୃହ

ନିମାପଡ଼ା,୬/୧୦ (ନି.ପ୍ର): ହସ୍ତାନ୍ତରରେ ବାଧକ ସାଜିଛି ଉଦ୍‌ଘାଟନା । କାମରେ ଆସୁନି ପୁରୀ ଜିଲ୍ଲା ନିମାପଡା ବ୍ଲକ ଅନ୍ତର୍ଗତ ବଳଙ୍ଗା ଡାକ୍ତରଖାନାର ନୁତନ ଗୃହ । ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇସାରିଥିଲେ ମଧ ସ୍ୱାସ୍ଥ୍ୟବିଭାଗକୁ ହସ୍ତାନ୍ତର କରାଯାଇନଥିବାରୁ ଏହି ଗୃହ ଲୋକମାନଙ୍କ କାମରେ ଆସୁନଥିବା ଅଭିଯୋଗ ହେଉଛି। ଫଳରେ ଅତ୍ୟନ୍ତ ବିପଦ ସଂକୁଳ ଅବସ୍ଥାରେ ପୁରୁଣା ଭଙ୍ଗାଦଦରା ଘରେ ଚାଲିଛି ରୋଗୀ ସେବା ବର୍ଷା ବେଳେ ଛାତରୁ ପାଣିଗଳୁଥିବାରୁ ଏଠାକୁ ଆସୁଥିବା ରୋଗୀମାନେ ଛାତ ତଳେ ଛତା ଧରି ଡାକ୍ତରଙ୍କୁ ଦେଖା କରିଥାଆନ୍ତି । ନିମାପଡା , ପିପିଲି ସତ୍ୟବାଦୀ ବ୍ଲକର ୫୦ହଜାର ରୁ ଉର୍ଦ୍ଧ୍ୱ ଜନସାଧାରଣ ସ୍ୱାସ୍ଥ୍ୟସେବା ପାଇଁ ଏହି ଡାକ୍ତରଖାନା ଉପରେ ନିର୍ଭର ଶୀଳ ଅଟନ୍ତି । ସେହିଭଳି ଦୈନିକ ୨ଶହରୁ ଉର୍ଦ୍ଧ୍ୱ ରୋଗୀ ଚିକିତ୍ସା ସେବା ପାଇଁ ଏହି ଡାକ୍ତରଖାନାକୁ ଆସୁଥିଲା ବେଳେ ବଳଙ୍ଗା ଥାନା ବିସ୍ଫୋରଣ ପରେ ଚେତା ପଶିଲା ପରି ଡାକ୍ତରଖାନାରେ ଅଘଟଣ ଘଟିଲେ ଜିଲ୍ଲା ପ୍ରଶାସନର ଚେତା ପଶିବ ବୋଲି ସାଧାରଣରେ ଆଲୋଚନା ହେଉଛି । ଦୀର୍ଘ ଦିନ ଧରି ଏହି ଡାକ୍ତଖାଖାନା ଗୃହକୁ ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ବିପଦ ସଂକୁଳ ଘୋଷଣା କରାଯିବା ପରେ ଅଂଚଳ ବାସୀଙ୍କ ବାରମ୍ବାର ଦାବି ପରେ ଡାକ୍ତରଖାନାର ଉନ୍ନତି କରଣ ନିମନ୍ତେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ୨୦୧୯ରେ ନୁତନ ଗୃହ ନିର୍ମାଣ ପାଇଁ ୮୫ଲକ୍ଷ ଟଙ୍କା ମଂଜୁର ହୋଇଥିଲା । ନିର୍ମାଣ କାର୍ଯ୍ୟ ୧ବର୍ଷ ମଧ୍ୟରେ ସାରିବାର ଥିଲା ବେଳେ ପ୍ରଶାସନିକ ଓ ଠିକାଦାରୀ ପ୍ରୀତି ପାଇଁ ଆହୁରି ୧ବର୍ଷ ବିଳମ୍ବ ହେଲା । ଏହି ଡାକ୍ତରଖାନାକୁ ଗତ ଅଗଷ୍ଟ ମାସ ୧୯ତାରିଖରେ ପୁରୀ ଜିଲ୍ଲାପାଳ ପରିଦର୍ଶନରେ ଆସି ଯଥା ଶିଘ୍ର ହସ୍ତାନ୍ତର କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ସ୍ୱାସ୍ଥକେନ୍ଦ୍ରର କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ପ୍ରବେଶ ଦ୍ୱାରରେ ତାଲା ଝୁଲାଇ ଦିଆଯାଇଛି । କେବେବେଳ ଉଦ୍‌ଘାଟନ କରାଗଲେ ହସ୍ତାନ୍ତର କରାଯିବା ବୋଲି କୁହାଯାଉଛି । ଏହି ସ୍ୱାସ୍ଥ୍ୟ କେନ୍ଦ୍ର ରେ ଉନ୍ନତ ମାନର ଚିକିତ୍ସା ଉପଲବ୍ଧ କରାଇବା ପାଇଁ ୬ଶଯ୍ୟା ବିଶିଷ୍ଟ ଡାକ୍ତରଖାନ ଗୃହ ନିର୍ମାଣ ସହ ଗୋଟିଏ ଛାତ ତଳେ ସମସ୍ତ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ସେତେବେଳେ ଘୋଷଣା କରାଯାଇଥିଲା । ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଗଣଶିକ୍ଷା ମନ୍ତ୍ରୀ ସମିର ରଂଜନ ଦାଶ ଏଥିପ୍ରତି ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି ।

# ସମାଜର ୧୦୨ ବର୍ଷ ପାଳନ ଅବସରରେ ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନା ସମ୍ବର୍ଦ୍ଧିତ

ଜଳେଶ୍ୱର,୬/୧୦ (ନି.ପ୍ର): ପ୍ରତିବର୍ଷ ପରି ଚଳିତବର୍ଷ ଅକ୍ଟୋବର ୪ ତାରିଖ ସମାଜର ୧୦୨ ବର୍ଷ ପୁର୍ତ୍ତି ଅବସରରେ କଟକର ଗୋପବଂଧୁ ଭବନରେ କୃତି ଶିକ୍ଷକ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଗୁରୁ ଗୌରବ ସମ୍ମାନ ଲାଗି ବରିଷ୍ଠ ପ୍ରାଧ୍ୟାପକ ତଥା ଡାକ୍ତର ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ମୋ ଦେଶ ମୋ ସନ୍ଦେଶ ବାର୍ତ୍ତା ନେଇ ପ୍ରକାଶ ପାଇଥିବା ତଥ୍ୟକୁ ଆଧାର କରି ରାଜ୍ୟର ୧୦ଜଣ ଶିକ୍ଷକ ମାନଙ୍କ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି । ଏହି ଉତ୍ସବରେ ବାଲେଶ୍ୱର ସଂସ୍କରଣ ଅଧିନ ଜଳେଶ୍ୱର ବ୍ଲକ ଅନ୍ତର୍ଗତ ଶାଳିକୋଠାସ୍ଥିତ ସଦାଶିବ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ହରେକୃଷ୍ଣ ଜେନାଙ୍କୁ ଶ୍ରେଷ୍ଠ ବାର୍ତ୍ତାଲାଗି ସମ୍ବର୍ଦ୍ଧିତ କରାଯାଇଛି । ସମାଜର ପୂର୍ବତନ ବ୍ରହ୍ମପୁର ପ୍ରତିନିଧି ତଥା ଓଡିଶା ବିଧାନସଭା ବାଚସ୍ପତି ସୂର୍ଯ୍ୟନାରାୟଣ ପାତ୍ର ମୁଖ୍ୟ ଅତିଥିଭାବେ ଓ ରେଭେନ୍ସା ବିଶ୍ୱବିଦ୍ୟାଳୟର କୂଳପତି ଡ. ସଂଜୟ କୁମାର ନାୟକ ଯୋଗଦେଇ ଏହି ସମ୍ବର୍ଦ୍ଧନା ପ୍ରଦାନ କରିଛନ୍ତି । ଏହା ଜଣାଯିବାପରେ ଜଳେଶ୍ୱର ଅଂଚଳରେ ଖୁସିର ଲହରି ଖେଳି ଯାଇଛି ।

# ଉଦ୍ୟୋଗ ବିକାଶ ତାଲିମ କାର୍ଯ୍ୟକ୍ରମ ଉଦଯାପିତ

ନୂଆପଡ଼ା,୬/୧୦ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ବାଦୀ ଗ୍ରାମ ସ୍ଥିତ ଶିଳ୍ପ ତାଲିମ କେନ୍ଦ୍ର ଠାରେ ଜିଲ୍ଲାସ୍ତରୀୟ ଉଦ୍ୟୋଗ ବିକାଶ ତାଲିମ ଶିବିର ଉଦଯାପିତ ହୋଇଯାଇଛି । ଉଦଯାପନି ସଭାରେ ଖଡ଼ିଆଳ ଶିଳ୍ପ ତାଲିମ ଅନୁଷ୍ଠାନର ଅଧ୍ୟକ୍ଷ ସନ୍ତୋଷ କୁମାର ହୋତା, ୟୁନିୟନ ବ୍ୟାଙ୍କ ଶାଖା ପରିଚାଳକ ଅଭିଳାଷ ଗୁରୁ, ଆକ୍ସିସ ବ୍ୟାଙ୍କ ଶାଖା ପରିଚାଳକ ସରୋଜ ସାହୁ, ଜିଲ୍ଲା ଶିଳ୍ପ ବିକାଶ ଅଧିକାରୀ ରମେଶ ଚନ୍ଦ୍ର ସାହୁ, ଷ୍ଟେନୋ ସ୍ୱାଧୀନ କେତନ ମହାରଣା , ଉଦ୍ୟୋଗୀ ନୀତିଶ ପ୍ରସାଦ ଅଗସ୍ତି, ବିକାଶ ବଂଶଲ ପ୍ରମୁଖ ମଞ୍ଚାସିନ ଥିଲେ । ଏଥିରେ ବିଭିନ୍ନ ଯୋଜନାରେ ନିୟୋଜିତ ରହି ଆତ୍ମନିର୍ଭରଶୀଳ ହେବା ଉପରେ ବୁଝାଇଥିଲେ । କୁଟୀର ଶିଳ୍ପ ତଥା ଅନ୍ୟାନ୍ୟ ଧନ୍ଦା ମୁଳକ କାର୍ଯ୍ୟକ୍ରମ କରି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟମାନଙ୍କ ଆତ୍ମ ନିଯୁକ୍ତି ଦେବାକୁ ଅତିଥି ମାନେ ଆହ୍ୱାନ ଦେଇଥିଲେ । ଏହି ଅବସରରେ ସମସ୍ତ ୬୦ ଜଣ ତାଲିମ ଗ୍ରହଣକାରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ଶେଷରେ ଖଡ଼ିଆଳ ଶିଳ୍ପ ବିକାଶ ଅଧିକାରୀ ଆନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

# ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀର ରକ୍ଷଣାବେକ୍ଷଣ ଓ ପରିଚାଳନା ସମ୍ବନ୍ଧରେ ସମନ୍ୱୟ ବୈଠକ

କେନ୍ଦ୍ରାପଡ଼ା,୬/୧୦ (ନି.ପ୍ର): ବହୁମୁଖୀ ବାତ୍ୟା ଓ ବନ୍ୟା ଆଶ୍ରୟ ସ୍ଥଳୀର ରକ୍ଷଣାବେକ୍ଷଣ ଓ ପରିଚାଳନା ସମ୍ବନ୍ଧୀୟ ଏକ ସମନ୍ୱୟ ବୈଠକ ମଙ୍ଗଳବାର ଜଝାଙ୍ଗ ସ୍ଥିତ ସର୍କିଟ ହାଉସରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା ଅଧ୍ୟକ୍ଷତା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଜରୁରୀ କାଳୀନ ଅଧିକାରୀ ସମ୍ବିତ ଶତପଥୀ, ଜରୁରୀକାଳୀନ ବିଭାଗର ପ୍ରୋଜେକ୍ଟ ଅଫିସର ଅଜୟ କୁମାର ମହାନ୍ତି, ଆସିଷ୍ଟାଣ୍ଟ ଇଂଜିନିୟର ତୁହାରକାନ୍ତ ନାୟକ, ଗୌରାଙ୍ଗ ଚରଣ ବେହେରା ପ୍ରମୁଖ ଉପସ୍ଥିତ ରହି ବାତ୍ୟା ଆଶ୍ରୟସ୍ଥଳୀରେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଜନ ସାଧାରଣଙ୍କୁ ନିରାପଦ ଆଶ୍ରୟ ଦେବା ସମ୍ବନ୍ଧରେ ସମୀକ୍ଷା କରିଥିଲେ । ଏହାର ଦୈନନ୍ଦିନ ବ୍ୟବହାର, ପରିଚାଳନା ଓ ରକ୍ଷଣା ବେକ୍ଷଣ ପାଇଁ ଗୋଷ୍ଠୀ ସ୍ତରରେ ଦାୟିତ୍ୱ ରହିଥିବାରୁ ନିର୍ମାଣ ହୋଇଥିବା ଗ୍ରାମର ଓ ସଂଯୋଗ ଗ୍ରାମର ପ୍ରତିନିଧି , ସ୍ଥାନୀୟ ସରକାରୀ ପ୍ରତିନିଧି ଓ ପଂଚାୟତ ପ୍ରତିନିଧିଙ୍କୁ ନେଇ ପରିଚାଳନା ଓ ରକ୍ଷଣା ବେକ୍ଷଣ ସମିତି ଗଠନ କରାଯିବ । ଆଶ୍ରୟସ୍ଥଳୀ ଥିବା ପଂଚାୟତର ସରପଂଚ, ଉକ୍ତ ସମିତିର ସଭାପତି ଓ ଜଣେ ଗ୍ରାମ ପ୍ରତିନିଧିଙ୍କୁ ନେଇ ମନୋନିତ କରାଯିବ । ଏହି ପରିଚାଳନା ସମିତିରେ ଦିବ୍ୟାଙ୍ଗ ପ୍ରତିନିଧି, ମହିଳା ପ୍ରତିନିଧି, ଏସଏଚଜି ଗ୍ରୁପ ର ପ୍ରତିନିଧି ଓ ସବୁ ବର୍ଗରେ ପ୍ରତିନିଧି ମାନେ ସଦସ୍ୟ ରହିବେ । ଏଥିରେ ୨୫ ଜଣ ସଦସ୍ୟକୁ ନେଇ ପରିଚାଳନା ସମିତି ଗଠନ କରାଯିବ । ଆଶ୍ରୟ ସ୍ଥଳୀରେ ଜାତି, ଧର୍ମ, ବର୍ଣ୍ଣ, ଲିଙ୍ଗ, ଭାଷାଭାଷୀ ନିର୍ବିଶେଷରେ ସମସ୍ତେ ଆଶ୍ରୟ ନେଇ ପାରିବେ । ପରିଚାଳନା ସମିତର ଅନୁମୋଦନ କ୍ରମେ ଆଶ୍ରୟ ସ୍ଥଳୀକୁ ସରକାରୀ, ସାଂସ୍କୃତିକ ଓ ସାମାଜିକ , ବ୍ୟବସାୟିକ କାର୍ଯ୍ୟରେ ଲଗାଯାଇ ପାରିବ ବୋଇଲି ବୈଠକରେ ନିଷ୍ପତି ନିଆଯାଇଛି ।

# କ୍ଲିନ ଇଣ୍ଡିଆ ପ୍ଲାଷ୍ଟିକ ମୁକ୍ତ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡ଼ା,୬/୧୦ (ନି.ପ୍ର): ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ମାନିଗୁଡା ପଞ୍ଚାୟତ ଅନ୍ତର୍ଗତ ନାଏକପଡ଼ା ଗ୍ରାମରେ ସ୍ୱାମୀ ବିବେକାନନ୍ଦ ୟୁଥ୍ କ୍ଲବ୍ ଓ ନେହେରୁ ଯୁବାକେନ୍ଦ୍ର ନୂଆପଡ଼ାର ମିଳିତ ପ୍ରଚେଷ୍ଟାରେ କ୍ଲିନ୍ ଇଣ୍ଡିଆ ପ୍ଲାଷ୍ଟିକ ମୁକ୍ତ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଗ୍ରାମର ମନ୍ଦିର, ସ୍କୁଲ ଘର, ଆଙ୍ଗନବାଡ଼ି ସେଂଟର୍ ତଥା ସମଗ୍ର ଗ୍ରାମକୁ ଭ୍ରମଣକରି ଯୁବକମାନଙ୍କ ଦ୍ୱାରା ପ୍ଲାଷ୍ଟିକ ସଫା କରାଯାଇଥିଲା । ଗ୍ରାମର ୱାର୍ଡ ମେମ୍ବର ସୁକ୍ରୁ ମାଝି ଏବଂ ୟୁଥ୍ କ୍ଲବର ସଭାପତି ଭଗବାନ ହଂସ, ସମ୍ପାଦକ ପୁରନ୍ଦର ହଂସ, ସରୋଜ ମାଝୀ, ଗୋବର୍ଦ୍ଧନ ହଂସ, ହରିହର ହଂସ, ଦୂର୍ଜେ ମାଝୀ, ଜିତୁ ହଂସ, ଲୋକନାଥ ହଂସ,ଲକ୍ଷ୍ମଣ ହଂସ, ହୃଷୀକେଶ ବନଛୋର, ପଣ୍ଟୁ ମାଝୀ, ଭଗତରାମ ମାଝୀ, ଦେବେନ୍ଦ୍ର ହଂସ, ବେଣୁଧର ମାଝୀ, ପରେଶ୍ ମାଝୀ, ଏବଂ ନେହେରୁ ଯୁବ କେନ୍ଦ୍ରର ସ୍ୱେଚ୍ଛାସେବୀ କହ୍ନେଇ ନିଆଲ ଓ ପ୍ରେମଲାଲ ଆଡବଂଗ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିବାରେ ପ୍ରମୁଖ ଭୂମିକା ତୁଲାଇଥିଲେ ।

# ହାଇକୋର୍ଟଙ୍କ ନିର୍ଦ୍ଦେଶ କେନ୍ଦ୍ରାପଡା କ୍ରେଡିଟ କୋପରେଟିଭ ସୋସାଇଟି ମାନୁନଥିବା ଅଭିଯୋଗ

କେନ୍ଦ୍ରାପଡ଼ା,୬/୧୦ (ନି.ପ୍ର): ଓଡିଶା ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ କେନ୍ଦ୍ରାପଡା କ୍ରେଡିଟ କୋପରେଟିଭ ସୋସାଇଟ ମାନୁନଥିବା ନେଇ କେନ୍ଦ୍ରାପଡା ସମବାୟ ସମିତି ସମୁହର ସହକାରୀ ନିବନ୍ଧକଙ୍କ ନିକଟରେ ଅଭିଯୋଗ ହୋଇଛି । ଅଭିଯୋଗ ଅନୁଯାଇ କେନ୍ଦ୍ରାପଡା କ୍ରେଡିଟ କୋପରେଟିଭ ସୋସାଇଟର ଜଣେ ବରିଷ୍ଠ ପରିଚାଳକ(ଇଂଟରନାଲ ଚେକିଂ) ରାଜଦୀପ ପଢିଆରୀଙ୍କୁ ସୋସାଇଟ ପକ୍ଷରୁ ନିଲମ୍ବିତ କରାଯାଇ ପାରାଦୀପସ୍ଥିତ ସୋସାଇଟର ଶାଖା କାର୍ଯ୍ୟାଳୟରେ ନିଲମ୍ବନ ସମୟର ହେଡକ୍ୱାଟର ଭାବେ ସ୍ଥିର କରାଯାଇଥିଲା । ଏହାବ୍ୟତିତ ତାଙ୍କୁ ନିଲମ୍ବନ ସମୟରେ ମିଳୁଥିବା ଆଲାଉନ୍ସକୁ ୨ମାସ ହେବ ବନ୍ଦ କରିଦିଆଯାଇଛି । ଏହା ବିରୋଧରେ ଶ୍ରୀ ପଢିଆରୀ ଓଡିଶା ଉଚ୍ଚ ନ୍ୟାୟାଳୟରେ ଡବ୍ଲୁପିସି ନମ୍ବର -୨୫୧୬୫/ ୨୦୨୧ରେ ଏକ ରିଟପିଟିସନ ଦାୟର କରିଥିଲେ । ସେହି ମାମଲାର ବିଚାର କରି ଓଡିଶା ଉଚ୍ଚ ନ୍ୟାୟାଳୟ ଗତ ସପ୍ଟେମ୍ବରମାସ ୬ତାରିଖରେ ଶ୍ରୀ ପଢିଆରୀଙ୍କ ହେଡକ୍ୱାଟର ପାରାଦୀପ ବଦଳରେ କେନ୍ଦ୍ରାପଡାରେ କରାଯିବା ସହ ତାଙ୍କ ବକେୟା ଆଲାଉନ୍ସ ହାଇକୋର୍ଟଙ୍କ ନିର୍ଦ୍ଦେଶ ଦିନ ଠାରୁ ୨ସପ୍ତାହ ମଧ୍ୟରେ ପ୍ରଦାନ କରାଯିବାକୁ କେନ୍ଦ୍ରାପଡା କ୍ରେଡିଟ କୋପରେଟିଭ ସୋସାଇଟକୁ ନିର୍ଦ୍ଦେଶ ଦେଇଥିଲେ । କିନ୍ତୁ ଏହା ମଧ୍ୟରେ ଏକମାସ ପୁରଣ ହୋଇଥିଲେ ମଧ କେନ୍ଦ୍ରାପଡା କ୍ରେଡିଟ କୋପରେଟିଭ ସୋସାଇଟ ହାଇକୋର୍ଟଙ୍କ ସେହି ନିର୍ଦ୍ଦେଶର ପାଳନ କରିନଥିବା ଶ୍ରୀ ପଢିଆରୀ ଅଭିଯୋଗ କରିଛନ୍ତି । ଏସମ୍ପର୍କରେ ଶ୍ରୀ ପଢିଆରୀ ସମବାୟ ସମିତି ସମୁହର ନିବନ୍ଧକଙ୍କୁ ମଧ ଜଣାଇଥିବା ସୂଚନା ଦେଇଛନ୍ତି ।

# ସାଂଘାତିକ ସ୍ଥିତରେ ପୁରୀର ଭୂତଳଜଳ : ମଧୁରଜଳ ଅଂଚଳରେ ବାହାରୁଛି ଲୁଣିପାଣି

ପୁରୀ,୬/୧୦ (ନି.ପ୍ର): ସହରରେ ଥିବା ମଧୁରଜଳ ଅଞ୍ଚଳର ଭୂତଳଜଳ ଏବେ ସଂକ୍ରମିତ ହେବା ସହ ଲୁଣିପାଣି ବାହାରୁଥିବା ଜନତା ଅଭିଯୋଗ କରିଛନ୍ତି । ବଳିଆପଣ୍ଡା ମଧୁରଜଳ ଅଞ୍ଚଳ ଓ ତାଳବଣିଆ ମଧୁରଜଳ ଅଞ୍ଚଳରେ ଅନେକ କୋଠାବାଡ଼ି, ଲଜିଂ, ହୋଟେଲ , ପାଣିବୋତଲ ଫ୍ୟାକ୍ଟ୍ରୀ ଗଢି ଉଠିଥିବାବେଳେ ଭୂତଳଜଳ ଶୋଷଣ ଯୋଗୁଁ ମଧୁରପାଣି ଶେଷ ହେବାକୁ ବସିଲାଣି । ବଡ଼ ବଡ଼ ହୋଟେଲ ବୋରିଂ ଦ୍ୱାରା ପାଣି ଉଠାଇବା ଯୋଗୁଁ ମଧୁରପାଣି ଶେଷ ହେବା ସହ ସମୁଦ୍ରରୁ ଲୁଣି ପାଣି ଝରାଇ ଟ୍ୟୁବଲ ଦ୍ୱାରା ଲୁଣି ପାଣି ଆସୁଛିବୋଲି ଅଂଚଳବାସି କହୁଛନ୍ତି । ମଣିଷ ବଂଚିବା ପାଇଁ ଶୁଦ୍ଧ ନିର୍ମଳ ଓ ସ୍ୱଚ୍ଛ ପାଣି ଆବଶ୍ୟକ । ପ୍ରାଣୀ ଓ ଉଦ୍‌ବିଦ୍ଧ ଜଗତପାଇଁ ଜଳ ଆବଶ୍ୟକ । ମଣିଷ ଶରୀରର ଆଭ୍ୟନ୍ତରଣୀୟ ରସାୟନିକ ପ୍ରକ୍ରିୟା ପାଇଁ ଜଳ ଆବଶ୍ୟକ । ଜଳ ଯୋଗୁଁ ଶରୀରରେ ରକ୍ତ ପ୍ରଭାହିତ ହେଉଛି । ମଣିଷ ଶରୀରରେ ୭୦ ପ୍ରତିଶତ ଜଳ ରହିଛି । ଜଳ ଫୁସଫୁସ ଓ ଶରୀରକୁ ଅମ୍ଳଜାନ ଯୋଗଇଥାଏ । ପୁରୀ ସହରରେ ବର୍ଜ୍ୟବସ୍ତୁ ଓ ନାଳପାଣି ଯୋଗୁଁ ଭୂତଳଜଳ ପ୍ରଦୂଷିତ ହେଉଛି । ବଳିଆପଣ୍ଡାରେ ଥିବା ମଦୁରଜଳ ଅଂଚଳ ଏବେ ସାଘାଂତିକ ଭାବେ ସଂକ୍ରମିତ ହେବା ସହ ଲୁଣିପାଣି ପ୍ରବେଶ କରୁଛି । ଶହ ଶହ ହୋଟେଲ ଗଢି ଉଠିବା ଯୋଗୁ ଅଧିକ ସଂଖ୍ୟକ ଟ୍ୟୁବଲ ଓ ବୋରିଂ କରି ଭୂତଳଜଳ ଉତୋଳନ କରାଯାଉଛି । ଆଇ ପାୱାର ମୋଟର ବ୍ୟବହାର କରି ଚାରି ଇଂଚିଆ ପ୍ଲାଷ୍ଟିକ ପାଇପ୍ ଯୋଗେ ଭୂତଳଜଳ ଉତୋଳନ କରାଯାଇ ହୋଟେଲର ପାଣି ଟାଙ୍କିରେ ମହଜୁଦ କରାଯାଉଛି । ଭୂତଳ ଜଳରେ ଆରସେନିକ୍ ମାତ୍ରା ଅଧିକ ରହୁଥିବାରୁ ପର୍ଯ୍ୟଟକମାନଙ୍କ ଦାନ୍ତ ହଳଦିଆ ପଡୁଥିବା ଅଭିଯୋଗ କରୁଛନ୍ତି । ଫ୍ଲୋରାଇଡ୍ ମାତ୍ରା ଅଧିକ ରହୁଥିବାରୁ ପେରୋସିସ୍ ରୋଗ ଆସ୍ତେ ଆସ୍ତେ ବୃଦ୍ଧି ପାଉଛି । ଆରସେନିକ ଯୋଗେ ଅଧିକ ବ୍ୟକ୍ତିଙ୍କର ଚମ ଧୁଡୁ ଧୁଡୁ ହେବା ସହ ଅକାଳ ବାର୍ଦ୍ଧକ୍ୟ ପରି ଦେଖା ଯାଉଛନ୍ତି । ଜନସ୍ୱାସ୍ଥ୍ୟ ବିଭାଗ ଯନ୍ତ୍ରୀମାନେ ପ୍ରତି ହୋଟେଲ ଯାଞ୍ଚ କରି ଜଳଉତ୍ସ ଦେଖିବାପାଇଁ ସାଧାରଣରେ ଦାବି ହେଉଛି ।

# ସୁନ୍ଦରଗଡ଼ ଜିଲ୍ଲାରେ ଅଧିକ ଶିଳ୍ପ ସମ୍ଭାବନା ଉପରେ ଅନୁଧାନ ପାଇଁ ଡିଆଇପିଏକୁ ନିର୍ଦ୍ଦେଶ

ସୁନ୍ଦରଗଡ଼,୬/୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ଅଧ୍ୟକ୍ଷ ଶ୍ରୀ ଅସିତ୍ ତ୍ରିପାଠୀ ସୁନ୍ଦରଗଡ଼ ଜିଲ୍ଲା ଗସ୍ତରେ ଆସି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର କ୍ଷେତ୍ରସ୍ତରୀୟ ଅନୁଧ୍ୟାନ କରିଛନ୍ତି । ସୁନ୍ଦରଗଡ଼ରେ ପହଂଚିବା ପରେ ଶ୍ରୀ ତ୍ରିପାଠୀ ଫସଲ ବିବିଧକରଣ, ବିଭିନ୍ନ ଅର୍ଥକାରୀ ଫସଲ ଚାଷ, ଅଣୁ ଓ କ୍ଷୁଦ୍ର ଉଦ୍ୟୋଗ ପାଇଁ ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ, ଇସ୍ପାତଜାତ ଦ୍ରବ୍ୟର ପ୍ରକ୍ରିୟାକରଣ ଶିଳ୍ପ, ଉଦ୍ୟାନ କୃଷି, ଗୋପାଳନ ସହିତ ଅନ୍ୟ ଜୀବିକା ବିକାଶ ପ୍ରକଳ୍ପକୁ ପ୍ରୋତ୍ସାହନ ଦେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ ଅନ୍ୟ କେଉଁ ଶିଳ୍ପର ସମ୍ଭାବନା ରହିଛି ସେ ସମ୍ପର୍କରେ ଅନୁଧ୍ୟାନ କରିବା ପାଇଁ ସେ ଜିଲ୍ଲା ଶିଳ୍ପ ବିକାଶ ସଂସ୍ଥା(ଡିଆଇପିଏ)କୁ ନିର୍ଦ୍ଦେଶ ଦେଇଥିଲେ । ୧୫ଦିନ ଭିତରେ ଏହି ସଂସ୍ଥା ନିଜ ଅନୁଧାନ ରିପୋର୍ଟ ଦାଖଲ କରିବାକୁ ସେ କହିଥିଲେ । ସେହିପରି ତୈଳବୀଜ ସହିତ ବାଦାମ ଚାଷ ଉପରେ ଅଧିକ ଗୁରୁତ୍ୱ ଦେବାକୁ ବୈଠକରେ ଆଲୋଚନା ହୋଇଥିଲା । ୩୦ହଜାର ହେକ୍ଟର ଜମିରେ ତୈଳବୀଜ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏଥିପାଇଁ ଏକ ନିର୍ଦ୍ଦିଷ୍ଟ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବାକୁ ଜିଲ୍ଲାପାଳଙ୍କୁ ଶ୍ରୀ ତ୍ରିପାଠୀ ନିର୍ଦ୍ଦେଶ ଦେଇଥିଲେ । ଏହାସହ ନୂତନ ଶିଳ୍ପାଂଚଳ ସ୍ଥାପନ ପାଇଁ କୁଆରମୁଣ୍ଡା ଓ ନୂଆଗାଁ ବ୍ଲକର ଦେଓ ନଦୀ ଅବବାହିକାରେ ଆବଶ୍ୟକ ଜମି ଚିହ୍ନଟ ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ । କ୍ଷୀର ସଂଗ୍ରହ ରୁଟ୍‌ରେ ସୁନ୍ଦରଗଡ଼ ଜିଲ୍ଲାର କିଛି ଅଂଚଳକୁ ସାମିଲ କରିବା ବିଷୟ ବୈଠକରେ ଆଲୋଚନା ହୋଇଥିଲା । ସମୀକ୍ଷା ପରେ ଶ୍ରୀ ତ୍ରିପାଠୀ ସୁନ୍ଦରଗଡ଼ ଠାରେ ନିର୍ମାଣାଧୀନ ଭବାନୀ ଭବନ ଷ୍ଟାଡିୟମ ପରିଦର୍ଶନ କରିଥିଲେ । ସେଠାରେ ଖେଳାଳୀମାନଙ୍କ ପାଇଁ କରାଯାଇଥିବା ଆଧୁନିକ ବ୍ୟବସ୍ଥାର ତନଖି କରି ସନ୍ତୋଷ ପ୍ରକାଶ କରିଥିଲେ । ପରେ ସେ ରଙ୍ଗାଡ଼ିପାଠାରେ ଥିବା ସ୍ପିରୁଲିନା ଚିକି ପ୍ରସ୍ତୁତି କେନ୍ଦ୍ର ଏବଂ ମିଶନଶକ୍ତି ଗୃହ ବୁଲି ଦେଖିଥିଲେ । ସାନ ସାନ ପିଲାଙ୍କ ପୋଷଣ ପାଇଁ ପ୍ରଶାସନ ସହଯୋଗରେ ସ୍ପିରିଲିନା ଚିକି ପ୍ରସ୍ତୁତ କରୁଥିବା ମିଶନ ଶକ୍ତିର ମା'ମାନଙ୍କ କାମକୁ ଶ୍ରୀ ତ୍ରିପାଠୀ ପ୍ରଶଂସା କରିଥିଲେ । ଶ୍ରୀ ତ୍ରିପାଠୀ ମଧ ବାଙ୍ଗରପାଲି ବ୍ଲକ୍ ଗସ୍ତ କରି ଚାଷୀମାନେ କରିଥିବା କଦଳୀ ଚାଷ ଓ ମାଛ ଚାଷ ସ୍ଥାନ ଆଦି ବୁଲି ଦେଖିଥିଲେ । ଉଜ୍ଜଳପୁର ନିୟନ୍ତ୍ରିତ ବଜାର ସମିତି ଅଧିନରେ ନିର୍ମିତ ୧ହଜାର ମେଟ୍ରିକ୍ ଟନ୍ କ୍ଷମତା ବିଶିଷ୍ଟ ଗୋଦାମଘର, ରଙ୍ଗିଆମୁଣ୍ଡା ଠାରେ ଓଡ଼ିଶା ଜ୍ଞାନ ନିଗମ(ଓ.କେ.ସି.ଏଲ୍.) ଅଧିନରେ ଚାଲିଥିବା ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଧାନ କରିବା ସହ ବନ୍ଧପାଲିସ୍ଥିତ ମା' ଗୃହ ପରିଦର୍ଶନ କରି ଗର୍ଭବତୀ ମା'ମାନଙ୍କୁ ମିଳୁଥିବା ବିଭିନ୍ନ ସେବା ସମ୍ପର୍କରେ ସିଧାସଳଖ ସେମାନଙ୍କୁ ପଚାରି ବୁଝିଥିଲେ । ବନ୍ଧପାଲିସ୍ଥିତି ଟିପିଏସ୍ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଯାଇ ସେଠାରେ ୫-ଟି ଅଧିନରେ ହେଉଥିବା ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟର କ୍ଷେତ୍ରସ୍ତରୀୟ ସମୀକ୍ଷା କରିଥିଲେ । ସେଠାରେ ଚାଲିଥିବା ସ୍ମାର୍ଟ କ୍ଲାସ୍‌ରୁମ୍, ଆଧୁନିକ ବିଜ୍ଞାନାଗାର ଆଦି ବୁଲି ଦେଖିଥିଲେ । ଏହି ରୂପାନ୍ତରଣ କାର୍ଯ୍ୟକ୍ରମ କିଭଳି ସ୍କୁଲର ଶିକ୍ଷା ପରିବେଶରେ ଏକ ବ୍ୟାପକ ପରିବର୍ତନ ଆଣିବା ସହ ଛାତ୍ରଛାତ୍ରୀଙ୍କ ସ୍ୱପ୍ନ ସାକାର କରିବା ଦିଗରେ ସହାୟକ ହୋଇପାରିବ ତା' ଉପରେ ଶ୍ରୀ ତ୍ରିପାଠୀ ଛାତ୍ରଛାତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହ ଆଲୋଚନା କରିଥିଲେ । ଏହାପରେ ଶ୍ରୀ ତ୍ରିପାଠୀ ହେମଗିରି ବ୍ଲକ୍‌ର କମଲଗାଠାରେ ଥିବା ଗ୍ରାମୀଣ ପାଠାଗାର ଏବଂ ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିଥିଲେ । ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧିନରେ ତିଆରି ହୋଇଥିବା କୁକୁଡ଼ା ଫାର୍ମ ପରିଦର୍ଶନ କରିଥିଲେ । ଅପରାହ୍ନରେ ସେ ସୁନ୍ଦରଗଡ଼ ସଦର ବ୍ଲକ୍‌ରେ ଥିବା ବୃଦ୍ଧାଶ୍ରମ ଏବଂ ଭିନ୍ନକ୍ଷମ ଆଶ୍ରୟ କେନ୍ଦ୍ର ପରିଦର୍ଶନ କରିଥିଲେ । ଏନ୍‌ଟିପିସି ହସ୍ପିଟାଲ୍‌କୁ ଯାଇ ସେଠାରେ ଭିତିଭୂମି ଓ ଚିକିତ୍ସା ସୁବିଧାର ଅନୁଧାନ କରିଥିଲେ । ଏହି ଗସ୍ତ କାର୍ଯ୍ୟକ୍ରମବେଳେ ସୁନ୍ଦରଗଡ଼ ଜିଲ୍ଲାପାଳ ଶ୍ରୀ ନିଖିଳ ପବନ କଲ୍ୟାଣ, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶ ଭୈରବ ସିଂ ପଟେଲ୍, ସିଡିଏମ୍‌ଓ ଡାକ୍ତର ସରୋଜ କୁମାର ମିଶ୍ରଙ୍କ ସହ ଜିଲ୍ଲାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ଆବଶ୍ୟକୀୟ ତଥ୍ୟ ଓ ସୂଚନା ପ୍ରଦାନ କରିଥିଲେ ।

# ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଯୁବକଙ୍କୁ ନିସ୍ଥୁକ ମାଡ଼

ମାଲକାନଗିରି,୬/୧୦ (ନି.ପ୍ର): ଜିଲ୍ଲାର ଏମ.ପି.ଭି ୩ ଗ୍ରାମର ଜଣେ ଯୁବକଙ୍କୁ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ନିସ୍ଥୁକ ମାଡ ମାରିଥିବା ଅଭିଯୋଗ ! ଗୁରୁତର ଅବସ୍ତରେ ମାଲକାନଗିରି ଜିଲ୍ଲା ସଦର ମହକୁମା ମୁଖ୍ୟ ଚିକିତ୍ସାଳୟରେ ଭର୍ତି । ସୂଚନା ଅନୁଯାୟୀ ଏମ.ପି.ଭି - ୦୩ ଗ୍ରାମର କେଶବ ସରକାର ନିଜ ପାଖ ପଡୋଶୀଙ୍କ ଘରକୁ ଟିଭି ଦେଖିବାକୁ ଯାଇଥିଲେ । ଟିଭି ଦେଖି ଫେରିବା ସମୟରେ ପୂର୍ବ ଶତ୍ରୁତାକୁ ଭିତି କରି ଗ୍ରାମର ପ୍ରସାଦ ବାଇନ ଓ ପଙ୍କଜ ବାଇନ ମିଶି ଅସଭ୍ୟ ଭାଷାରେ ତାଙ୍କୁ ଗାଳି ଗୁଲଜ କରିବା ସହ ନିସ୍ଥୁକ ମାଡ ମାରିଥିଲେ । ଯାହା ଫଳରେ ତାଙ୍କ ମୁଣ୍ଡ ଫାଟି ଯାଇ କେଶବ ରକ୍ତାକ୍ତ ହୋଇଯାଇଥିଲେ । ଏହାପରେ ତାଙ୍କୁ ଜୀବନରୁ ମାରିଦେବା ପାଇଁ ମଧ ପ୍ରସାଦ ଓ ପଙ୍କଜ ଧମକ ଦେଇଥିଲେ । ଏହା ଜାଣିବା ପରେ ପରିବାର ଲୋକେ ସ୍ଥାନୀୟ ଲୋକେ ମିଶି କେଶବ ଙ୍କୁ ମାଲକାନଗିରି ଜିଲ୍ଲା ସଦର ମହକୁମା ସ୍ଥିତ ଚିକିତ୍ସାଳୟରେ ଭର୍ତି କରିଥିଲେ । ଏହା ପରେ କେଶବଙ୍କ ସ୍ତ୍ରୀ ଏନେଇ ମାଲକାନଗିରି ଆଦର୍ଶ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ତାଙ୍କର ଏତଲାକୁ ଭିତି କରି କେସ ନମ୍ବର ୪୫୦ରେ ଏକ ମାମଲା ରୁଜୁ କରି ମାଲକାନଗିରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।

# ମାଲକାନଗିରି ବ୍ଲକ ଶିକ୍ଷକ ସଂଘ ନିର୍ବାଚନ ଅନୁଷ୍ଠିତ

ମାଲକାନଗିରି,୬/୧୦ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦର ମହକୁମାସ୍ଥିତ ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ସଂଘ କାର୍ଯ୍ୟାଳୟରେ ମାଲକାନଗିରି ବ୍ଲକ ପ୍ରାଥମିକ ଶିକ୍ଷକ ସଂଘର କର୍ମକର୍ତା ନିର୍ବାଚନ ଜିଲ୍ଲା ସଭାପତି ରଞ୍ଜିତ କୁମାର ନାୟକଙ୍କ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଛି । ଉକ୍ତ ନିର୍ବାଚନରେ ନିର୍ବାଚନ ଅଧିକାରୀ ଭାବେ ଜିଲ୍ଲା ସଂଘର ଉପଦେଷ୍ଟା ନାରାୟଣ ଭୋଳ, ଜିଲ୍ଲା କର୍ମକର୍ତା ପ୍ରଭାତ ପରିଡା, ଅବସରପ୍ରାପ୍ତ ଶିକ୍ଷକ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ । ସହାୟକ ଭବେ ଗୌରୀ ଶ୍ୟାମ ମହାନ୍ତି, ଜୟଦେବ ରାଉଳ, ବାବାଜୀ ଚରଣ ସ୍ୱାଇଁ, ରତିକାନ୍ତ ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ । ନିର୍ବାଚନରେ ଜିଲ୍ଲା ସଭାପତି ଭାବେ ରାମ ପ୍ରସାଦ ପାଢୀ, ଉପସଭାପତି ଭାବେ ପରମେଶ୍ୱର ଡୁରୁକା, ମହିଳା ଉପସଭାପତି ବାସନ୍ତି ପଟଲା, ସମ୍ପାଦକ ଗୁରୁପଦ ସରକାର, ସଂଯୋଜକ ଭାବେ ଅର୍ଜୁନ ପଡିଆମି, ସଙ୍ଗଠନ ସଂମ୍ପାଦକ ଭାବେ ବଳରାମ କିର୍ସାନୀ , ସପନ କୁମାର ମଣ୍ଡଳ ନିର୍ବାଚିତ ହୋଇଥିଲେ ।

# ସମ୍ବଲପୁର ରେଳ ମଣ୍ଡଳରେ ଆନ୍ତଃ ବିଭାଗୀୟ ଫୁଟବଲ ଟୁର୍ଣ୍ଣାମେଂଟ

ସମ୍ବଲପୁର,୬/୧୦ (ନି.ପ୍ର): ପୂର୍ବତଟ ରେଳପଥ କ୍ରୀଡ଼ା ସଂଗଠନ, ସମ୍ବଲପୁର ଦ୍ୱାରୀ ଆନ୍ତଃ ବିଭାଗୀୟ ଫୁଟବଲ୍ ଟୁର୍ଣ୍ଣାମେଂଟ- ୨୦୨୧, ରେଳବାଇ ଷ୍ଟାଡିୟମ, ସମ୍ବଲପୁରରେ ୫ ଅକ୍ଟୋବରରୁ ୯ ଅକ୍ଟୋବର ୨୦୨୧ ମଧ୍ୟରେ ଆୟୋଜନ କରାଯାଉଅଛି । ଟୁର୍ଣ୍ଣାମେଂଟରେ ବିଭିନ୍ନ ବିଭାଗର ପ୍ରତିନିଧିତ୍ୱ କରୁଥିବା ୮ଟି ଦଳ ଅଂଶଗ୍ରହଣ କରିଛନ୍ତି । ଟୁର୍ଣ୍ଣାମେଂଟର ଉଦ୍‌ଘାଟନୀ ଉତ୍ସବରେ ଶ୍ରୀ ପ୍ରଦୀପ କୁମାର ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର ମୁଖ୍ୟ ଅତିଥି ଭାବରେ ଏବଂ ଶ୍ରୀ ଆନନ୍ଦ ସିଂ, ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ, ସମ୍ବଲପୁର ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ କୁମାର କହିଲେ ଯେ, କ୍ରୀଡ଼ାରେ ସକ୍ରିୟ ଅଂଶଗ୍ରହଣ ଆମକୁ ସୁସ୍ଥ ଏବଂ ଶାରୀରିକ ଭାବେ ସୁସ୍ଥ ରଖିଥାଏ । ଉଦ୍‌ଘାଟନୀ ମ୍ୟାଚ୍ ଆର୍.ପି.ଏଫ୍. ବିଭାଗ ଏବଂ ଇଲେକ୍ଟ୍ରିକାଲ୍(ପରିଚାଳନା) ବିଭାଗ ମଧ୍ୟରେ ହୋଇଥିଲା । ଆର୍.ପି.ଏଫ୍. ଦଳ ଏବଂ ଇଲେକ୍ଟ୍ରିକାଲ୍(ପରିଚାଳନା) ଦଳ ୧-୧ ଗୋଲ୍ କରିଥିବା ଏବଂ ମ୍ୟାଚ୍ ଟାଇ ହୋଇଥିଲା । ଏହି ଅବସରରେ କ୍ରୀଡ଼ା ଅଧିକାରୀ ଓ ମନୋଜ କୁମାର ବେହେରା, ସହାୟକ କ୍ରୀଡ଼ା ଅଧିକାରୀ ଶ୍ରୀ ଅନୁପ ଗୋରିଙ୍କା, କ୍ରୀଡ଼ା ସଚିବ ଶ୍ରୀ ଆଲୋକ ରଞ୍ଜନ ପଣ୍ଡା ଏବଂ ଅନ୍ୟାନ୍ୟ ଅଧିକାରୀ ତଥା ବହୁ ସଂଖ୍ୟକ କର୍ମଚାରୀ ଏଂବ ସେମାନଙ୍କ ପରିବାର ସଦସ୍ୟ ଉପସ୍ଥିତ ଥିଲେ ।

# ମାଆ ମଙ୍ଗଳା







ଦିଲ୍ଲୀପ କୁମାର ସାହୁ

ମାଆ ମଙ୍ଗଳା, ମଙ୍ଗଳକାରିଣୀ ସେ। ଅଭୟ ଦାୟିନୀ,ଦୁଃଖ ଦୂରାଶିନୀ, ପତିତ ତାରିଣୀ, ମହାଶକ୍ତି, ଯୋଗମୟା, କରୁଣାର ଅବତାର ସେ । ସେ ହେଉଛନ୍ତି ଅଯୋନୀ ସମ୍ଭୂତା। ପ୍ରବଳ ପ୍ରତାପୀ ମହିଷାସୁରର ନିଧନ ନିମନ୍ତେ ଦେବତା ମାନଙ୍କ କ୍ରୋଧାଗ୍ନିରୁ ତାଙ୍କର ସୃଷ୍ଟି । ସାରା ଜଗତର ମଙ୍ଗଳ କରନ୍ତି ବୋଲି ମାଆ ମଙ୍ଗଳା ଭାବରେ ସର୍ବପୂଜିତା ସେ ।

କିମ୍ବଦନ୍ତୀ କହେ ତ୍ରେତୟା ଯୁଗରେ ପରାକ୍ରମୀ ରାବଣକୁ ପରାହତ କରିବା ନିମନ୍ତେ ରାମଚନ୍ଦ୍ର ମାଆଙ୍କ ପୂଜାର ଆୟୋଜନ କରିଥିଲେ । ମାଆଙ୍କଠାରୁ ଅଭୟବର ପ୍ରାପ୍ତ ହୋଇ ରାମଚନ୍ଦ୍ର, ରାବଣକୁ ନିଧନ କରିବାରେ ସକ୍ଷମ ହୋଇଥିଲେ । ଯୁଗର ସମାପ୍ତି ପରେ ମାଆ ଯୋଗନିଦ୍ରାରେ ପୂଣ୍ୟତୋୟା ପ୍ରାଚୀ ନଦୀର ଚକ୍ର ଗଣ୍ଡରେ ଧ୍ୟାନମଗ୍ନ ଅବସ୍ଥାରେ ଜଳଶାୟୀ ହୋଇଥିଲେ ।

ପୂଣ୍ୟତୋୟା ପ୍ରାଚୀ ପୁରୀ ଜିଲ୍ଲାର କାକଟପୁରରେ ଶହଶ୍ରାଧିକ ବର୍ଷଧରି ଉତ୍ତରାଭିମୁଖୀ ହୋଇ ପ୍ରବାହିତା। ନଦୀଟି କାଳକ୍ରମେ ପୋତିହୋଇ ସଙ୍କୀର୍ଣ୍ଣ ଧାର ପାଲଟି ଯାଇଛି ସିନା, ଏକଦା ତାହା ଥିଲା ବେଶ୍ ପ୍ରଶସ୍ତ ଓ ସୁନାବ୍ୟା। ନଦୀର ଉଭୟ ପାର୍ଶ୍ୱରେ ଭରିରହିଥିଲା ସବୁଜିମା ଭରା ଘନ ଜଙ୍ଗଲ। ସେହି ଜଙ୍ଗଲର ସୁରମ୍ୟ ପରିବେଶରେ ମୁନିଋଷି ମାନେ ତପ ସାଧନ କରୁଥିବା କଥା ପୁରାଣ ବର୍ଣ୍ଣିତ। କିମ୍ବଦନ୍ତୀ ଅନୁସାରେ ସେହି ନଦୀରେ ନିୟମିତ ନୌକା ଚାଳନା କରୁଥିବା ଜଣେ କୈବର୍ତ୍ତ ସ୍ୱପ୍ନାଦେଶ ପାଇ ନଦୀ ଗର୍ଭରୁ ମାଆ ମଙ୍ଗଳାଙ୍କ ମୂର୍ତ୍ତି କୁ ଉଦ୍ଧାର କରିଥିଲେ ଓ ନିକଟବର୍ତ୍ତୀ ମଙ୍ଗଳପୁର ଗ୍ରାମରେ ସ୍ଥାପନ କରିଥିଲେ । ମାଆଙ୍କ ମୂର୍ତ୍ତି କୁ ପରବର୍ତ୍ତୀ ସମୟରେ କାକଟପୁରକୁ ସ୍ଥାନାନ୍ତରିତ କରାଯାଇଥିଲା ।

ରାଜଧାନୀ ଭୁବନେଶ୍ୱରଠାରୁ ପ୍ରାୟ ଷାଠିଏ କିଲୋମିଟର ଦୂରରେ ଅବସ୍ଥିତ କାକଟପୁର, ପୁରୀ ଜିଲ୍ଲାର ଏକ ବ୍ଲକ ମୁଖ୍ୟାଳୟ । ଇତିହାସ କହେ ସେଠାରେ ପୂଜା ପାଉଥିବା ମାଆ ମଙ୍ଗଳାଙ୍କ ମୂର୍ତ୍ତିଙ୍କୁ ପ୍ରାୟ ନବମ ଶତାବ୍ଦୀରେ ଗଢାଯାଇଥିଲା ଓ ମାଆଙ୍କ ମନ୍ଦିରଟି ୧୫୪୮ ଖ୍ରୀଷ୍ଟାବ୍ଦରେ ସ୍ଥାନୀୟ ଜମିଦାରଙ୍କ ଦ୍ୱାରା ନିର୍ମିତ ହୋଇଥିଲା। ପ୍ରଥମେ କେବଳ ମୁଖ୍ୟ ମନ୍ଦିର ଓ ମୁଖଶାଳା ଗଢାଯାଇଥିବା ବେଳେ ପରବର୍ତ୍ତୀ ସମୟରେ ନାଟ ମଣ୍ଡପ, ଭୋଗ ମଣ୍ଡପ ଓ ବେଢା ମଧ୍ୟରେ ଥିବା ଅନ୍ୟାନ୍ୟ ମନ୍ଦିର ଗୁଡିକୁ ନିର୍ମାଣ କରାଯାଇଥିଲା ।

ମାଆ ମଙ୍ଗଳାଙ୍କ ମନ୍ଦିରର ଉଚ୍ଚତା ପ୍ରାୟ ପଚାଶ ଫୁଟ । ମନ୍ଦିରର ଗର୍ଭ ଗୃହରେ ଥିବା କନକ ମଣ୍ଡପରେ ମାଆଙ୍କର ଶିଳା ମୂର୍ତ୍ତି ଟି ବିରାଜିତା । ମାଆଙ୍କ ମୂର୍ତ୍ତି ଟି ଗୋଟିଏ ମୁଗୁନି ପଥରରେ ତିଆରି । ସେହି ମୂର୍ତ୍ତି ରେ ମାଆ ଏକ ପଦ୍ମ ପାଖୁଡା ଉପରେ ଲଳିତ ମୁଦ୍ରାରେ ଉପବିଷ୍ଟା ମାଆ ଚତୁର୍ଭୂଜା ।

ଉର୍ଦ୍ଧ ଦକ୍ଷିଣ ହସ୍ତରେ ସେ ପୂର୍ଣ୍ଣ ଚନ୍ଦ୍ର ଧାରଣ କରିଥିବା ବେଳେ ଉର୍ଦ୍ଧ ବାମ ହସ୍ତରେ ପଦ୍ମ କଢିଟିଏ ଧାରଣ କରିଛନ୍ତି । ମାଆ ତାଙ୍କର ନିମ୍ନ ଦକ୍ଷିଣ ହସ୍ତରେ ଜପାମାଳିଟିଏ ଧାରଣ କରିଛନ୍ତି । ମାଆଙ୍କର ନିମ୍ନ ବାମ ହସ୍ତଟି ରହିଛି ଗଣନା ମୁଦ୍ରାରେ ।

ମାଆ ମଙ୍ଗଳାଙ୍କ ପୀଠ ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସମ୍ପର୍କ ଖୁବ୍ ନୀବିଡ। ଯେଉଁ ବର୍ଷ ଦୁଇଟି ଆଷାଢ଼ ମାସ ପଡେ ସେ ବର୍ଷ ମହାପ୍ରଭୁଙ୍କର ନବକଳେବର ହୋଇଥାଏ। ସେତେବେଳେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ବିଗ୍ରହ ନିର୍ମାଣ ପାଇଁ ଆବଶ୍ୟକ ଦିବ୍ୟଦାରୁ ବା ବୃକ୍ଷ ମାନଙ୍କର ସନ୍ଧାନ ଦେଇଥାନ୍ତି ମାଆ ମଙ୍ଗଳା। ସେଥିପାଇଁ ଶ୍ରୀମନ୍ଦିରରୁ ଆଜ୍ଞାମାଳ ନେଇ ମହାପ୍ରଭୁଙ୍କ ଦଇତାପତି ସେବକମାନେ ଆସିଥାନ୍ତି କାକଟପୁର । ସେତେବେଳେ ମାଆଙ୍କ ପୀଠ ହୋଇଉଠେ ଖୁବ୍ ଉତ୍ସବ ମୁଖର । ଦଇତାପତିମାନେ ମାଆଙ୍କର ପୂଜାର୍ଚ୍ଚନା କରି ପ୍ରାଚୀ ନଦୀ କୂଳରେ ଥିବା ଦେଉଳି ମଠରେ ଅବସ୍ଥାନ କରନ୍ତି । ସେଠାରେ ସେମାନେ ଯାଗଯଜ୍ଞ କରି ସ୍ୱପ୍ନାବତୀ ମନ୍ତ୍ର ପାଠ କରନ୍ତି । ସେହିଠାରେ ମାଆ ମଙ୍ଗଳାଙ୍କ ସ୍ୱପ୍ନାଦେଶ କ୍ରମେ ଦଇତାପତିମାନଙ୍କୁ ଦିବ୍ୟ ଦାରୁମାନଙ୍କର ସନ୍ଧାନ ମିଳିଥାଏ।

ମାଆଙ୍କ ନାଟ ମନ୍ଦିରଟି ଖୁବ୍ ସୁନ୍ଦର । ପର୍ବ ପର୍ବାଣୀ ମାନଙ୍କରେ ପ୍ରବଳ ଗହଳି ଯୋଗୁ ସେହିଠାରୁ ଶ୍ରଦ୍ଧାଳୁମାନେ ମାଆଙ୍କର ଦର୍ଶନ କରିଥାନ୍ତି । ସେହି ନାଟମଣ୍ଡପରେ ଥିବା ଏକ ବର୍ଗାକାର ଶିଳାକୁ ବିଶ୍ରାମ ଶିଳା କୁହାଯାଏ। କିମ୍ବଦନ୍ତୀ ଅଛିଯେ ପ୍ରତି ରାତ୍ରିରେ ମାଆ ମଙ୍ଗଳା ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ପାଇଁ ଯାଆନ୍ତି । ଫେରିବା ସମୟରେ କିଛି ସମୟ ପାଇଁ ମାଆ ସେହି ଶିଳା ଉପରେ ବିଶ୍ରାମ ନିଅନ୍ତି। ବିଶ୍ରାମ ଶିଳା ଭାବରେ ପୂଜିତ ସେହି ଶିଳା ଉପରେ ମାଆ ଶହଶ୍ରାଧିକ ବର୍ଷ ଧରି ଉପବେଶନ କରୁଥିବାରୁ ଶିଳାଟି କ୍ରମେ କ୍ଷୟପ୍ରାପ୍ତ ହେଉଥିବା କଥା ଲୋକେ କୁହନ୍ତି।

ମାଆ ମଙ୍ଗଳଙ୍କ ମନ୍ଦିରର ପାର୍ଶ୍ୱ ଦେବାଦେବୀମାନେ ହେଲେ ଶ୍ରୀ ଗଣେଶ, ବିଷ୍ଣୁ, ମାଧବ, ଦୁର୍ଗା, ବାମନ ଏବଂ ନୃସିଂହ ।

ମାଆଙ୍କ ମନ୍ଦିରରେ ପତିତପାବନ ମଧ ପୂଜା ପାଆନ୍ତି । ପତିତପାବନ ପ୍ରଥମେ ନିକଟବର୍ତ୍ତୀ ମୂଳଗଡ ଶ୍ରୀରାମପୁର ଶାସନରେ ପୂଜା ପାଉଥିଲେ । ସେଠାରେ ପ୍ରଭୁଙ୍କ ମନ୍ଦିରଟି ଭାଙ୍ଗିଯିବା ଫଳରେ ପ୍ରଭୁଙ୍କୁ ମାଆଙ୍କ ପୀଠରେ ସ୍ଥାପନା କରାଗଲା ।

ମାଆ ମଙ୍ଗଳାଙ୍କ ମନ୍ଦିରରେ ପ୍ରତିଦିନ ସୂର୍ଯ୍ୟ ପୂଜାର ବିଧି ରହିଛି । ସେଥିପାଇଁ ମାଆଙ୍କ ମୁଖ୍ୟ ମନ୍ଦିର ପାର୍ଶ୍ୱରେ ରଥାକୃତି ସୂର୍ଯ୍ୟ ମନ୍ଦିର ରହିଛି । ସହି ରଥରେ ସାତଗୋଟି ଅଶ୍ୱଙ୍କୁ ସାତଦିନର ପ୍ରତିକ ଭାବରେ ଖଞ୍ଜା ଯାଇଛି ।

ପ୍ରତିଦିନ ପୁରୀ ଜିଲ୍ଲା ସମେତ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଶ୍ରଦ୍ଧାଳୁମାନେ ମାଆଙ୍କ ଦର୍ଶନ ପାଇଁ ଆସିଥାନ୍ତି । ମାଆଙ୍କ ପୀଠ ସବୁବେଳେ ଉତ୍ସବ ମୁଖର ଥାଏ । ଚୈତ୍ର ମାସ ମଙ୍ଗଳବାର ଗୁଡିକରେ ପୀଠରେ ବଡ ଯାତ୍ରା ଅନୁଷ୍ଠିତ ହୋଇଥାଏ । ଚୈତ୍ର ପ୍ରଥମ ମଙ୍ଗଳବାରଠାରୁ ପାଞ୍ଚ ମଙ୍ଗଳବାର ଅନୁଷ୍ଠିତ ହେଉଥିବା ସେହି ଉତ୍ସବକୁ ପାଳିଯାତ୍ରା କୁହାଯାଏ ।

ଦଶହରା ସମୟରେ ଶୋଳଦିନାତ୍ମକ ଶାରଦୀୟ ପୂଜା ମାଆ ମଙ୍ଗଳାଙ୍କ ପ୍ରସିଦ୍ଧ ପର୍ବ । ମୂଳାଷ୍ଟମୀରୁ ମହାନବମୀ ଯାଏ ଶୋଳଦିନଧରି ମାଆଙ୍କର ସେହି ବିଶେଷ ପର୍ବ ଅନୁଷ୍ଠିତ ହୁଏ । ସେତେବେଳେ ପ୍ରତିଦିନ ମାଆଙ୍କୁ ବିଭିନ୍ନ ରୂପରେ ବେଶ କରାଯାଇ ଶୋଡଷ ଉପଚାରରେ ପୂଜା କରାଯାଏ ।

ମାଆ ମଙ୍ଗଳା ମଙ୍ଗଳ କାରିଣୀ । ତାଙ୍କୁ ସ୍ମରଣ କଲେ ସବୁ ଦୁଃଖ କଷ୍ଟ ଦୂରେଇ ଯାଏ । ମାଆ ସାରା ଜଗତର ମଙ୍ଗଳ କରନ୍ତୁ ତାଙ୍କ ପାଖରେ ଏତିକି ପ୍ରାର୍ଥନା ।

ଜୟ ମାଆ ମଙ୍ଗଳା ।

+ଶଙ୍କରପୁର, ଚାରବାଟିଆ, କଟକ
ମୋ- ୯୮୬୧୧୨୬୧୯୭









# ଓଜନ କମାଏ ଛତୁ

**ସାଧାରଣତଃ ଛତୁ ନିରାମିଷାଶୀ ବ୍ୟକ୍ତିଙ୍କ ସବୁଠାରୁ ମନପସନ୍ଦ ଖାଦ୍ୟ। ଛତୁ ଖାଇବାକୁ ଯେତିକି ସ୍ୱାଦିଷ୍ଟ, ଶରୀର ପାଇଁ ମଧ ସେତିକି ଭଲ। ଛତୁ କମ୍ କ୍ୟାଲୋରୀ ଯୁକ୍ତ ହେବା ସହ ଏଥିରେ ପୋଷକ ତତ୍ତ୍ୱ ଭରପୁର ମାତ୍ରାରେ ରହିଛି। ଏହାକୁ ତରକାରୀ, ସାଲାଡ, ସୁପ ତଥା ସ୍ନାକ୍ସ ଆକାରରେ ଖାଇପାରିବେ। ତେବେ ଛତୁକୁ ନିଜ ଦୈନନ୍ଦିନ ଖାଦ୍ୟରେ ସାମିଲ କଲେ କ'ଣ ସବୁ ଲାଭ ମିଳେ ଆସନ୍ତୁ ଜାଣିବା।**



- ଶରୀର ପାଇଁ ଭିଟାମିନ-ଡି ଅତ୍ୟନ୍ତ ଆବଶ୍ୟକ। ଭିଟାମିନ-ଡି ଅଭାବ ହେଲେ ଅନେକ ରୋଗ ହୋଇପାରେ। ବହୁ କମ ପନିପରିବାରେ ଭିଟାମିନ-ଡି ମିଳେ। ସେଥିମଧ୍ୟରୁ ଗୋଟିଏ ହେଉଛି ଛତୁ। ପ୍ରତିଦିନ ଛତୁ ଖାଇବା ଦ୍ୱାରା ଶରୀରରେ ଆବଶ୍ୟକ ପରିମାଣର ଭିଟାମିନ-ଡି ପୂରଣ ହୋଇଥାଏ।
- ସେଲେନିୟମ ଶରୀରରେ ଆଣ୍ଟିଅକ୍ସିଡାଣ୍ଟ ରୂପେ କାମ କରେ। ଏହା ଶରୀରକୁ ସଂକ୍ରମଣରୁ ରକ୍ଷା କରେ ଏବଂ ପ୍ରତିରକ୍ଷା ପ୍ରଣାଳିକୁ ମଜବୁତ କରେ। ଛତୁରେ ସେଲେନିୟମର ମାତ୍ରା ଭରପୁର ରହିଛି। ଏହା ଶରୀରକୁ ଭିତରୁ ସୁସ୍ଥ ରଖିବାରେ ସହାଯ୍ୟ କରେ।
- ଛତୁ ଓଜନ କମ କରିବାରେ ମଧ ସହାୟକ ହୋଇଥାଏ। ଏଥରେ ବେଶ କମ୍ କ୍ୟାଲୋରୀ ରହିଛି। ୫ଟି ଧଳା ଛତୁରେ କେବଳ ୨୦ ପ୍ରତିଶତ କ୍ୟାଲୋରୀ ଥାଏ। ଛତୁ ଖାଇବା ଦ୍ୱାରା ଶୀଘ୍ର ଭୋକ ଲାଗେ ନାହିଁ। ଫଳରେ ଆପେ ଆପେ ଓଜନ କମିବାକୁ ଲାଗିଥାଏ।
- ବଜାରରେ ଖୁବ୍ ସହଜରେ ଛତୁ ମିଳିଯାଏ। ଏହାକୁ ବିଭିନ୍ନ ଉପାୟରେ ରୋଷେଇ କରି ଏଥିରୁ ପୋଷକ ତତ୍ତ୍ୱ ଗ୍ରହଣ କରାଯାଇପାରିବ। ଆପଣ ଚାହିଁଲେ ସୁପ ବା ସାଲାଡ କରି ଛତୁକୁ ନିଜ ଦୈନନ୍ଦିନ ଖାଦ୍ୟରେ ସାମିଲ କରିପାରିବେ ବୋଲି ପୁଷ୍ଟିକର ବିଶେଷଜ୍ଞମାନେ କୁହନ୍ତି।

# ଅଧିକ ଆପଲ ଖାଉଛନ୍ତି କି ? : ହୋଇପାରେ ବିପଦ

ଫଳ ସ୍ୱାସ୍ଥ୍ୟ ପାଇଁ ବେଶ୍ ଲାଭଦାୟକ। ସେଓ ବା ଆପଲ୍ ଏଭଳି ଏକ ଫଳ, ଯାହାକୁ ଖାଇବା ଦ୍ୱାରା ଅନେକ ରୋଗ ଭଲ ହୋଇଯାଏ, ବୋଲି ବିଶ୍ୱାସ। ଏଥିରେ ଫାଇଭର, ଭିଟାମିନ୍-ସି ଏବଂ ପୋଟାସିଅମ ସମେତ ଅନେକ ପୋଷକ ତତ୍ତ୍ୱ ଭରପୂର ମାତ୍ରାରେ ରହିଛି, ଯାହା ରୋଗଠାରୁ ଆମକୁ ଦୂରେଇ ରଖେ। ତେବେ ଆପଲ ସ୍ୱାସ୍ଥ୍ୟ ପାଇଁ ଲାଭଦାୟୀ ହୋଇଥିବା ସତ୍ତ୍ୱେ ଏହା ବେଳେବେଳେ ବିପଦ ମଧ ସାଜିପାରେ। ଅତ୍ୟଧିକ ଆପଲ ଖାଇବା ହାନିକାରକ ହୋଇଥାଏ। ଜଣେ ବ୍ୟକ୍ତି ଦିନରେ ଗୋଟିଏ କିମ୍ବା ଦୁଇଟିରୁ ଅଧିକ ଆପଲ ଖାଇବା ଉଚିତ ନୁହେଁ। ଯଦି ଆପଣ ଆବଶ୍ୟକତାଠାରୁ ଅଧିକ ଆପଲ ଖାଉଛନ୍ତି ତେବେ ଏହାର ଖରାପ ପ୍ରଭାବ ଶରୀର ଉପରେ ପଡିପାରେ। ଆପଲରେ ଭରପୂର ମାତ୍ରାର ଫାଇଭର ରହିଛି, ଯାହା ଖାଦ୍ୟ ହଜମ କରିବାରେ ସାହାଯ୍ୟ କରେ। କିନ୍ତୁ ଯଦି ଶରୀରକୁ ଆବଶ୍ୟକତାଠାରୁ ଅଧିକ ଫାଇଭର ମିଳେ, ତେବେ ଏହା ପେଟ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି କରିପାରେ। କୋଷ୍ଠକାଠିନ୍ୟ ମଧ ଦେଖା ଦେଇପାରେ। ଆପଲକୁ ଅଧିକ ମାତ୍ରାରେ ଖାଇବା ଦ୍ୱାରା ଶରୀରରେ ବ୍ଲଡ ସୁଗାର ମାତ୍ରା ବଢ଼ିବା ସମ୍ଭାବନା ରହିଥାଏ। କାରଣ ଏଥିରେ କାର୍ବୋହାଇଡ୍ରେଡ୍ ଭରପୁର ମାତ୍ରାରେ ରହିଛି।

# ଡାଇବେଟିସ୍ ନିୟନ୍ତ୍ରଣ କରେ ଫୁଲକୋବି

ଫୁଲ କୋବି ଏକ ଏଭଳି ପରିବା ଯାହାକୁ ସମସ୍ତେ ପସନ୍ଦ କରିଥା'ନ୍ତି । ଶୀତଦିନ ଆସିଲେ ସମସ୍ତଙ୍କ ଘରେ ଫୁଲକୋବିର ଚାହିଦା ବଢ଼ିଯାଏ । ସମସ୍ତେ ତରକାରୀ କିମ୍ବା ଏଥିରେ ବିଭିନ୍ନ ପ୍ରକାରର ବ୍ୟଞ୍ଜନ ତିଆରି କରି ଖାଇଥା'ନ୍ତି । ଫୁଲକୋବି ଖାଇବା ପାଇଁ ସୁଆଦିଆ ହେବା ସହ ଏହା ଶରୀର ପାଇଁ ଲାଭଦାୟକ ମଧ ହୋଇଥାଏ । ତେବେ ଆସନ୍ତୁ ଜାଣିବା ଫୁଲକୋବି ଖାଇବା ଦ୍ୱାରା ଶରୀରକୁ କ'ଣ ସବୁ ଲାଭ ମିଳିଥାଏ । ଫୁଲକୋବି କମ୍ କ୍ୟାଲୋରୀ ଯୁକ୍ତ ଏବଂ ଏଥିରେ ଭିଟାମିନ ଭରପୁର ମାତ୍ରାରେ ରହିଛି। ଶରୀରକୁ ଆବଶ୍ୟକ ଥିବା ସମସ୍ତ ମିନେରାଲ୍ସ ଏବଂ ଭିଟାମିନ ଏଥିରୁ ମିଳିଯାଏ। ଏକ କପ୍ ଫୁଲକୋବିରେ ୭୭ %ଭିଟାମିନ୍ ସି, ୨୦ % ଭିଟାମିନ୍ କେ, ୧୪ %



ଫୋଲେଟ୍, ୯ % ପୋଟାସିୟମ୍ ଏବଂ ୮ % ମାଙ୍ଗାନିଜ୍ ଥାଏ। ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବା ପାଇଁ ଏବଂ ଶରୀରକୁ ସୁସ୍ଥ ରଖିବା ପାଇଁ ଏ ସମସ୍ତ ପୋଷକ ତତ୍ତ୍ୱର ଆବଶ୍ୟକତା ରହିଛି। ଫୁଲକୋବିରେ ଗ୍ଲୁକୋସିନୋଲେଟସ ଏବଂ ଆଇସୋଥିୟୋସାଇନେଟ ଅଛି। ଉଭୟ ଆଣ୍ଟିଅକ୍ସିଡେଣ୍ଟ କ୍ୟାନସର ଭଳି ମାରାତ୍ମକ କୋଷକୁ ବଢ଼ିବାରେ ରୋକିଥାଏ। ଏକ ଅଧ୍ୟୟନରୁ ଜଣାପଡିଛି ଯେ, ଗ୍ଲୁକୋସିନୋଲେଟ୍ସ ଏବଂ ଆଇସୋଥାଇଓସିଆନେଟ୍ କୋଲନ୍, ଫୁସଫୁସ, ସ୍ତନ ଏବଂ ପ୍ରୋଷ୍ଟେଟ୍ କ୍ୟାନସର ଉପରେ ଫୁଲକୋବି ବେଶ ପ୍ରଭାବ ପକାଇଥାଏ। ଫୁଲକୋବିରେ ପ୍ରଚୁର ମାତ୍ରାରେ ଫାଇବର ରହିଛି। ଏହା ଶରୀରରେ ସୁସ୍ଥ ବ୍ୟାକ୍ଟେରିଆକୁ ବୃଦ୍ଧି କରିଥାଏ ଏବଂ ହଜମ ଶକ୍ତି ବଢ଼ାଇଥାଏ। ଫୁଲକୋବିରେ ପର୍ଯ୍ୟାପ୍ତ ପରିମାଣର ଫାଇବର ଥିବା ଯୋଗୁଁ କୋଷ୍ଠକାଠିନ୍ୟ, ଡାଇଭର୍ଟିକୁଲାଇଟିସ୍ ଭଳି ସମସ୍ୟା ଦୂର ହୋଇଥାଏ। ଫୁଲକୋବିରେ ଭିଟାମିନ-ସି ରହିଛି। ଏହା ଶରୀରରେ ଆଣ୍ଟିଅକ୍ସିଡାଣ୍ଟ ରୂପେ କାମ କରେ। ଏହାର ଆଣ୍ଟି-ଇନଫ୍ଲାମେଟୋରୀ ଗୁଣ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଯାହା ଶରୀରକୁ ରୋଗ ବିରୁଦ୍ଧରେ ଲଢ଼ିବାକୁ ସାହାଯ୍ୟ କରେ। ଫୁଲକୋବି ଓଜନ ହ୍ରାସ କରିବାରେ ମଧ ସହାୟକ ହୁଏ। ଏଥିରେ ବହୁତ କମ୍ ମାତ୍ରାରେ କ୍ୟାଲୋରୀ ଥାଏ, ତେଣୁ ଆପଣ ଏହାକୁ ପ୍ରଚୁର ପରିମାଣରେ ଖାଇପାରିବେ। ଫୁଲକୋବିରେ ଫାଇଭର ଭରପୁର ମାତ୍ରାରେ ଥିବାରୁ ଏହାକୁ ଖାଇବା ପରେ ଶୀଘ୍ର ଭୋକ ଲାଗି ନଥାଏ। ଏଥିରେ ଜଳୀୟ ପଦାଥ ମଧ ପ୍ରଚୁର ମାତ୍ରାରେ ଅଛି, ଯାହା ଓଜନ ହ୍ରାସ କରିବାରେ ପ୍ରଭାବଶାଳୀ ହୋଇଥାଏ। ମଧୁମେହ ବା ଡାଇବେଟିସ କଣ୍ଟ୍ରୋଲ କରିବା ସହ କିଡନୀ ରୋଗର ଆଶଙ୍କାକୁ କମ କରିଥାଏ ଫୁଲକୋବି ।

# ଚାପମୁକ୍ତ ରହିବାର ମନ୍ତ୍ର

ପ୍ରତି ୧୫ ଦିନରେ ୬ଜଣର ମାନସିକ ଚାପ, ଅବସାଦ ରୋଗରେ ଜୀବନ ଅତିବାହିତ କରୁଥିବାର ଅନୁଧ୍ୟାନରୁ ପ୍ରକାଶ । ବିଶ୍ୱସ୍ତରୀୟ ଏହି ସର୍ବେକ୍ଷଣରେ ମୋଟ ୨୧ଟି ରାଷ୍ଟ୍ରର ଲୋକଙ୍କୁ ସାମିଲ କରାଯାଇଥିଲା। ସୁସ୍ଥ ଜୀବନଶୈଳୀ ସହ ମାନସିକ ଶାନ୍ତି ପାଇବାକୁ ଚାହୁଁଥିଲେ, ପ୍ରତିଦିନ ଯୋଗ କରିବା ଏକ ସୁନ୍ଦର ଅଭ୍ୟାସ ବୋଲି ବିଶେଷଜ୍ଞଙ୍କ ମତ । କିଶୋରଠାରୁ ବୟସ୍କ ପିଢି ଦୈନିକ ୧୫-୨୦ ମିନିଟ୍ ଯୋଗ କଲେ ଏହାର ଉତ୍ତମ ପ୍ରଭାବ ପଡ଼ିଥାଏ । ଯୋଗ, ପ୍ରାଣାୟମ ଆଦି କଲେ ଆମ ମନ ପ୍ରଫୁଲ୍ଲ ରହିବା ସହ ମାନସିକ ଚିନ୍ତା ମଧ୍ୟ ଅନେକାଂଶରେର ହ୍ରାସ ପାଇଥଏ ।

# ଶରୀର ନିମନ୍ତେ ଜରୁରୀ ଭିଟାମିନ୍

**ବ୍ୟସ୍ତବହୁଳ ଜୀବନ ମଧ୍ୟରେ ସମୟ ବାହାର କରି ସନ୍ତୁଳିତ ଆହାର ଗ୍ରହଣ କରିବା ମହିଳାଙ୍କ କ୍ଷେତ୍ରରେ ଅଧିକାଂଶ ସମୟରେ ସମ୍ଭବ ହୋଇପାରି ନଥାଏ । ମହିଳାମାନେ ଗ୍ରହଣ କରୁଥିବା କେତେକ ଖାଦ୍ୟରେ ପ୍ରଚୁର ଭିଟାମିନ୍ ଥିବାବେଳେ ଆଉ କେତେକରେ ଅଳ୍ପ ପରିମାଣ ଭିଟାମିନ୍ ରହିଥାଏ । ଫଳରେ ସେମାନେ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଥାନ୍ତି । ଆସନ୍ତୁ ଜାଣିବା, କେଉଁ ଖାଦ୍ୟ ମହିଳାଙ୍କୁ ସଂପୂର୍ଣ୍ଣ ଭିଟାମିନ୍**



### ଭିଟାମିନ୍ -ଏ

ଭିଟାମିନ୍ -ଏରେ ଆଣ୍ଟିଆକ୍ସିଡେଣ୍ଟ ଗୁଣ ବେଶୀ ପରିମାଣରେ ଥାଏ, ଯାହାର ଆବଶ୍ୟକତା ପ୍ରତ୍ୟେକ ମହିଳାଙ୍କ ପାଇଁ ଦରକାର । ଏହି ଭିଟାମିନ୍ ଦାନ୍ତ, ହାଡ଼, ଟିସ୍ୟୁ ଓ ତ୍ୱଚା ଆଦି ପାଇଁ ଆବଶ୍ୟକ ହୋଇଥାଏ । ଗାଜର, ତରଭୁଜ, ବିଲାତି, କଖାରୁ, ପିଜୁଳି, ବ୍ରକୋଲି, ଅମୃତଭଣ୍ଡା, ପାଳଙ୍ଗ, ଅଣ୍ଡା, କ୍ଷୀର ଓ କଲିଜା ଆଦିରେ ପ୍ରଚୁର ପରିମାଣର ଭିଟାମିନ୍-ଏ ରହିଥାଏ ।

### ଭିଟାମିନ୍-ବି୨

ଏହି ଭିଟାମିନ୍ ଶରୀରର କୋଷିକା ପାଇଁ ବହୁ ପରିମାଣରେ ଆବଶ୍ୟକ ହୋଇଥାଏ । ଏହାର ଅଭାବରେ ମୁହଁ ଏବଂ ଓଠ ଶୁଖିଯାଏ । ଏଥିସହିତ ଏହାର ପ୍ରଭାବ ତ୍ୱଚା, ଆଖି ଏବଂ ରକ୍ତ ଉପରେ ମଧ ପଡ଼ିଥାଏ । ଏହାର ଅଭାବରେ ତ୍ୱଚାରେ ଭାଙ୍ଗ, ଏନିମିଆ (ରକ୍ତହୀନତା), ଆଖି ଭାରି ଲାଗିବା, ନିଦ ନ ହେବା ଆଦି ହୋଇଥାଏ । ଭିଟାମିନ-ବି୨ କ୍ଷୀର ଏବଂ କ୍ଷୀରେ ପ୍ରସ୍ତୁତ ଦହି, ପନିର୍ ଆଦିରେ ଥାଏ । ଏଥିସହିତ କଦଳୀ, ବିନ୍ସ ଓ ଅଣ୍ଡା ଆଦିରେ ମଧ ଏହି ଭିଟାମିନ୍ ରହିଥାଏ ।

### ଭିଟାମିନ୍- ବି୬

ମଜଭୁତ୍ ପାଚନ ତନ୍ତ୍ର ପାଇଁ ଭିଟାମିନ୍- ବି୬ ବହୁତ ଜରୁରୀ ହୋଇଥାଏ । ଏହା ଶରୀରରେ ହରମୋନ୍ ଏବଂ ମସ୍ତିଷ୍କ ପାଇଁ ରସାୟନିକ ପଦାର୍ଥ ପ୍ରସ୍ତୁତ କରିଥାଏ । ଏହା ଭୁଲା ରୋଗ, ହୃଦ ରୋଗ ଓ ଅବସାଦ ଆଦିରୁ ଦୂରେଇ ରଖେ । ଶରୀରରେ ରକ୍ତ ଶର୍କରା ସ୍ତରକୁ ମଧ ନିୟନ୍ତ୍ରଣ ରଖିଥାଏ । ଏହି ଭିଟାମିନ୍ ଖାଦ୍ୟଶସ୍ୟ, କଦଳୀ, ମାଂସ, ମାଛ, କାଜୁ ଓ କିସମିସ୍ ଆଦିରେ ରହିଥାଏ ।

### ଭିଟାମିନ୍ - ବି୭

ଭିଟାମିନ୍- ବି୭କୁ ବାଓଟିନ୍ ମଧ କୁହାଯାଇଥାଏ । ଏହା କେଶ ପାଇଁ ବହୁତ ଜରୁରୀ ଭିଟାମିନ୍ । ଏହାକୁ ଭିଟାମିନ୍ ଏଚ୍ ମଧ କୁହାଯାଇଥାଏ । ଏହା ରୁକ୍ଷ କେଶକୁ ପୁନଃନିର୍ମାଣ କରିବାରେ ସାହାଯ୍ୟ କରିଥାଏ । ବାଓଟିନ୍ ଅଭାବରେ କେଶର ତ୍ୱଚା ଶୁଷ୍କ ହେବା ସହ ପରଦା ଉଠିଯାଇଥାଏ । ଫଳରେ କେଶ ମୂଳ କୁଣ୍ଡେଇ ହୋଇଥାଏ । ଏହାର ଅଭାବ ପୂରଣ କରିବା ପାଇଁ ହେଲେ ମାଛ, କନ୍ଦମୂଳ, ବାଦାମ, ଗାଜର, କଦଳୀ, ହଳଦୀଆ ଫଳ, ପତ୍ରଜାତୀୟ ପରିବା, ବ୍ରାଉନ ଚାଉଳ, ଅଣ୍ଡା, ସୋୟାବିନ୍, ଲଙ୍କା, ଦହି ଆଦି ପ୍ରଚୁର ପରିମାଣରେ ସେବନ କରିବା ଆବଶ୍ୟକ ।

### ଭିଟାମିନ୍ - ସି

ଏହା କର୍କଟ ରୋଗକୁ ଏଡ଼ାଇବାରେ ସାହାଯ୍ୟ କରିବା ସହ ଦୃଷ୍ଟିଶକ୍ତିରେ ସୁଧାର ଆଣିବାକୁ ଚେଷ୍ଟା କରିଥାଏ । ରକ୍ତରେ କୋଲୋଷ୍ଟରଲ ସ୍ତରକୁ କମ୍ କରିବାରେ ସାହାଯ୍ୟ କରିଥାଏ । ଭିଟାମିନ୍- ସି ଅଭାବରେ ସ୍କର୍ଭି ନାମକ ରୋଗ ହୋଇଥାଏ, ଯାହା ଦ୍ୱାରା ଅଳ୍ପ ପରିଶ୍ରମରେ ଥକ୍କା ଲାଗିବା ସହିତ ମାଂସପେଶୀ ଦୁର୍ବଳ ହୋଇଥାଏ । ସେହିପରି ଆଣ୍ଠୁରେ କଷ୍ଟ ହେବା ସହିତ ମାଢ଼ିରୁ ରକ୍ତ ବାହାରିଥାଏ । ଏଥିପାଇଁ ବ୍ରକୋଲି, ପାଚିଲାଫଳ, ଆଳୁ, ଷ୍ଟ୍ରବେରୀ, କମଳା ଏବଂ ବିଲାତି ଆଦି ଖାଇବା ନିହାତି ଆବଶ୍ୟକ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ବାଜିଲା ପଞ୍ଚାୟତ ଭୋଟ ବିଗୁଲ...

ଦେଶ ଶାସନର ପରିଚାଳନାରେ ନିର୍ବାଚନ ହେଉଛି ଅନ୍ୟତମ ପ୍ରମୁଖ ଅଙ୍ଗ । ଯେମିତି ପ୍ରତିନିଧି ସଭା, ପ୍ରଶାସନ ଓ ନ୍ୟାୟପାଳିକା ସେମାନଙ୍କର ଭୂମିକାର ନିଖୁଣ ସମ୍ପାଦନ ସହଜ ହେବ, ସେଥିପାଇଁ ଶାଖା ଭିତରେ ସମନ୍ୱୟ । କୌଣସି ଗୋଟିଏ ଭିତରେ ଯଦି କିଛି ସମସ୍ୟା ବା ତ୍ରୁଟି ଦେଖାଦିଏ, ତେବେ ସବୁ ବ୍ୟବସ୍ଥା ପାଇଁ ଅସ୍ୱାଭାବିକ ସ୍ଥିତି ଡାକିଆଣିବ । ପ୍ରତିନିଧି ସଭା ଗଠନଠାରୁ ଆରମ୍ଭ କରି ସରକାର ଗଠନ ପର୍ଯ୍ୟନ୍ତ ସମସ୍ତ ପ୍ରକ୍ରିୟାକୁ ସହଜ ରାସ୍ତାରେ ଆଗେଇବାକୁ ହେଲେ, ଜନମତର ସଂଗଠିତ ପରିଚାଳନା ସକାଶେ ନିର୍ବାଚନ ଗଣତନ୍ତ୍ରର ଠିକ୍ ପରିଚାଳନାକୁ ଅବାଧ କରାଯିବା ହୋଇପାରେ ପ୍ରାକ୍ ସର୍ତ୍ତ । ସେଥିପାଇଁ ପ୍ରଣେତାମାନେ ସମ୍ବିଧାନରେ ଯେଉଁ ବ୍ୟବସ୍ଥା ସବୁ ଖଞ୍ଜିଛନ୍ତି, ସେଥିପାଇଁ ସମୟକ୍ରମେ ସଂଶୋଧନ କରାଯାଉଛି । ସ୍ଥାନ, ସମୟ ଓ ପ୍ରାସଙ୍ଗିକତାକୁ ବିଚାରକୁ ନିଆଯାଇ କରାଯାଉଥିବା ସଂଶୋଧନ କିଭଳି ଗୁରୁତ୍ୱପୂର୍ଣ୍ଣ, ତାହା ସମୀକ୍ଷକମାନେ ବିଭିନ୍ନ ସମୟରେ ତର୍ଜମା କରିଆସିଛନ୍ତି । ସମୟକ୍ରମେ କେଇ ଦଶନ୍ଧି ହେବ ଜାତୀୟ ତଥା ରାଜ୍ୟ ସରକାରମାନେ ଗଣତନ୍ତ୍ରର ତୃଣମୂଳର ଦୃଢ଼ୀକରଣ ଉପରେ ଗୁରୁତ୍ୱ ଦେଇ ଆସୁଛନ୍ତି । ପଞ୍ଚାୟତରାଜ ବ୍ୟବସ୍ଥାର ଦୃଢ଼ୀକରଣ ଓ ସଂପ୍ରସାରଣ ବଳରେ ଜନମତର ସଂଗଠିତ ପରିପ୍ରକାଶ ଓ ଶାସନରେ ତାହାର ପ୍ରତିଫଳନ ପାଇଁ ଅଧିକ ସୁସ୍ଥ ପ୍ରକ୍ରିୟାକୁ ସୁନିଶ୍ଚିତ କରାଯାଇପାରିବ । ସେହି କ୍ରମରେ ନିର୍ଦ୍ଧାରିତ ତିଥିରେ ମତ ଗ୍ରହଣ ପାଇଁ ସରକାର ବ୍ୟବସ୍ଥା କରୁଛନ୍ତି । ମାତ୍ର ସବୁ ସମୟରେ ହୋଇନପାରିବାର କାରଣ ଦର୍ଶାଯାଇ ତାହାକୁ ଟଳାଯାଇ ପାରୁଛି । ଏପରିକି ବର୍ଷ ବର୍ଷ ଧରି ନିର୍ଦ୍ଦିଷ୍ଟ ପଞ୍ଚାୟତ ନିର୍ବାଚନ କରାଯାଇପାରୁ ନଥିବାର ଦର୍ଶାଯାଉଥିବାର କାରଣ ଯଥେଷ୍ଟ କି ନୁହେଁ, ତାହାର ତର୍ଜମା ପାଇଁ ବିଭିନ୍ନ ସଂସ୍ଥା ରହିଛି । ସେଗୁଡ଼ିକର ନିଷ୍ପକ୍ଷତାକୁ ଚାଲେଞ୍ଜ କରିବାକୁ ମଧ ନ୍ୟାୟପାଳିକା ରହିଛି । ଯେଉଁମାନେ ଅସ୍ୱାଭାବିକ ସ୍ଥିତି ପାଇଁ ସନ୍ତୁଷ୍ଟ ହେଉନାହାଁନ୍ତି, ସେମାନଙ୍କ ପାଇଁ ମଧ ରାସ୍ତା ରହିଛି । କୌଣସି ନା କୌଣସି କାରଣରୁ ନିର୍ବାଚନ ଟାଳିବା ଦେଶ କିମ୍ବା ରାଜ୍ୟ କ୍ଷେତ୍ରରେ କିଛି ନୂଆ କଥା ନୁହେଁ । ଅନ୍ୟ ରାଜ୍ୟ କଥା ଅଲଗା । ଓଡ଼ିଶାରେ ଏକାଧିକ କାରଣରୁ କେତେବେଳେ ବିଧାନସଭା ତ ଆଉ କେତେବେଳେ ପଞ୍ଚାୟତ ଓ ପୌର ନିର୍ବାଚନ ଘୁଞ୍ଚାଯାଇଛି । ବର୍ଷ ବର୍ଷ ଧରି ପୌର ନିର୍ବାଚନ ଘୁଞ୍ଚାଯାଇଛି । ବର୍ଷ ବର୍ଷ ଧରି ପୌର ନିର୍ବାଚନ ବନ୍ଦ ରହିବା ଫଳରେ ମ୍ୟୁନିସିପାଲ କମିଶନରମାନଙ୍କୁ ଅଧିକ କ୍ଷମତା ଦିଆଯାଉଥିବା ସମୟରେ ପଞ୍ଚାୟତ କ୍ଷେତ୍ରରେ ସରପଞ୍ଚ, ସମିତି ସଭ୍ୟ ଓ ଅଧକ୍ଷମାନଙ୍କଠାରେ କ୍ଷମତା ନରହି ତାହା ନ୍ୟସ୍ତ ହୋଇଥାଏ ପଦାଧିକାରୀ ପ୍ରଶାସନ ପ୍ରତିନିଧିମାନଙ୍କଠାରେ । ବିଳମ୍ବରେ ହେଉ ପଛେ, ଓଡ଼ିଶାରେ ଆସନ୍ତା ଫେବୃଆରୀ ୧୨ରୁ ପଞ୍ଚାୟତ ଭୋଟ ପ୍ରକ୍ରିୟା ଆରମ୍ଭ ହେବାର ସୂଚନା ମିଳିଛି । ତାହା ନୂତନ ସଂରକ୍ଷଣ ନିୟମ ଅନୁଯାୟୀ ହେଉଛି । ଆସନ୍ତା ୮ରେ ଚିଠା ତାଲିକା ପ୍ରକାଶ ପାଇବ, ୨୬ରେ ପଞ୍ଚାୟତ ଓ ବ୍ଲକର ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବା ସହିତ ଭୋଟରେ ଜିଲ୍ଲା ପରିଷଦ ଅଧକ୍ଷମାନଙ୍କର ଚୂଡ଼ାନ୍ତ ତାଲିକା ଏବଂ ୩୦ରେ ସଭ୍ୟମାନଙ୍କ ତାଲିକା ପ୍ରକାଶ ପାଇବାର ଆପାତତଃ ସ୍ଥିର ହୋଇଛି । ରାଜ୍ୟରେ ପାଞ୍ଚଟି ପର୍ଯ୍ୟାୟରେ ହେବାକୁ ଥିବା ନିର୍ବାଚନର ଫଳ ମାର୍ଚ୍ଚ ମାସ ୫ ସୁଦ୍ଧା ପ୍ରକାଶ ପାଇବ । ସେହି ସମୟରୁ ନୂତନ ପଞ୍ଚାୟତ ପ୍ରତିନିଧିମାନେ ବିଧିବଦ୍ଧ ଦାୟିତ୍ୱ ଗ୍ରହଣ କରିବେ ବୋଲି ସୂଚିତ ହୋଇଛି । ତିନିଥାକିଆ ପଞ୍ଚାୟତ ନିର୍ବାଚନ ସକାଶେ ଗୃହୀତ ବ୍ୟବସ୍ଥାର ଅଂଶସ୍ୱରୂପ ରାଜ୍ୟରେ ସଂରକ୍ଷଣ ପ୍ରକ୍ରିୟା ଆରମ୍ଭ ହେଉଥିବାରୁ ତାହା ବିଭିନ୍ନ ମହଲରେ ପ୍ରତିକ୍ରିୟା ସୃଷ୍ଟି କରିବା ସ୍ୱାଭାବିକ । ପ୍ରକାଶ ପାଇବାକୁ ଥିବା ଚିଠା ଆଧାରରେ ସାଧାରଣ ମତଦାତାଙ୍କ ଅନୁମୋଦନପୂର୍ବକ ନିର୍ବାଚନ ହେବ । ଯଦିଓ ବିଧିବଦ୍ଧ ନିର୍ବାଚନ ତିଥି ଘୋଷିତ ହୋଇନାହିଁ, ପ୍ରାଥମିକ ଘୋଷଣା ହିଁ ନିର୍ବାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବ । କେଉଁ ପଦ ପାଇଁ କିଭଳି ସଂରକ୍ଷଣ ହେବ, କେଉଁ ପଦବି ସଂରକ୍ଷଣମୁକ୍ତ ରହିବ, ତାହା ଜଣାଯିବା ପରେ ସମ୍ପୃକ୍ତ ମତଦାତା କେଉଁ ପ୍ରାର୍ଥୀଙ୍କ ପାଇଁ କିଭଳି ମତପୋଷଣ କରିବେ ତାହା ସ୍ପଷ୍ଟ ହୋଇଯିବ । ରାଜ୍ୟ ସରକାରଙ୍କ ପକ୍ଷରୁ ସବୁଜ ସଙ୍କେତ ମିଳିବା ପରେ ଜିଲ୍ଲା ପ୍ରଶାସନଗୁଡ଼ିକ ଆଗାମୀ ପଞ୍ଚାୟତ ଭୋଟ ପାଇଁ ତତ୍ପର ହୋଇଉଠିବାର ଜଣାଯାଉଛି । ସରପଞ୍ଚ, ସମିତି ସଭ୍ୟ, ଜିଲ୍ଲା ପରିଷଦ ପଦ ପାଇଁ ଆଶାୟୀମାନେ ଏବେଠାରୁ ଚେଇଁ ଉଠିଲେଣି । ଦଳୀୟ ସମର୍ଥନରେ ଟିକଟ ପାଇବାକୁ ବହୁପୂର୍ବରୁ ଲବି ଆରମ୍ଭ ହୋଇସାରିଲାଣି । ବିଧିବଦ୍ଧ ଘୋଷଣା ପୂର୍ବରୁ ସଂରକ୍ଷଣ ନିୟମକୁ ନେଇ ଉଠିଥିବା ସମାଲୋଚନା ପାଇଁ ଏବେ କାହାରି ପରବାୟ କରିବାର ନାହିଁ । ଗଣତନ୍ତ୍ରର ତୃଣମୂଳ ସ୍ତରକୁ କେମିତି ଶକ୍ତ କରାଯିବ ସେହି ବିଚାରକୁ ବଳ ଦେବାପାଇଁ ଅନ୍ୟ କେଉଁଠି ଉଦ୍ୟମ ହେଉଥାଉ ପଛେ, କ୍ଷମତାଲିପ୍ସୁ ଭଲରୂପେ ଜାଣିଛନ୍ତି ଅସଲ ଦୁର୍ବଳତାର ଚେର କେଉଁଠି ରହିଛି । ତାହାରି ଭିତରେ ନିର୍ବାଚନୀ ଔପଚାରିକତାର ପରିପାଳନ ହେଉଛି ମୌଳିକ ଆବଶ୍ୟକତା । ତାହା ହେଉଛି ନାଗରିକଙ୍କର ପ୍ରାଥମିକ କର୍ତ୍ତବ୍ୟ ।

## ଅବହେଳିତ ବାର୍ଦ୍ଧକ୍ୟ



କବି ବିପ୍ଳବ

ଯଦି ଗୋଟିଏ ମଣିଷର ଅକାଳ ମୃତ୍ୟୁ ନହୁଏ ତେବେ ସାଧାରଣ ଜୀବନ ଚର୍ଯ୍ୟାରେ ଚାରୋଟି ଅବସ୍ଥା ଦେଇ ସେ ଗତି କରେ । ବାଲ୍ୟ, କୈଶୋର, ଯୌବନ ଓ ଶେଷରେ ଆସେ ବାର୍ଦ୍ଧକ୍ୟ କ୍ଷ ଏ ସବୁ ଭିତରୁ ବାଲ୍ୟ ଓ ବୃଦ୍ଧାବସ୍ଥାରେ ଏକା ପ୍ରକାର ପରିସ୍ଥିତି ଦେଇ ମଣିଷ ଗତି କରିଥାଏ । ସେଥିପାଇଁ ବୋଧେ କୁହାଯାଇଛି ବାଳ ବୃଦ୍ଧ ସମାନ । ମାତ୍ର ଅବସ୍ଥା ଦୁଇଟି ସମାନ ଜଣା ପଡୁଥିଲେ ମଧ ବାଲ୍ୟାବସ୍ଥାର ଆଦର ଯତ୍ନ ବୃଦ୍ଧାବସ୍ଥାରେ ମିଳେ ନାହିଁ । ଶିଶୁଟିଏ ନଖାଇଲେ, ଅଝଟ ହେଲେ ମା' ତାକୁ କୋଳେଇ କାଖେଇ ଜହ୍ନ ଦେଖେଇ, ବୁଢ଼ୀ ଅସୁରୁଣୀ ଗପ କହି ବୁଝେଇ ଖୁଆଇଦିଏ । ମାତ୍ର ବୃଦ୍ଧାବସ୍ଥାରେ ସେ ଅଝଟ ହେଲେ ବା ଜିଦିକଲେ ଖାଇବାକୁ ମିଳେ ନାହିଁ । ଶିଶୁଟିଏ ନିଜ ଅଜାଣତରେ ଝାଡା କି ପରିଶ୍ରା କରିଲେ ମା' ତାକୁ ଆଦର ଯତ୍ନରେ ପୋଛିନିଏ କିନ୍ତୁ ଏକା ସେଇ କାମ ବୃଦ୍ଧାବସ୍ଥାରେ କଲେ ସେ ଘୃଣାର ପାତ୍ର ହୁଏ । ସେଥିପାଇଁ ବୋଧେ ବିଭିନ୍ନ ଗଣମାଧମରେ ବୁଢ଼ା ବାପା ମା'ଙ୍କ ପ୍ରତି ସନ୍ତାନ ମାନଙ୍କର ଅତ୍ୟାଚାର ପରି ରୋମଟାଙ୍କୁରା ଘଟଣା ଦେଖିବାକୁ ପଡୁଛି । ଅ ଅଶିକ୍ଷିତ, ଅଭାବୀ ପରିବାରରେ ଖାଲି ଏମିତି ଦୁର୍ଘଟଣା ଘଟୁନି ଉଚ୍ଚ ଶିକ୍ଷିତ ବୋଲାଉଥିବା ବା ପିତା ପୁତ୍ର ଥିବା ପରିବାରରେ ବି ଏମିତି ଘଟଣା ଦେଖିବାକୁ ମିଳୁଛି ।

ଏମିତି କାହିଁକ ହୁଏ ? ଗୀତା, ଭାଗବତ, ବେଦ, ଉପନିଷଦ ସୃଷ୍ଟି କରିଥିବା ମହାନ ଦେଶ ଭାରତ ବର୍ଷରେ ଯେଉଁଠି ଗାଈ, ନଦୀ, ବୃକ୍ଷ, ପ୍ରକୃତିକୁ ପୂଜା କରାଯାଏ ସେଠି ଜୀବନ୍ତ ଠାକୁର କୁହା ଯାଉଥିବା ପିତା ମାତାଙ୍କର ଯତ୍ନ ବାର୍ଦ୍ଧକ୍ୟ ଅବସ୍ଥାରେ କଣ ପାଇଁ ଅବହେଳିତ ହୁଏ ! କେତେକାଂଶରେ ପିତାମାତା ଆଉ ଅଧିକାଂଶ କ୍ଷେତ୍ରରେ ପିଲାମାନଙ୍କୁ ଏଥିପାଇଁ ଦାୟୀ କରାଯାଇ ପାରେ । ପରିବର୍ତ୍ତିତ ଜୀବନ ଶୈଳୀରେ ଏବେ ପିଲା ମାନେ ବସ୍ତୁବାଦୀ ହୋଇ ଉଠିଛନ୍ତି । ସେମାନଙ୍କ ଭିତରେ ସ୍ନେହ, ପ୍ରେମ, ଦୟା, କ୍ଷମା ଏ ସବୁ ମହନୀୟ ମାନବୀୟ ଗୁଣର ଘୋର ଅଭାବ ଦେଖିବାକୁ ମିଳୁଛି । ଦିନକୁ ଦିନ ମଣିଷ ଶିଶୁ ସମ୍ବେଦନହୀନ ହେବାର ପରିଲକ୍ଷିତ ହେଉଛି । ଉପଯୁକ୍ତ ଶିକ୍ଷାର ଅଭାବ ଏଥପାଇଁ ଦାୟୀ । ମାତ୍ର କେତେକ କ୍ଷେତ୍ରରେ ଦେଖାଯାଏ ପିତା ମାତା ଉଭୟ କର୍ମଜୀବି ଆଉ ସେମାନେ ଏକାର୍ଣ୍ଣବର୍ତ୍ତୀ ପରିବାରଠୁଁ ବହୁତ ଦୂରରେ । ସେ କ୍ଷେତ୍ରରେ ପିଲାଟିଏ ଦିନସାରା ଅନ୍ୟ କାହା ହେପାଜତରେ ରହିଲା ଲଲ, ଏପରିକି ନିଜ ବାପ ମା' ସହିତ ଜେଜେ ବାପା, ଜେଜେ ମା'ଙ୍କ ସ୍ନେହ ଆଦରରୁ ବଂଚିତ ହେଲା । ଯାହା ତାର ପ୍ରାପ୍ୟ ସେ ରକ୍ତ ସମ୍ପର୍କୀୟଙ୍କ ଠୁଁ ନପାଇ ସେବିକା ଠାରୁ ପାଇଲା । କର୍ମଜୀବି ମାତା ପିତା ସନ୍ଧ୍ୟା ବେଳକୁ କର୍ମ କ୍ଷେତ୍ରର କ୍ଳାନ୍ତି, ଅପସାଦ ନେଇ ଘରକୁ ଫେରନ୍ତି ଆଉ ଖାଇ ପିଇ ଶୋଇ ପଡନ୍ତି । ପିଲାଟିର ଅଳି ଅର୍ଦ୍ଦଳୀ ବୁଝିବାକୁ ତାଙ୍କ ପାଖରେ ଯଥେଷ୍ଟ ସମୟ ନଥାଏ । ଏ କ୍ଷେତ୍ରରେ ସେ ଦୁହିଁଙ୍କ ମଧରେ ସମ୍ପର୍କରେ ଫାଟ ସୃଷ୍ଟି ନହେଲେ ବି ପରସ୍ପରଙ୍କ ଅଜାଣତରେ ଯେମିତି ଏକ ଦୂରତା ଅଦୃଶ୍ୟ ଭାବରେ ବଢୁଥାଏ । ଏହାର ପ୍ରତି ଫଳନ ସମ୍ପୃକ୍ତ ପିତା ମାତାଙ୍କୁ ବେଳେ ବେଳେ ବାର୍ଦ୍ଧକ୍ୟ ରେ ଭୋଗିବାକୁ ହୁଏ ।

ବେଳେ ବେଳେ ଗରିବ ଶ୍ରେଣୀ ବା ମଧବିତ୍ତ ଶ୍ରେଣୀର ପିଲାମାନେ ଅଭାବ ଅସୁବିଧାରେ ପଡି ବାପାମାଙ୍କୁ ନିଜଠୁଁ ଅଲଗା କରି ଦିଅନ୍ତି ବା ଖାଇବାକୁ ଦିଅନ୍ତି ନାହିଁ । ବେଳେ ବେଳେ ପୈତୃକ ସମ୍ପତ୍ତି ବଣ୍ଟାକୁ ନେଇ ପିଲାମାନେ ପରସ୍ପର ଭିତରେ ଲଢ଼େଇ କରନ୍ତି ଆଉ ଆଉ ଏଥିରେ ବଳି ପଡନ୍ତି ନିରୀହ ପିତା ମାତା । ବେଳେବେଳେ ସ୍ତ୍ରୀ କଥାରେ ପରିଚାଳିତ ଅଯୋଗ୍ୟ ପୁଅ ପିତା ମାତାଙ୍କ କଥାକୁ ଅଣଦେଖା କରି ନିର୍ଯାତନା ଦେଇଥାଏ । କେତେକ କ୍ଷେତ୍ରରେ ଦୁଃସାଧ ରୋଗରେ ପୀଡିତ ହେବା ଦ୍ୱାରା ପିତା ମାତା ଉପଯୁକ୍ତ ସେବା ଯତ୍ନ ପାଇ ନଥାନ୍ତି । ଏମିତି ସବୁ ପ୍ରତିକୂଳ ପରିସ୍ଥିତିରେ ବୃଦ୍ଧବୃଦ୍ଧା ମାଡ ଗାଳି ଖାଇ ଅବହେଳିତ ଅବସ୍ଥାରେ ପରିବାରରେ ମୃତ୍ୟୁକୁ ଅପେକ୍ଷା କରିଥାନ୍ତି, କେତେକ ଆତ୍ମହତ୍ୟା ପରି ନିଷ୍ଠୁର ପଦକ୍ଷେପ ନିଅନ୍ତି ନହେଲେ ଘର ଛାଡ଼ି ବୃଦ୍ଧାଶ୍ରମ ପଳେଇ ଯାଇଥାନ୍ତି ।

ଏ ପରିସ୍ଥିତିରେ ଆମର କର୍ତ୍ତବ୍ୟ କଣ ହେବା ଉଚିତ ? କେମିତି ମୁକୁଳି ହେବ ଏ ସମସ୍ୟାରୁ ଆଉ ବାର୍ଦ୍ଧକ୍ୟକୁ କରିହେବ ସୁଖକର ? ପ୍ରଥମେ ଭାବିବାକୁ ହେବ ବାର୍ଦ୍ଧକ୍ୟ ପ୍ରତିଟି ମଣିଷ ଜୀବନର ଏକ ଅବସ୍ଥା ଆଉ ତାହା ନିଶ୍ଚୟ ଆସିବ ଯଦି ଆମର ଅକାଳ ମୃତ୍ୟୁ ନହୁଏ। ବାର୍ଦ୍ଧକ୍ୟ ଆସିଲେ ତାକୁ ଭୋଗିବାକୁ ହେବ । ସେ ସମୟରେ ଶରୀରରେ ଶକ୍ତି କମି ଯିବା ସହିତ ବିଭିନ୍ନ ରୋଗ ମାଡ଼ି ବସିବ ଆଉ ବିଭିନ୍ନ ଅଙ୍ଗ ପ୍ରତ୍ୟଙ୍ଗ ଶିଥିଳ ହେଇଯିବ । ଅନ୍ୟ ଉପରେ ଜୀବନ ନିର୍ଭରଶୀଳ ହେବାକୁ ବାଧ ହେବ । ଆମେ ଯଦି ଆମ ପିଲାମାନଙ୍କର ଅଳି ଅର୍ଦ୍ଦଳୀ ହଜମ କରି ପାରୁଛେ ତେବେ ଆମକୁ ଦୁନିଆଁ ଦେଖେଇଥିବା ସେଇ ଜୀବନ୍ତ ଭଗବାନଙ୍କ ସୁଖ ସୁବିଧା ବୁଝିବାରେ ଅସୁବିଧା କେଉଁଠି ? ଏ କଥା ଭାବିବାକୁ ହେବ ଆମକୁ ଚାଲି ଶିଖେଇଥିବା ଲୋକ, ଆମ ଓଠରେ ଭାଷା ଦେଇଥିବା ଲୋକ, ଆମକୁ ଦୁନିଆଁ ଆଲୋକ ଦେଖେଇ ଥିବା ଲୋକ ଆମର କେତେ ପ୍ରିୟ । ତେଣୁ ତାଙ୍କ ପାଇଁ ଆମର କର୍ତ୍ତବ୍ୟ ରହିଛି । ପିଲାଟିଏ ପରିବେଶ ଆଉ ପରିସ୍ଥିତିରୁ ବହୁତ କିଛି ଶିକ୍ଷା କରିଥାଏ । ଆମେ ଆମ ବାପା ମା'ଙ୍କ ସେବା ଯତ୍ନ କରିଥିବାର ଦୃଶ୍ୟ ପିଲାଏ ଦେଖିଲେ ଆଉ ଅନୁଭବ କରିଲେ ଆମ ବାର୍ଦ୍ଧକ୍ୟ ବେଳେ ହୁଏତ ଆମର କାମରେ ଆସିପାରେ, ଏ କଥା ଭାବିବାକୁ ହେବ । ଯଦି ମନ ଏତେ ସବୁ ଭଲ କଥା ଗ୍ରହଣ କରିବାକୁ ନାରାଜ ତେବେ ଆମକୁ ସିଧା ସିଧା ବୁଝିବାକୁ ହେବ ହେବ ଯେ ଆମେ ଦିନେ ବୃଦ୍ଧ ବୃଦ୍ଧା ହେବା । ଆମର ବି ଗୋଡ଼ ହାତ ଅଚଳ ହେବାର ସମ୍ଭାବନା ଅଛି, ଅସାଧ ରୋଗର ଆକ୍ରମଣ ହେବାର ସମ୍ଭାବନା ରହିଛି। ଅନ୍ୟ ଉପରେ ବି ନିର୍ଭରଶୀଳ ହେବାକୁ ପଡିବ । ସ୍ୱାର୍ଥପର ଦୁନିଆଁରେ ଆମେ ଯଦି କାହାକୁ ସେବା କରି ନଥିବା ଆମର ବି କେହି କରିବେ ନାହିଁ । ତାହେଲେ ଯାଇ ଆମର ବୃଦ୍ଧ ପିତାମାତାଙ୍କ ପ୍ରତି ଅବହେଳା କରିଲେ ବା ଖରାପ ବ୍ୟବହାର କରିଲେ ଛାତି ଥରିବ । ଅତଏବ ବଞ୍ଚିବା ବେଳେ ଜୀବନ୍ତ ଉଶ୍ୱର ମାନଙ୍କର ଆରାଧନା କରାଯାଉ, ସେବା ଯତ୍ନ କରାଯାଉ ତାହେଲେ ଆମ ବାର୍ଦ୍ଧକ୍ୟ ସୁଧୁରିଯିବ ଆଉ ସୁଖକର ହେବ । ବେଣାମୂଳରେ ତ କୁଳାଙ୍ଗାର ପୁଅ ବି ପାଣି ଦେଇ ମିଛ ଧର୍ମ ଅର୍ଜନର ଧେଣ୍ଡୁରା ପିଟେ।

+ ମକୁନ୍ଦ ପୁର, ବାଙ୍କୀ

## ଏକ ନୂଆ ଆନ୍ଦୋଳନ ପାଇଁ ଖୋରାକ ଯୋଗାଇବ ରମନ୍ନାଙ୍କ ପରାମର୍ଶ



ଗୋପାଳ ମହାପାତ୍ର

ଦେଶରେ ନ୍ୟାୟପାଳିକାର ଇତିହାସରେ ଏବେ ଏକ ନୂଆ ଅଧ୍ୟାୟ ସୃଷ୍ଟି ହୋଇଛି ଯେତେବେଳେ ସର୍ବୋଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତି ମହିଳାମାନଙ୍କୁ ସମାନ ହକ୍ ପ୍ରଦାନ କରାଯିବା କଥା କହିଛନ୍ତି। ମୁଖ୍ୟବିଚାରପତି ଏ ପ୍ରସଙ୍ଗରେ ସମାଜବାଦର ପ୍ରଣେତାକାର୍ଲମାର୍କ୍ସଙ୍କ ଉଦାହରଣ ମଧ ଦେଇଛନ୍ତି। ମୁଖ୍ୟ ବିଚାରପତି ଏନ.ବି.ର ମନ୍ନା ନ୍ୟାୟପାଳିକାରେ ମହିଳମାନଙ୍କୁ ୫୦ ପ୍ରତିଶତ ସଂରକ୍ଷଣ ଦିଆଯିବା ପାଇଁ କେନ୍ଦ୍ର ସରକାରଙ୍କୁ ପରାମର୍ଶ ଦେଇଛନ୍ତି। ଏହି ପରାମର୍ଶ କେନ୍ଦ୍ର ସରକାରଙ୍କୁ ଅଡୁଆରେ ପକାଇବ ନିଶ୍ଚୟ କାରଣ ଏଥିପାଇଁ ସରକାରଙ୍କୁ ହିଁ ଆଇନ ପ୍ରଣୟନ କରିବାକୁ ପଡ଼ିବ। ଯଦି ସରକାର ବିଚାରପତି ରମନ୍ନାଙ୍କ ପରାମର୍ଶକୁ ଗ୍ରହଣ କରି ନିଅନ୍ତି ତେବେ ଏହା ଭାନୁମତି ପେଡ଼ି ଖୋଲିବା କଥା ହେଉଛି ସରକାର ଯଦି ବିଚାରପତି ରମନ୍ନାଙ୍କ ପରାମର୍ଶକୁ ମାନି ନିଅନ୍ତି ତେବେ ସଂସଦ ଏବଂ ବିଭିନ୍ନ ରାଜ୍ୟର ବିଧାନସଭାମାନଙ୍କରେ ମହିଳାମାନଙ୍କୁ ୫୦ ପ୍ରତିଶତ ସଂରକ୍ଷଣ ଦେବା ପାଇଁ ଦାବି ଉଠିବ। ଫଳତଃ କେନ୍ଦ୍ର ଓ ରାଜ୍ୟ ସରକାରମାନେ ମନ୍ତ୍ରିମଣ୍ଡଳରେ ୫୦ ପ୍ରତିଶତ ଅଂଶ ମହିଳାଙ୍କ ପାଇଁ ସଂରକ୍ଷଣ ରଖିବେ। ବୋଧହୁଏ ଏକଥା କୌଣସି ବି ସରକାର ଚାହୁଁନାହାଁନ୍ତି କି ଚାହିଁବେ ନାହିଁ।

ଦେଶର ସବୁ ରାଜନୈତିକ ଦଳ ସମାଜର ସବୁକ୍ଷେତ୍ରରେ ମହିଳାମାନଙ୍କୁ ଉଚିତ୍ ପ୍ରତିନିଧି ଦେବା କଥା କହୁଛନ୍ତି। କିନ୍ତୁ ବିଜେପି ସମେତ କୌଣସି ବି ବିରୋଧୀ ଦଳ ମହିଳାମାନଙ୍କୁ ୫୦ ପ୍ରତିଶତ ସଂରକ୍ଷଣ ଦେବା ତ ଦୂରର କଥା ୩୩ ପ୍ରତିଶତ ସଂରକ୍ଷଣ ଦେବା ପାଇଁ ପ୍ରସ୍ତୁତ ନୁହଁନ୍ତି। ସଂସଦ ଓ ବିଧାନସଭାରେ ମହିଳାମାନଙ୍କୁ ୩୩ ପ୍ରତିଶତ ଦେବା ପାଇଁ ଯେଉଁ ମହିଳା ସଂରକ୍ଷଣ ବିଲ୍ ପ୍ରଣୟନ ହୋଇଥିଲେ ମଧ ଏହି ଆଇନକୁ କାର୍ଯ୍ୟକାରୀ ହୋଇପାରୁନାହିଁ। ବିଗତ ୭ବର୍ଷ ମଧରେ ମୋଦୀ ସରକାର ମଧ ଏ ଦିଗରେ କୌଣସି ଠୋସ୍ ପଦକ୍ଷେପ ନେଇ ପାରିନାହାଁନ୍ତି। ଏଣୁ ନ୍ୟାୟଳୟରେ ମହିଳାମାନଙ୍କୁ ୫୦ପ୍ରତିଶତ ସଂରକ୍ଷଣ ଦିଆଯିବା ପାଇଁ ବିଚାରପତି ରମନ୍ନା ଦେଇଥିବା ପରାମର୍ଶକୁ ସରକାର ଗ୍ରହଣ କରିବେ ବୋଲି ଆଶା କରିବା ବୃଥା ନିଶ୍ଚୟ। ବହୁବର୍ଷ ପୂର୍ବେ କାର୍ଲମାର୍କ୍ସ 'ଦୁନିଆର ମଜଦୁର ଏକ ହୁଅ' ସ୍ଲୋଗାନ ଦେଇ ସମାଜରେ ଏକ ନୂଆକ୍ରାନ୍ତିର ଆରମ୍ଭ କରିଥିଲେ। ଏହି ସ୍ଲୋଗାନର ଉଦାହରଣ ଦେଇ ମୁଖ୍ୟବିଚାରପତି ରମନ୍ନା ମହିଳା ଓକିଲମାନଙ୍କୁ ଏକଜୁଟ୍ ହେବା ପାଇଁ ଆହ୍ୱାନ ଦେଇଛନ୍ତି ଏବଂ ସେମାନଙ୍କୁ କହିଛନ୍ତି ଯେ, ୫୦ପ୍ରତିଶତ ସଂରକ୍ଷଣ ସେମାନଙ୍କର ହକ୍ ବା ଅଧିକାର। ବିଚାରପତି ରମନ୍ନା ଏକଥା କହିହକ୍ ପାଇଁ ଲଢେଇର ରାସ୍ତା ଦେଖାଇ ଦେଇଛନ୍ତି। ଏକଥା ମଧ ସତ୍ୟ ଯେ, ରମନ୍ନାଙ୍କ କଥାର ପ୍ରଭାବ ନିଶ୍ଚୟ ଦେଖିବାକୁ ମିଳିବ ଓ ଦେଶର ରାଜଧାନୀ ଦିଲ୍ଲୀଠାରୁ ଆରମ୍ଭ କରି ଦେଶର ଅନ୍ୟ ଅଞ୍ଚଳରେ ମହିଳାମାନେ ସ୍ୱର ଉଠାଇବେ। ଆଗାମୀ ଦିନରେଏହା ଏକ ଆନ୍ଦୋଳନର ରୂପ ମଧ ନେଇପାରେ। ମୁଖ୍ୟ ବିଚାରପତି ମହିଳାମାନଙ୍କ ପାଇଁ ଦେଶରେ ଥିବା ଆଇନ ମହାବିଦ୍ୟାଳୟମାନଙ୍କରେ ସଂରକ୍ଷଣ ରଖାଯିବା ପାଇଁ ମଧ ପରାମର୍ଶ ଦେଇଛନ୍ତି।

ବିଚାରପତି ରମନ୍ନା କହିଛନ୍ତି ଯେ, ମହିଳାମାନେ ଏକଜୁଟ୍ ହେବାର ଆବଶ୍ୟକତା ରହିଛି। ମହିଳାମାନେ ସେମାନଙ୍କ ହକ୍ ବା ଅଧିକାର ପାଇଁ ସ୍ୱର ଉତ୍ତୋଳନ କରିବା ଆବଶ୍ୟକ। ମହିଳାମାନଙ୍କ ସ୍ୱରକୁ ଚପାଇ ଦିଆଯିବା ପାଇଁ ଆଉ ଉଦ୍ୟମ କରାନଯାଉ। ଉଲ୍ଲେଖନୀୟ ଯେ, ଦେଶର ନିମ୍ନ ଅଦାଲତମାନଙ୍କରେ ମହିଳାମାନଙ୍କ ପ୍ରତିନିଧିତ୍ୱ ୩୦ ପ୍ରତିଶତରୁ ବି କମ୍ ରହିଛି। ହାଇକୋର୍ଟମାନଙ୍କରେ ମହିଳାମାନଙ୍କ ପ୍ରତିନିଧିତ୍ୱ ୧୧ ପ୍ରତିଶତରୁ କମ୍ ରହିଛି। ସାରା ଦେଶର ବାର କାଉନସିଲ୍‌ମାନଙ୍କରେ ପିକୃତ ଓକିଲମାନଙ୍କ ସଂଖ୍ୟା ୧୭ଲକ୍ଷ ଥିବାବେଳେମାତ୍ର ୧୫ ପ୍ରତିଶତ ଅର୍ଥାତ୍ ୨ଲକ୍ଷ ୫୫ ହଜାର ମହିଳା ଓକିଲ ଅଛନ୍ତି। ରାଜ୍ୟ ବାର କାଉନସିଲ ମାନଙ୍କରେ ମହିଳାଙ୍କ ପ୍ରତିନିଧିତ୍ୱ ୨ପ୍ରତିଶତ। ପ୍ରତିଗ୍ରାମର ପ୍ରତି ଘରେ ଶୌଚାଳୟର ସ୍ୱପ୍ନ ପୂରଣ କରିବା କଥା କହୁଥିବା ସରକାର ଏକଥା ମଧ୍ୟ ଚିନ୍ତା କରିବା କଥା ଯେ, ଦେଶର ୬ହଜାର ଅଦାଲତ ଗୁଡିକ ମଧରୁ ଏବେବି ୨୨ ପ୍ରତିଶତ ଏମିତି ଅଦାଲତ ରହିଛି ଯେଉଁଠି ମହିଳାମାନଙ୍କ ପାଇଁ ଶୌଚାଳୟ ଭଳି ଆବଶ୍ୟକୀୟ ସୁବିଧା ନାହିଁ।

ପାଖାପାଖି ୪ ଦଶନ୍ଧି ପୂର୍ବେ ଭାଗଲପୁରରେ ଘଟିଥିବା ଏକ ଆଖି ଫୁଟାଇ ଦିଆଯାଇଥିବା ଘଟଣାର ବିଚାର ବିଭାଗୀୟ ତଦନ୍ତର ଦାବିକୁ ନେଇ ସୁପ୍ରିମ କୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାଏର କରାଯାଇଥିଲା। ସେହି ମାମଲାର ରାୟକୁ ଦେଶର ଜୁଡିସିଆଲ୍ ଆକ୍ଟିଭିଜିମ୍ ବା ନ୍ୟାୟିକ ସକ୍ରିୟତାର ପ୍ରାରମ୍ଭ ବୋଲି କୁହାଯାଇଥାଏ। ଏହା ପରଠାରୁ ଅନେକ ଛୋଟବଡ଼ ମାମଲାରେ ସୁପ୍ରିମ କୋର୍ଟ ଦଖଲ ଦେଉଛନ୍ତି। ସୁପ୍ରିମକୋର୍ଟର ୯ଜଣ ମହିଳା ବିଚାରପତିଙ୍କ ସମ୍ମାନାର୍ଥେ ଆୟୋଜିତ ସମାରୋହରେ ଅଭିଭାଷଣ ପ୍ରସଙ୍ଗରେ ମୁଖ୍ୟ ବିଚାରପତି ରମନ୍ନା ମହିଳା ଓକିଲମାନଙ୍କୁ ସମ୍ବୋଧିତ କରି ସେମାନଙ୍କ ହକ୍ କଥା କହିଛନ୍ତି। ବିଚାରପତି ରମନ୍ନାଙ୍କ ସମ୍ବୋଧନ ମହିଳାମାନଙ୍କୁ ଉତ୍ସାହିତ କରିବ ନିଶ୍ଚୟ। କିନ୍ତୁ ପ୍ରଶ୍ନ ଉଠୁଛି ବିଚାରପତି ରମନ୍ନା ଯେଉଁ ପରାମର୍ଶ ଦେଇଛନ୍ତି କେନ୍ଦ୍ର ସରକାର ତାକୁ ଗ୍ରହଣ କରିବେ ତ? କିନ୍ତୁ ରମନ୍ନାଙ୍କ ଏହି ପରାମର୍ଶ ଦେଶରେ ଏକ ନୂଆ ଆନ୍ଦୋଳନ ପାଇଁ ଖୋରାକ୍ ଯୋଗାଇଛି ବୋଲି କହିବାକୁ ହେବ ଏବଂ ଏହା ସରକାରଙ୍କ ପାଇଁ ମୁଣ୍ଡବିନ୍ଧାର କାରଣ ପାଲଟିବ।

+ ରାମଚନ୍ଦ୍ରପୁର

ରଣପୁର

(ମୋ)୯୪୩୮୪୮୫୦୯୪

## କବିତା କୋଣାର୍କ

### ଦାରୁ ଦେବତା
**ପ୍ରିୟଦର୍ଶିନୀ ମହାପାତ୍ର**



ଆଉ କେତେ ଦୁଃଖ ଦେବ  
ଦାରୁ ଦେବତା  
କେତେ ଯେ ଅଗ୍ନି ପରୀକ୍ଷା  
ପୁଣି କେତେ ପ୍ରତୀକ୍ଷା  
ଭାଙ୍ଗି ଦିଅ ତୁମ ନୀରବତା  
ଆଉ କେତେ ଦୁଃଖ ଦେବ  
ଦାରୁ ଦେବତା ।।

ସକାଳ ସରିଲେ ସଞ୍ଜ ପୁଣି  
ଆସେ ଫେରି  
ତୁମରି ଆଜ୍ଞାରେ ଆତଜାତ ସବୁରି

ତୁମେ ତ ଜଗତ କର୍ତ୍ତା  
ସଂସାର ର ରକ୍ଷାକର୍ତ୍ତା  
ଜାଳ ନାହିଁ କରି ଆଉ ସଳିତା  
ଆଉ କେତେ ଦୁଃଖ ଦେବ  
ଦାରୁ ଦେବତା ।।

ସଂସାର ଟା ସିନ୍ଧୁ ହେଲେ  
ତୁମେ ତ ନାଉରୀ  
ଜଞ୍ଜାଳ ତ ଜାଲ ହେଲେ  
ତୁମେ ରକ୍ଷା କାରୀ

ଦୟାକର ଦୀନବନ୍ଧୁ  
ଭାବଗ୍ରାହୀ କୃପାସିନ୍ଧୁ  
ହଟାଇ ଦିଅ ମାୟା ପରଦା  
ଆଉ କେତେ ଦୁଃଖ ଦେବ  
ଦାରୁ ଦେବତା ।।

+ ଶିକ୍ଷୟିତ୍ରୀ  
ଜୟଦେବ ବିହାର, ଭୁବନେଶ୍ୱର

### ଜୀବନ ଦର୍ଶନ
**ଝରଣା ବାରିକ**

ହାତେ ଧରୁଥିଲି ସିଲଟ ଖଡ଼ି  
ଭୁଲ୍ ହେଲେ ଦିଏ ପୋଛି,  
ପେନସିଲ ଖାତାରେ ଲେଖିଲି ଯେବେ  
ରବରରେ ଲିଭେ ଇଛି।

ସିଧା ହୁଏ ନାହିଁ ଧାଡ଼ି ଯେବେ ମୋର  
ଗାର ଟାଣି ଦିଏ ଲେଖି,  
ଅକ୍ଷର ସୁନ୍ଦର ପାଇଁ ହସ୍ତାକ୍ଷର  
ନିତି ଦେଉ ଥିଲୁ ଦେଖି।

ଜୀବନର ମୋଡ଼ ସିଲଟ ପରିକା  
ବାଲ୍ୟ କାଳେ ହୁଏ ପୋଛା,  
ପେନସିଲ ପରି ଭୁଲ କରି ଦେଲେ  
ଦୋଷ ହୁଏ ନାହିଁ ବଛା।

ବୟସ ବଢିଲେ ସାଧା କାଗଜଟେ  
କଲମ ରେ ଲେଖା ହୁଏ,  
ଥରେ ଲେଖି ଦେଲେ ସବୁ ଭୁଲ ହୁଏ  
କାଟି ବାକୁ ପଡ଼ିଥାଏ।

ସେଥି ପାଇଁ ପରା ଖଡ଼ି ରୁ ଆରମ୍ଭ  
କଲମ ଟା ଶେଷ ଯାଏ,  
ଯଦି ନ ଚାଲିବୁ ଭଲ ବାଟରେ ତୁ  
ସୁଧାରି ଜମା ନ ହୁଏ।

+ ସମଲ, ତାଳଚେର, ଅନୁଗୋଳ  
(ମୋ) ୯୫୫୬୮୪୬୯୩୨

### ନାଗ୍ନତାର ପ୍ରତିଧ୍ୱନି
**ଈଶ୍ୱର ମଙ୍ଗରାଜ**

ନଗ୍ନତାର ପ୍ରତିଧ୍ୱନି  
ଏ ଆଧୁନିକତାର ଏହାଟି ଚଳନୀ,  
ପୁରାଣ ଯୁଗ ମୂର୍ଖାମି  
ଏ ଯୁଗର ନାରୀ ପୁରୁଷ ଙ୍କ ଭଦ୍ରାମି।  
ଯେତେ ନଗ୍ନତା ହୁଅଇ ନାରୀ,  
ସମାଜେ ସେତେ ଆଦୃତ ତାରି ।  
ଈଶ୍ୱର ସର୍ଜନା କି ବିବର୍ତ୍ତନ ବାଦ,  
ନାରୀ ଶରୀର ଗଢା ରୁପ ଆକର୍ଷିତ ।  
ଲଜ୍ୟା ହେଉଛି ନାରୀର ଭୂଷଣ,  
ମୁଣ୍ଡରେ ଓଢନୀ ସାଲିନତା ପ୍ରମାଣ ।  
ବୃଦ୍ଧା କାଳେ କାହାର କେଶ ଧଳା,  
ଯିବା ବେଳକୁ ଉତ୍ସୃଙ୍ଖଳା କଳା ।  
ଅଧାବୟେସୀ ନାରୀ ଫେଶନ ବାଲି  
ଡ଼ିବି ଲିଭିଲା ବେଳକୁ ଜଳେ ନାଲି ।  
ଏହି ବୟେସ ଉରଜ ଉଚ୍ଚା  
ଶାଢ଼ୀ ଛାଡି ନାଇଟୀ ସଜା  
ମାଠାରୁ ଝିଅ ଶିଖେ ନାଗ୍ନତା  
ବାପଗୁଣପୁଅ ନିଶା ସଭ୍ୟତା ଲାଜକୁଳୀ  
ଲତାଠୁ ଶିଖ ଲଜ୍ୟା,  
ନଗ୍ନାନତା ଆଭୂଷଣ କରେ ବେଲଜ୍ୟା।

+ ଖୋର୍ଦ୍ଧା  
ରାଜ୍ୟପାଳ ପୁରସକାରପ୍ରାପ୍ତ,

### ସମ୍ପର୍କ ଜ୍ୱଳନ
**ବିନୟ ମିଶ୍ର**

ଅନ୍ତର୍ଜ୍ୱଳନର ଅର୍ଦ୍ଧ ଦଗ୍ଧ ଏକ  
ମନର ଉଚ୍ଛୁଳା ଲାଭା,  
ମିଛ ସମ୍ପର୍କର ଜାଲେ ଛଟପଟ ମୋ  
ଜୀବନ କପୋତ ଅବା,  
ସହି ବି ପାରେନା ବୁଝି,  
ବାହାନା ତାଡନା ବେଦନାକ୍ତ ମନ  
ନିସ୍ତେଜ ହୋଇଛି ଆଜି।୧

ସ୍ୱାର୍ଥୀ ଏ ସାଥୀ ନୁହେଁ ପରମାର୍ଥୀ ସନ୍ଧ୍ୟା  
ପ୍ରହର ଶୃଗାଳ,  
ଘଡ଼ିଏ ଡାକିବ ରହିବ ଘଡ଼ିଏ  
ଜଗି ଜଗି ଚିରକାଳ,  
ମିଛ ସମ୍ପର୍କର ଭିଡ଼,  
ପଚାରିବା ଆଗୁ ନିଶାର୍ଦ୍ଧ ହୋଇବ  
ଖୋଜି ମୋ ସ୍ମୃତିର ମଢ଼।୨

ବଞ୍ଚିବା ମରିବା କିବା ଦୁଃଖ ସୁଖ ଆନନ୍ଦ  
ବିଷାଦ ନେଇ,  
ପଚାରିବା ଆଗୁ ଘଡିମାରି ଜହ୍ନ  
ଆସୁଥିବ ଅବା ରହି,  
ଅଭିମାନି କଇଁ ହୋଇ,  
ଉଜାଗରେ ନିଶି ବିରହରେ ସିନା  
ବ୍ୟର୍ଥରେ ଯିବ ପାହି।୩

ନିସଙ୍ଗ ମନ ମୋ ନିରସେ ବିରସେ  
ନିଛାଟିଆ ଏକା ଭାବ,  
ଅନ୍ତରଙ୍ଗ ହୋଇ ତୁମ ଭାବନାର  
ପାଲଟିବି ଏକ ଶବ,  
ଚାଟୁକାର ସମ୍ପର୍କରେ,  
ଶୃଗାଳ ପରାଏ ଝୁଣିବାକୁ ମନ  
ପଚାସଢ଼ା ମାଉଁସରେ।୪

ଶାନ୍ତ ସରଳ ସ୍ୱଭାବର ହୋଇ  
ନିରତୁରୀ ଗଙ୍ଗା ସାଜି,  
ସନ୍ତର୍ପଣେ ପାଦ ଚାପି ଆସୁଥିବେ  
ଗୈରିକ ବସନେ ରାଜି,  
ଚାଟୁ ବାଣୀ ନିରନ୍ତର,  
ବନ୍ୟା ଧୌତ କୂଳ ମାଟି ତଡି  
କରିଦେବେ ନାରଖାର। ୫

ଏ ଜୀବନେ କେତେ ଅନାହୁତ ହୋଇ  
ଧସେଇ ପଶିବେ ଆସି,  
ସମ୍ପର୍କ ଆଳରେ ମହାର୍ଦ ଦେଇ  
ବୋଲିବେ ମାଆ ମାଉସୀ,  
ଜତୁଗୃହେ ନେବେ ଡାକି,  
ମୁହୂର୍ତ୍ତର ମଧେ ସର୍ବନାଶ କରି  
ତେଜିବେ କରି ଏକାକୀ।୬

ସରଳ ଏ ମନ ଗରଳରେ ଭରି  
ଶରୀରକୁ ନୀଳ କରି,  
ବାହା ବା ନେଇ ବକ୍ଷ ପ୍ରସାରି  
କରୁଥିବେ ବାହାଦୁରୀ,  
କୀଟ ଦ୍ରଂଷ୍ଟ ଫୁଲ କରି,  
ଫିଙ୍ଗି ଚାଲିଯିବେ ସତେ ଯେମିତି କେ  
ଉଚ୍ଛିସ୍ଟ ପତ୍ର ପରି।୭

କେତେ ପ୍ରତାରଣା ପୂର୍ଣ୍ଣ ବାକ୍ୟରେ  
ମୋହିନେବେ ମନ ପୁଣି,  
ଛିଣ୍ଡା ଅଲରା କାଗଜଟେ ଭାବି  
ଫିଙ୍ଗିବେ ନାଳରେ ଆଣି,  
ଜୀଅନ୍ତା ଶବ ଯେ ଜାଣି  
ଦରମରା କରି ମୁଖେ ଦେଉଥିବେ  
ରାସ୍ତାକଡ଼ ନାଳ ପାଣି।୮

+ ନିଆଳ ଖୋର୍ଦ୍ଧା





## ଧାରାବାହିକ ପୌରାଣିକ ଉପନ୍ୟାସ

# ଦ୍ୱିତୀୟ ସୂର୍ଯ୍ୟ

**ଡ. ସିନ୍ଧୁ ସେନ**



ମହାଭାରତର ବିଭିନ୍ନ ଚରିତ୍ରକୁ ଭିନ୍ନଭିନ୍ନ ନାମରେ ନାମିତ କରି କିଛି ଉପନ୍ୟାସ ରଚନା କରିବାର ସିଦ୍ଧାନ୍ତ ନେଇଥିବା ଔପନ୍ୟାସିକା ଡ. ସିନ୍ଧୁ ସେନଙ୍କ ଦ୍ୱାରା ଲିଖିତ ଉପନ୍ୟାସ "ଦ୍ୱିତୀୟ ସୂର୍ଯ୍ୟ" । ସୂର୍ଯ୍ୟ ସକଳ ଶକ୍ତିର ଉତ୍ସ । ଜଗତର ଆତ୍ମା । ଯାହାର ଆଲୋକରେ ଆଲୋକିତ ହୋଇଥାଏ ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ସୃଷ୍ଟି, ସ୍ରଷ୍ଟା ସବୁକିଛିର ରହସ୍ୟ ରହିଛି ତାଙ୍କରି ଠାରେ । ଯୁଗଯୁଗ ଧରି ପୃଥିବୀବାସୀ କେବଳ ଗୋଟିଏ ସୂର୍ଯ୍ୟକୁ ଦେଖି ଆସିଛନ୍ତି, ଦେଖୁଥିବେ ମଧ୍ୟ । ହେଲେ ସୂର୍ଯ୍ୟର ପ୍ରତିରୂପ ଯେ ପୃଥିବୀରେ ଦିନେ ଉଦ୍‌ଭାସିତ ହୋଇଥିଲା । ତାଙ୍କୁ ନେଇ ରଚିତ ଏହି ଉପନ୍ୟାସଟି ଧ୍ୱନି ପ୍ରତିଧ୍ୱନିର ପାଠକମାନଙ୍କ ପାଇଁ...

### ଭାଗ-୩୨

ଜଣେ ବଳରାମ ଓ ଅନ୍ୟଜଣେ ଦ୍ୱାରିକାଧୀଶ କୃଷ୍ଣ । ପୂର୍ବରୁ ସେ ଦୁହିଁଙ୍କ ନାମ ଶୁଣିଥିଲି । ହେଲେ ଦେଖିବାର ସୁଯୋଗ ପାଇନଥିଲି । ତେଣୁ ଭଲରୂପେ ନିରୀକ୍ଷଣ କରୁଥିଲି ସେ ଦୁହିଁଙ୍କୁ । ଦୁହେଁ ଥିଲେ ବେଶ୍ ଗମ୍ଭୀର । କୃଷ୍ଣଙ୍କୁ ଟିକିଏ ଭଲକରି ଦେଖିବାକୁ ଇଚ୍ଛାକରି ତାଙ୍କ ଆଡ଼କୁ ବାରବାର ଅନାଇ ରହୁଥିଲି । ତାଙ୍କ ଓଠରେ ଲାଗିଥିଲା ମୃଦୁ ହସ । ତାଙ୍କ ଚକ୍ଷୁଯୁଗଳର ଏକ ଆକର୍ଷଣ ଥିଲା । ଆଖିରେ ଆଖିରେ ସେ ଯେମିତି କାହାରି ସହ କଥା ହେଉଥିଲେ ।

ସମସ୍ତଙ୍କ ଆସନ ଗ୍ରହଣ କରିସାରିବା ପରେ ରାଜା ଦ୍ରୁପଦ ସଭାମଧ୍ୟକୁ ପ୍ରବେଶ କଲେ । ବହୁ ବିନମ୍ରତାର ସହ ଉପସ୍ଥିତ ମାନ୍ୟଗଣ୍ୟ ଅତିଥିମାନଙ୍କୁ ସମ୍ଭାଷଣ କରି ତାଙ୍କ କନ୍ୟା ପାଇଁ ରଖା ଯାଇଥିବା ସର୍ତ୍ତଟି ଉପସ୍ଥାପନ କଲେ । ସେହି ସର୍ତ୍ତଟି ଥିଲା ଏମିତି - ମଣ୍ଡପର ଛାତରେ ରଖା ଯାଇଥିଲା ଗୋଟିଏ ମତ୍ସ୍ୟଯନ୍ତ୍ର । ଯାହାର ଘୂରିବାର କ୍ଷମତା ରହିଛି । ମତ୍ସ୍ୟଯନ୍ତ୍ର ତଳେ ଏକ ତୈଳପୂର୍ଣ୍ଣ କୁଣ୍ଡ । ଯେଉଁଥିରେ ମତ୍ସ୍ୟର ପ୍ରତିବିମ୍ବ ଦେଖା ଯାଉଥିବ । ପାଖରେ ରହିଛି ଧନୁ ଓ ସୂଚୀବାଣ ପରିପୂର୍ଣ୍ଣ ତୂଣୀର । କଥା ହେଉଛି ଯେଉଁ ବୀର ମତ୍ସ୍ୟର ପ୍ରତିବିମ୍ବକୁ ଦେଖି ତାର ଦକ୍ଷିଣ ଚକ୍ଷୁଟିକୁ ଗୋଟିଏ ସୂଚୀବାଣରେ ଯନ୍ତ୍ରର ଛିଦ୍ର ମଧ୍ୟଦେଇ ବିନ୍ଧିପାରିବ ସେହି ଭାଗ୍ୟବାନ୍ ହିଁ ହେବେ ଦ୍ରୁପଦ ରାଜାଙ୍କ ଜାମାତା । ତାଙ୍କର ଏହି ଉଦ୍‌ଘୋଷଣା ପରେପରେ ରାଜକୁମାରୀ କୃଷ୍ଣା ତାଙ୍କଭାଇ ଧୃଷ୍ଟଦ୍ୟୁମ୍ନଙ୍କ ସାଥିରେ ସଭାମଣ୍ଡପକୁ ପ୍ରବେଶ କଲେ । ସମସ୍ତଙ୍କ ଦୃଷ୍ଟି ଏଥର ପଡ଼ିଲା କୃଷ୍ଣାଙ୍କ ଉପରେ । ପ୍ରତ୍ୟେକ କୃଷ୍ଣାଙ୍କୁ ଦର୍ଶନ ପାଇଁ ବ୍ୟଗ୍ର । ଧୀରଚାଲି, ଅଂଗେଅଂଗେ ଲାବଣ୍ୟର ଲହରୀ । ହାତରେ ବରଣମାଳା ଧରି ଆଗେଇ ଆସୁଥିଲେ କୃଷ୍ଣା । ଭାଇ ଧୃଷ୍ଟଦ୍ୟୁମ୍ନ ତାଙ୍କୁ ଜଣଜଣ କରି ପରିଚିତ କରାଇ ଦେଉଥାନ୍ତି ନିମନ୍ତ୍ରିତ ଅତିଥିମାନଙ୍କ ସହ । କୃଷ୍ଣାଙ୍କୁ ଆଖିପୂରାଇ ଦେଖିବାପାଇଁ ମୋ ମନରେ ଯେ ଆଗ୍ରହ ନାହିଁ ତାହା ନୁହେଁ ହେଲେ ମୁଁ ଭାବୁଥିଲି କୃଷ୍ଣା ନିଶ୍ଚୟ ବୀରା ରମଣୀ, ନହେଲେ ମହାରାଜ ଏଭଳି କଠିନ ସର୍ତ୍ତ ରଖିବାର କାରଣ କ'ଣ ? ଲକ୍ଷ୍ୟଭେଦ ତ ବୀରତ୍ୱର ପରୀକ୍ଷା । ଉପସ୍ଥିତ ସମସ୍ତେ କ'ଣ ଲକ୍ଷ୍ୟଭେଦ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇପାରିବେ ? ତେବେ ସମସ୍ତଙ୍କୁ ତ ପରୀକ୍ଷା ଦେବାକୁ ପଡ଼ିବ । ଜୀବନଟା ସାରା ତ ଏମିତି ଅନେକ ପରୀକ୍ଷାର ସମ୍ମୁଖୀନ ହେବାକୁ ପଡ଼ିବ, ଆଉ ଜୟ ପରାଜୟ ତ ନିଶ୍ଚୟ ଲାଗିରହିବ । ତେବେ ସଫଳତା, ବିଫଳତାକୁ ନେଇ ଚିନ୍ତାକରିବା ଅପେକ୍ଷା ପରୀକ୍ଷାରେ ଭାଗ ନେବାଟା ହିଁ ବଡ଼କଥା ।

ମୁଁ କର୍ଣ୍ଣ, ମୁଁ ମାନସିକ ସ୍ତରରେ ଆଦୌ ଦୁର୍ବଳ ନୁହେଁ । ଆଜି ତେଣୁ ଏହି ଲକ୍ଷ୍ୟଭେଦ ପାଇଁ ଭୟକରିବି କାହିଁକି ? ବରଂ ନିଜ ମନକୁ ଦୃଢ଼କରି ମାନସିକ ସ୍ତରରେ ପ୍ରସ୍ତୁତ କରିନେଲି । ଅପେକ୍ଷା କଲି ମୋର ପାଳି ଆସିବା ପର୍ଯ୍ୟନ୍ତ ।

କିଛିସମୟ ପରେ ଲକ୍ଷ୍ୟଭେଦ କାର୍ଯ୍ୟକ୍ରମ ଆରମ୍ଭ ହେଲା । ପ୍ରତ୍ୟେକେ ନିଜକୁ ସଜାଡ଼ି ନେଲେ । ଧୃଷ୍ଟଦ୍ୟୁମ୍ନଙ୍କ ଆଦେଶରେ ମତ୍ସ୍ୟଯନ୍ତ୍ରଟିକୁ ଘୂରାଇ ଦିଆଗଲା । ମତ୍ସ୍ୟଟି ତୈଳକୁଣ୍ଡରେ ପ୍ରତିବିମ୍ବିତ ହେଉଛି କି ନାହିଁ ତାହା ମଧ୍ୟ ପରୀକ୍ଷା କରି ନିଆଗଲା । ସବୁକିଛି ଠିକ୍‌ଠାକ୍ ହୋଇଗଲା ପରେ, ଧୃଷ୍ଟଦ୍ୟୁମ୍ନ ଜଣଜଣ କରି ବୀରମାନଙ୍କୁ ଆହ୍ୱାନ କଲେ ନିଜ ବୀରତ୍ୱ ପ୍ରଦର୍ଶନ ପାଇଁ । ଶାଲ୍ୱରାଜ, ଶିଶୁପାଳ, କଳିଙ୍ଗରାଜ, ବିଦେହରାଜ, ଦୁର୍ଯ୍ୟୋଧନ, ଇତ୍ୟାଦି ପ୍ରତ୍ୟେକେ ଆସିଲେ । କିଏ ଧନୁକୁ ଟେକିପାରିଲେ ନାହିଁ, ତ କିଏ ତହିଁରେ ଗୁଣ ଚଢ଼ାଇବାକୁ ହେଲେ ଅସମର୍ଥ । କେହିବି ଧନୁକୁ ଟେକିବାକୁ ଯାଇ କଚାଡ଼ି ପଡ଼ିଲେ । ମୋ ଆସନରେ ବସି ମୁଁ ଏ ଦୃଶ୍ୟ ଦେଖୁଥିଲି । ଶକୁନି ମାମୁ ତ ଭୟରେ ଧନୁ ପାଖକୁ ମଧ୍ୟ ଗଲେ ନାହିଁ । ମୁଁ କିଛି ବୁଝିପାରୁ ନଥାଏ । ଏତେ ବଡ଼ବଡ଼ ପରାକ୍ରମୀ ବୀର । ଅଥଚ କେହି ବି ଉତ୍ତୀର୍ଣ୍ଣ ହେଇ ପାରୁନାହାଁନ୍ତି । ମୋତେ ବେଶି ଦୁଃଖ ଲାଗୁଥିଲା ବନ୍ଧୁ ଅଶ୍ୱତ୍ଥାମାଙ୍କ ବିଫଳତା ଦେଖି ।

ଓଃ ଆଶ୍ଚର୍ଯ୍ୟ ! ଗୁରୁପୁତ୍ର ଅଶ୍ୱତ୍ଥାମା । ସକଳ ଶାସ୍ତ୍ରରେ ବିଦ୍ୱାନ, ବ୍ରହ୍ମଜ୍ଞାନୀ ମଧ୍ୟ । ପିତା ଦ୍ରୋଣାଚାର୍ଯ୍ୟଙ୍କ ଠାରୁ ଶସ୍ତ୍ରବିଦ୍ୟାରେ ପାରଙ୍ଗମ ହୋଇଛନ୍ତି । ଅଥଚ ସେ ପୁଣି ହେଲେ ବିଫଳ । ତାଙ୍କ ବିଫଳତାରେ ଯେତିକି ବିସ୍ମୟ ଜାଗୁଥିଲା, ସେତିକି କ୍ଷୋଭ ମଧ୍ୟ ଆସୁଥିଲା ମନରେ । ଦୁର୍ଯ୍ୟୋଧନ ସମସ୍ତଙ୍କୁ ଉତ୍ସାହିତ କରୁଥାନ୍ତି । ତାଙ୍କର ଇଚ୍ଛା ସେ ଯେତେବେଳେ ନିଜେ ଅକୃତକାର୍ଯ୍ୟ ହୋଇଛନ୍ତି, ଅନ୍ତତଃ ପକ୍ଷେ ତାଙ୍କର ନିଜ ଲୋକ କେହି ଜଣେ ବି ଏଥିରେ ସଫଳ ହୁଅନ୍ତୁ । ଦୁର୍ଯ୍ୟୋଧନଙ୍କ ଏହି ଉଦାର ଗୁଣଟି ମୋତେ ବେଶି ଭଲ ଲାଗେ । ତାଙ୍କ ନିଜପକ୍ଷର ଲୋକଙ୍କୁ ସେ ସଦାସର୍ବଦା ଉତ୍ସାହିତ କରନ୍ତି । ମୋତେ ତେଣୁ ଲକ୍ଷ୍ୟଭେଦ ପାଇଁ ଇସାରା ଦେଇ କହୁଥାନ୍ତି । ମୋ ମନରେ କିନ୍ତୁ ଦ୍ୱନ୍ଦ୍ୱ ଜାଗୁଥିଲା । ଲକ୍ଷ୍ୟଭେଦ ନ ପାରିବା ପାଇଁ ନୁହେଁ, ମୋର ଜନ୍ମକୁଳକୁ ନେଇ । କାରଣ ଜଗତ ଜାଣେ ମୁଁ ସୂତପୁତ୍ର, ରାଧେୟ । ତେଣୁ କ୍ଷତ୍ରିୟ କନ୍ୟାର ପାଣିଗ୍ରହଣ କରିବାର ଯୋଗ୍ୟତା ମୋର ନାହିଁ । ଏଠି ସିନା ମୁଁ ଅଂଗରାଜ ହିସାବରେ ଆସନ ଗ୍ରହଣ କରିଛି । ମାତ୍ର ଲକ୍ଷ୍ୟଭେଦ ପାଇଁ କେହି ଯଦି ଆପତ୍ତି ଉଠାଇବ । ତେଣୁ ଯିବି କି ନାହିଁ ସେହି ଭାବନାରେ ମୁଁ ଅସ୍ଥିର ହେଉଥାଏ । ଏପଟେ ଦୁର୍ଯ୍ୟୋଧନ ମୋତେ ବାରମ୍ବାର ଯିବା ନିମନ୍ତେ ଇସାରା ଦେଉଥାନ୍ତି । ଶେଷରେ ମୋ ଆସନରେ ଛିଡ଼ାହୋଇ ସମସ୍ତଙ୍କ ଆଡ଼େ ଅନାଇଲି କାହିଁ, କେହି ତ ପ୍ରତିବାଦର ସ୍ୱର ଉଠାଉ ନାହାଁନ୍ତି । ଏପରିକି ରାଜା ଦ୍ରୁପଦ ମଧ୍ୟ ନିରବରେ ତାଙ୍କ ଆସନରେ ବସିଛନ୍ତି । ଭାବିଲି, ଏତେ ବୀର ଯେତେବେଳେ ବିଫଳ ହୋଇ ସାରିଲେଣି, ମହାରାଜ ବୋଧେ ଭୟଭୀତ ହୋଇ ପଡ଼ିଛନ୍ତି । ତେଣୁ ଯେ କୌଣସି ପ୍ରକାରେ ଲକ୍ଷ୍ୟଭେଦ କରିଦେବାକୁ ତାଙ୍କର ଇଚ୍ଛା । ନହେଲେ ଜଣେ ସୁଯୋଗ୍ୟ ବୀର ହାତରେ ନିଜ କନ୍ୟାକୁ ସମର୍ପଣ କରିଦେବାର ଯେଉଁ ନିଷ୍ପତ୍ତି ନେଇଥିଲେ ତାହା ତାଙ୍କର ଅପୂର୍ଣ୍ଣ ରହିଯିବ । ସେଥିପାଇଁ ବୋଧେ ତାଙ୍କର ଏ ନିରବତା ।

ଏହା ମଧ୍ୟରେ ଦୁର୍ଯ୍ୟୋଧନ ମୋତେ ବାରବାର ଇଂଗିତ ଦେଉଥାନ୍ତି ଲକ୍ଷ୍ୟଭେଦ ପାଇଁ । ଶେଷରେ ମୁଁ ମୋ ଆସନରୁ ଉଠିଲି । ଲକ୍ଷ୍ୟଭେଦ ସ୍ଥାନ ଆଡ଼କୁ ଆଗେଇ ଗଲାବେଳେ କୌରବ ମଣ୍ଡଳୀ ମଧ୍ୟରୁ ଉତ୍ସାହପୂର୍ଣ୍ଣ କରତାଳି । ଅନୁଭବ କଲି ସମସ୍ତେ ଯେମିତି ମୋତେ ହିଁ ଅପେକ୍ଷା କରିଛନ୍ତି ଓ ଆଶା ରଖିଛନ୍ତି । ମୁଁ ହିଁ ଏ ପରୀକ୍ଷାରେ ନିଶ୍ଚିତ ଉତ୍ତୀର୍ଣ୍ଣ ହେବି । ସମସ୍ତଙ୍କ ଠାରୁ ଶୁଭେଚ୍ଛା ଓ ସାହସ ପାଇ ଆଗେଇ ଗଲି । ଅନାୟାସରେ ବାମହାତରେ ଟେକିଦେଲି ଧନୁଟିକୁ ଓ ଗୁଣ ଚଢ଼ାଇଲି । ସମସ୍ତଙ୍କ ଆଡ଼େ ଆଖିବୁଲାଇ ଥରେ ଦେଖିନେଲି । କୃଷ୍ଣଙ୍କ ଆଡ଼େ ଅନାଇଲା ବେଳକୁ ମୋତେ ଯେମିତି ଲାଗିଲା ସେ ପ୍ରସନ୍ନ ନୁହଁନ୍ତି । ତାଙ୍କ ମୁହଁରେ ଲାଗି ରହିଥିଲା ଏକ ରହସ୍ୟମୟ ହସ । ଶୁଣିଥିଲି ସେ ସବୁବେଳେ ଏମିତି । କେତେବେଳେ କାହାକୁ କେଉଁ ଦୃଷ୍ଟିରେ ଦେଖନ୍ତି ତାହା କେବଳ ତାଙ୍କୁ ହିଁ ଜଣା । ତେଣୁ ସେଥିପ୍ରତି ମନୋନିବେଶ ନକରି ଲକ୍ଷ୍ୟଭେଦ ପାଇଁ ପ୍ରସ୍ତୁତ ହେଲି । ସୂଚୀବାଣଟିକୁ ଧରିଲାମାତ୍ରେ ସଭାସ୍ଥଳରେ ଗୁଞ୍ଜରିତ ହୋଇଉଠିଲା ଏକ ପ୍ରତିବାଦାତ୍ମକ ସ୍ୱର । ଏ ସ୍ୱର ଶୁଭୁଥିଲା ସ୍ୱୟଂ କୃଷ୍ଣାଙ୍କ ମୁହଁରୁ ।

ରହିଯାଆନ୍ତୁ, ମୁଁ ଆପଣଙ୍କୁ ପତି ରୂପେ ବରଣ କରିବାକୁ ଚାହେଁନା ।

ସାରା ସଭାସ୍ଥଳ ସ୍ତବ୍ଧ, ଚକିତ । ହଠାତ୍ ଯେମିତି ମୁଁ ଜଡ଼ ପାଲଟି ଯାଉଥିଲି । ଶକ୍ତିହୀନ ହୋଇ ପଡୁଥିଲି । କୃଷ୍ଣାଙ୍କ ମୁହଁରେ ମୋ ପ୍ରତି ଘୃଣା ଓ ତାଚ୍ଛଲ୍ୟତା ଭାବ । ସୂତପୁତ୍ର କର୍ଣ୍ଣ ଲକ୍ଷ୍ୟଭେଦ କରିପାରନ୍ତି, କିନ୍ତୁ ମୋର ସ୍ୱାମୀ ହେବାର ଯୋଗ୍ୟତା ତାଙ୍କର ନାହିଁ ।

କ୍ରୋଧରେ ମୋ ମୁହଁ ରକ୍ତିମ ହୋଇ ଉଠୁଥିଲା । ଇଚ୍ଛା ହେଉଥିଲା ସେହି ମୁହୂର୍ତ୍ତରେ କିଛି ଗୋଟେ ଅଘଟଣ ଘଟାଇ ଦେବାକୁ । ହେଲେ ନିଜକୁ ସଂଯତ କରି ନିରବୀ ଗଲି । ମିତ୍ର ଦୁର୍ଯ୍ୟୋଧନ କିନ୍ତୁ ସହି ପାରିଲେନି ମୋ ପ୍ରତି ଏଭଳି ଅମର୍ଯ୍ୟାଦା ପ୍ରଦର୍ଶନ ପାଇଁ । ସେ ନିଜ ସ୍ଥାନରୁ ଉଠିପଡ଼ି କ୍ରୋଧରେ ଚିତ୍କାର କଲେ ।

ନିମନ୍ତ୍ରିତ ଅତିଥିଙ୍କ ପ୍ରତି ଏଭଳି ଅପମାନ । କର୍ଣ୍ଣ, ଅଂଗରାଜ ପୁଣି ବୀର । ବିନା ନିମନ୍ତ୍ରଣରେ ସେ ଏଠିକୁ ଆସିନାହାଁନ୍ତି ଯେ, ତାଙ୍କୁ ଏମିତି



ଅପମାନ ସହ୍ୟ କରିବାକୁ ପଡ଼ିବ । ଲକ୍ଷ୍ୟଭେଦ କରିବାକୁ ଗଲାବେଳେ କେହି ତ କାହିଁ ପ୍ରତିବାଦର ସ୍ୱର ଉଠାଇ ନଥିଲେ । ଆଉ ଏବେ ପ୍ରତିବାଦ କ'ଣ ପାଇଁ ? ତାଙ୍କ ବୀରତ୍ୱର ଉପଯୁକ୍ତ ମର୍ଯ୍ୟାଦା ଦିଆଯାଉ, ଲକ୍ଷ୍ୟଭେଦର ସୁଯୋଗ ଦିଆଯାଉ, ନହେଲେ କେବଳ କର୍ଣ୍ଣଙ୍କୁ ନୁହେଁ, ଆମ ସମସ୍ତଙ୍କ ପ୍ରତି ଘୋର ଅନ୍ୟାୟ ହେବ ।

ମିତ୍ର ଦୁର୍ଯ୍ୟୋଧନ ସବୁଦିନେ ଏମିତି । ଭରପୂର ସଭାରେ ତାଙ୍କର ଏଇ ତୀବ୍ର କଠୋର ବାଣୀ ତାଙ୍କର ମହାନତାର ପ୍ରତୀକ । ପ୍ରକୃତ ମିତ୍ରର ପରିଚୟ । ମୋ ପ୍ରାଣ ସ୍ୱତଃ ତାଙ୍କପ୍ରତି କୃତଜ୍ଞତାରେ ଭରି ଉଠୁଥିଲା । ଚିର ସ୍ୱାଭିମାନୀ ଦୁର୍ଯ୍ୟୋଧନ । ହୋଇପାରନ୍ତି ଅହଂକାରୀ । କିନ୍ତୁ କାହାରିଠାରେ ହଠାତ୍ ନଇଁପଡ଼ିବା କିମ୍ବା ଦବିଯିବା ତାଙ୍କ ଜାତକରେ ନାହିଁ । ପ୍ରତିଟି କଥାରେ ପ୍ରତିବାଦ କରିବା, ଯୁକ୍ତି କରିବା ତାଙ୍କର ଚିରାଚରିତ ଅଭ୍ୟାସ । ସଭାରେ ଅନେକେ ମଧ୍ୟ ତାଙ୍କୁ ସମର୍ଥନ କରି ଉତ୍ସାହିତ କରୁଥିଲେ । ମୋ ପାଇଁ ସେ ଦ୍ରୁପଦ ରାଜାଙ୍କଠାରୁ ମାଗୁଥିଲେ ଉଚିତ୍ ନ୍ୟାୟ । ରାଜା ଦ୍ରୁପଦ କିନ୍ତୁ ଥିଲେ ନିରୁତ୍ତର । ଏକପଟେ ତାଙ୍କର ଆଦରଣୀୟା କନ୍ୟା, ଅନ୍ୟପଟେ ସମବେତ ରାଜନ୍ୟ ମଣ୍ଡଳୀର ପ୍ରତିପ୍ରଶ୍ନ । କାହାକୁ ସେ ମାନିନେବେ । ରାଜଧର୍ମ ନା ପିତୃଧର୍ମ । ମୁଁ ବେଶ୍ ବୁଝି ପାରୁଥିଲି, କିଂକର୍ତ୍ତବ୍ୟବିମୂଢ଼ ମହାରାଜ ନିଜର ମାନସିକ ସନ୍ତୁଳନ ହରାଇ ବିବ୍ରତ । ଏ କ୍ଷେତ୍ରରେ ତାଙ୍କଠାରୁ ମୌନତା ବ୍ୟତୀତ ଆଉ କ'ଣ କିଛି ଆଶା କରାଯାଇ ପାରେ । ଏକପଟେ ରାଜାଙ୍କ ବିମୂଢ଼ ଅବସ୍ଥା । ଅନ୍ୟପଟେ କୃଷ୍ଣାଙ୍କ ଅନିଚ୍ଛା । ଏ ସମସ୍ତର ସମାଧାନ ପାଇଁ ମୋତେ ହିଁ କିଛି ନିଷ୍ପତ୍ତି ନେବାକୁ ପଡ଼ିବ ।

ମୁଁ କର୍ଣ୍ଣ । ଭାଗ୍ୟ ମୋ ପାଇଁ କ'ଣ ରଖିଛି ମୁଁ ଜାଣେନା । ଆଗାମୀ ଭବିଷ୍ୟତ ମୋତେ କ'ଣ କହି ଆକ୍ଷେପ କରିବ ଜାଣେନା, ତଥାପି ମୁଁ କାହାରି ଅନୁକମ୍ପା କିମ୍ବା ଦୟାର ପାତ୍ର ହୋଇ ବଞ୍ଚିବାକୁ ଚାହେଁନା । ତେଣୁ ମୁଁ ନିଜେ ହିଁ ମୋ ନିଷ୍ପତ୍ତି ସମସ୍ତଙ୍କୁ ଶୁଣାଇ କହିଲି, ମୁଁ ଲକ୍ଷ୍ୟଭେଦ କରିପାରିବି ଏହା ନିଶ୍ଚିତ । କିନ୍ତୁ ଯାହାଙ୍କ ପାଇଁ ଏ ଲକ୍ଷ୍ୟଭେଦର ପରୀକ୍ଷା ସେ ସ୍ୱୟଂ ଯେତେବେଳେ ମୋତେ ପତି ରୂପେ ବରଣ କରିବାକୁ ଅନିଚ୍ଛୁକ, ସେତେବେଳେ ମୁଁ ତାଙ୍କ ଇଚ୍ଛା ବିରୁଦ୍ଧରେ ଯିବାକୁ ଚାହୁଁନି । କାରଣ ପତିପତ୍ନୀଙ୍କ ସଂପର୍କ ଗୋଟିଏ ଦିନର ନୁହେଁ ଚିରନ୍ତନ, ଯୁଗଯୁଗର । ଉଭୟଙ୍କ ସହମତିରେ ଯେଉଁ ବିବାହ ହୁଏ ତାହା ଚିରସ୍ଥାୟୀ ରହେ । ମୁଁ ବଳପୂର୍ବକ କୃଷ୍ଣାଙ୍କୁ ବିବାହ କରିବାକୁ ଚାହେଁନା । ବରଂ ତାଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ଲକ୍ଷ୍ୟଭେଦରୁ ନିବୃତ୍ତ ରହୁଛି । ଏହାକହି ଧନୁଟିକୁ ଯଥାସ୍ଥାନରେ ରଖି ଫେରିଆସିଲି ନିଜ ସ୍ଥାନକୁ ।

ଚତୁର୍ଦ୍ଦିଗରୁ ମୋ ପ୍ରତି ସମବେଦନାର ସ୍ୱର ଭାସି ଆସୁଥିଲା । ମୋର ଏପରି ନିଷ୍ପତ୍ତିରେ ଉପସ୍ଥିତ ସମସ୍ତଙ୍କ ମନରେ ଆନନ୍ଦର ଲହରୀ ଖେଳିଗଲା । ମୋ ଜାଗାରେ ଆଉ କେହି ଥିଲେ ହୁଏତ ନିଜର ବୀରତ୍ୱ ପ୍ରଦର୍ଶନ କରି କୃଷ୍ଣାଙ୍କୁ ବଳପୂର୍ବକ ଅପହରଣ କରି ନେଇଥାନ୍ତେ । ମୁଁ କେବଳ ଜଣେ ରକ୍ତମାଂସର ଗଢ଼ା ପୁରୁଷ ନୁହେଁ ମୁଁ କର୍ଣ୍ଣ । ମୋର ସ୍ୱତନ୍ତ୍ର ସ୍ୱାଭିମାନ ରହିଛି । ଏଭଳି ନୀଚକର୍ମ ମୋ ଚରିତ୍ର ବିରୋଧୀ । ବରଂ ଏଭଳି ନିଷ୍ପତ୍ତି ନେଇ ସର୍ବସମ୍ମୁଖରେ ମୋର ଆତ୍ମସମ୍ମାନ, ପଦମର୍ଯ୍ୟାଦା ବଜାୟ ରଖିପାରିଛି । ମୋର ଏଭଳି ନିଷ୍ପତ୍ତିରେ ରାଜକୁମାରୀ କୃଷ୍ଣା ବେଶ୍ ଆଶ୍ୱସ୍ତ । ଦ୍ରୁପଦ ରାଜାଙ୍କ ମୁଖମଣ୍ଡଳରେ ଅପସରି ଯାଇଛି ଆଶଙ୍କାର ଚିହ୍ନ । ଆଉ କୃଷ୍ଣ । ତାଙ୍କ ମୁହଁରେ ସ୍ୱଭାବ ସୁଲଭ ସେଇ ରହସ୍ୟମୟ ହସ ।

ବାସ୍ ଏହାପରେ କେହି ବି କ୍ଷତ୍ରିୟ କୁମାର ଲକ୍ଷ୍ୟଭେଦ ପାଇଁ ଆଉ ଆଗେଇ ଆସୁ ନାହାଁନ୍ତି । ସମସ୍ତଙ୍କ ମଧ୍ୟରେ ଖେଳିଯାଇଛି ଆତଙ୍କର କଳାଛାଇ । ମୋ ପ୍ରତି ଅପମାନ ସମସ୍ତଙ୍କୁ ସ୍ତବ୍ଧ କରିଦେଇଛି । ସଚେତନତା ଭରିଦେଇଛି । ସେମାନେ ହୁଏତ ଭାବୁଛନ୍ତି, ଏମିତି ଅପମାନିତ ହୋଇ ଫେରିଆସିବା ଅପେକ୍ଷା ଲକ୍ଷ୍ୟଭେଦ ସ୍ଥଳ ପର୍ଯ୍ୟନ୍ତ ଯିବା ମଧ୍ୟ ଠିକ୍ ହେବନି ।

ଏମିତିରେ ବେଶ୍ କିଛିସମୟ ନିରବରେ କଟିଗଲା । ଶେଷରେ ଧୃଷ୍ଟଦ୍ୟୁମ୍ନ ଛିଡ଼ା ହୋଇ କହିଲେ, ଉପସ୍ଥିତ ରାଜନ୍ୟମଣ୍ଡଳୀ, ଋଷି, ବ୍ରାହ୍ମଣ ଯିଏ ବି ହୁଅନ୍ତୁ ନା କାହିଁକି, ଲକ୍ଷ୍ୟଭେଦ କରିବାରେ ଆଗ୍ରହୀ ଥିଲେ ଆସନ୍ତୁ । ସେ ବୋଧହୁଏ ନିଜ ଭଗ୍ନୀର ଭବିଷ୍ୟତ କଥା ଭାବି ଆତଙ୍କିତ ହୋଇ ପଡୁଥିଲେ । ଭାବୁଥିଲେ, ଏମିତିରେ ଯଦି କୌଣସି ବୀର ଲକ୍ଷ୍ୟଭେଦରେ ସଫଳ ହୋଇ ନପାରନ୍ତି, ତେବେ ସାରାଜୀବନ କୃଷ୍ଣା ରହିଯିବେ ଅବିବାହିତା ହୋଇ । ତେଣୁ ଏବେ କେବଳ କ୍ଷତ୍ରିୟ କାହିଁକି, ଋଷି, ବ୍ରାହ୍ମଣ, ସମସ୍ତଙ୍କୁ ଆହ୍ୱାନ ଦେଲେ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର,
(ମୋ) ୯୯୩୭୪୬୮୪୩୨


# ଆଜିର କବିତା

## ହଳଦୀ ବସନ୍ତ....

**ଡଃ ମାଙ୍ଗଳିକା ମହାପାତ୍ର**



ଆମ ଆମ୍ବ ତୋଟାର
ହଳଦୀ ବସନ୍ତ ..
ତା ଗୀତର ନଥାଏ
କେବେ ବି ଅନ୍ତ ..
ଏ ଡାଳରୁ ସେ ଡାଳକୁ
ଡେଇଁ ବୁଲେ ..
ମନ ମତାଣିଆ ଗୀତ
ଗାଇ ଚାଲେ ..
ଜାଣେନା ସେଥିରେ
କଣ ସେ କୁହେ ..!!
ସେ ଗାଉଥିବା ଗୀତ
ମୋ ଲାଗି ଅବୋଧ ହୁଏ
ତା ସ୍ୱରର ଝଙ୍କାରେ
ତରଙ୍ଗ ଉଠେ ମନରେ
କି କଥା କୁହେ ସେ
ତା ମଧୁର ଗୀତରେ
ଉଲ୍ଲସିତ ଭାବ
ସଂଚରେ ପ୍ରାଣରେ
ସ୍ରଷ୍ଟା ତାଙ୍କ ରୂପ ଓ ରଙ୍ଗରେ
ଦେଇଛନ୍ତି ତାକୁ ରଙ୍ଗେଇ
ଚଞ୍ଚୁ ରେ ତାର ଦେଇଛନ୍ତି
ଅଧରର ନାଲି ରଙ୍ଗ ଲଗେଇ
ଛୋଟ ବେଳେ ସ୍କୁଲ ଗଲାବେଳେ
ଖୁସି ହେଉଥିଲୁ ତତେ ଦେଖିଦେଲେ
ଆଜି ଶୁଭେନାହିଁ ତୋ ଶୁଭ କାକଳି
ଆମ୍ବ ତୋଟା ଖୋଜେ ହୋଇ ବିକଳି ।


+ରେଭେନସା ବିଶ୍ୱବିଦ୍ୟାଳୟ


## ଅନୁରାଗ...

**ରତ୍ନକାନ୍ତି ମିଶ୍ର**



ତୁମ ଗାଆଁ ସଞ୍ଜବତୀ
ଆମ ଗାଁ କଅଁଳ ଖରା
ଝଟକନ୍ତି ତାରା ହୋଇ, ଅବା
ଜହ୍ନଟିଏ ହୋଇ ପରା ।

ତୁମ ଗାଆଁ ଭରା ନାଳ
ଆମ ଗାଁ ପୋଖରୀ ଜଳ
ବର୍ଷା ବିନ୍ଦୁ ହୋଇ ଝରନ୍ତି ଆକାଶୁ
ଯୋଗାନ୍ତି ଶସ୍ୟ ଓ ଫଳ ।

ତୁମ ଗାଆଁ ଧୀର ପବନ
ଛଟକରେ ଆସେ ବହି
ଏ ଗାଆଁ ର କାନେ କାନେ
ମନ କଥା ଯାଏ କହି ।

ତୁମ ଗାଆଁ ସକାଳର
ପକ୍ଷୀ କାକଳିର ଭାଷା
ଆମ ଗାଁ ହୃଦୟ ଛୁଏଁ
ମନରେ ଜଗାଏ ଆଶା ।

ତୁମ ଗାଆଁ ଛୁଇଁ ଛୁଇଁ
ଭାସଇ ଯେଉଁ ବାଦଲ
ଆମ ଗାଆଁକୁ ବି ଛୁଏଁ
ଫୁଟାଏ ଖୁସିର ଫୁଲ ।

ତୁମ ଗାଆଁ ଅବୁଝା ମନ
ଆମ ଗାଁ ବୁଝେ ବୋଲି
ପ୍ରୀତି ବାଣ୍ଟେ ଅନୁରାଗେ
ମାନ ଅଭିମାନ ଭୁଲି ।


+ଆଳି ,କେନ୍ଦ୍ରାପଡା


## ନିଚ୍ଛକ ସତ୍ୟ...

**ଆଦ୍ୟାଶା ମହାପାତ୍ର**



ବେଳ ଅବେଳରେ
ଏକଲା ପଣରେ ଅବା
ଅନାହୂତ ଉଦବିଗ୍ନତାରେ
ତା' କଥା ମନେ ପଡିଗଲେ
ପାଣି ଟିକେ ହେଲେ ବି
ତା ତଣ୍ଟିରେ ଲାଖିବ
ସେ ବିଳପି ଉଠିବ..
ତୋ ଶୁଭ ମନାସି
ଈଶ୍ୱରଙ୍କୁ ନୈବେଦ୍ୟ ବାଢୁଥିବ
ଅଶ୍ରୁରେ...!

ପିଲାଦିନୁ ତୋତେ ସମ୍ଭାଳିଥିବା ପଣତ
ଏବେ ବି ବ୍ୟାକୁଳ
ତୋ ଦୁଃଖ ବୁଝିବାକୁ
ତୋ ଅସନା ଝାଳୁଆ ଦେହକୁ
ମହମହ କରିଦେବାକୁ
ତା' ସ୍ନିଗ୍ଧ ପରଶରେ...!

ତୁ ବିଶ୍ୱାସ କର !
ମମତାର ଫଲଗୁରେ ଭିଜେଇବାକୁ
ଏବେବି...
ତୋ ଫେରିବା ବାଟକୁ ଚାହିଁ ବସିଥିବ
ନିର୍ନିମେଷ ଦୁଇ ଆଖି
ତୋ ବୋଉର...!!!


+ନୂଆପଡା, କଟକ


# ଟଙ୍କା ଦ୍ୱାରା ଆରାମ କିଣି ହୁଏ, ଆନନ୍ଦ କିଣାଯାଇ ପାରେନା

## ସମ୍ପର୍କର ରଙ୍ଗ

**ଶ୍ୱେତା ରାଉତ୍**



ଡନଲପ୍ ସୋଫାଟିଏ କିଣି ବସିଲେ ଆମ ଶରୀରକୁ ଆରାମ ଲାଗିଥାଏ, ଦାମୀ ଗାଡିରେ ବୁଲିଲେ ଯାତ୍ରା ଆରାମଦାୟକ ହୋଇଥାଏ, ବଡ ବଙ୍ଗଳାରେ ରହିଲେ ଆମକୁ ଚଳପ୍ରଚଳରେ ସୁବିଧା ହୋଇଥାଏ, ଦାମୀ ଡ୍ରେସ୍ ପିନ୍ଧିଲେ ଆମ ଶରୀରକୁ ଭଲ ସାଜୁଥାଏ, ଦାମୀ ଫୋନ୍ ଭଲ ଫଟୋ ଉଠାଇପାରେ, ଟେକ୍ନୋଲୋଜୀ ସିଷ୍ଟମ୍ ବା କମ୍ୟୁନିକେସନ୍ ଭଲ ହୋଇଥାଏ, ଭଲ ବିଦ୍ୟାଳୟରେ ପାଠ ପଢ଼ିବା ଦ୍ୱାରା ଭଲ ଜ୍ଞାନର ଉଦ୍ରେକ ହୋଇଥାଏ । କିନ୍ତୁ ଜରୁରୀ ନୁହେଁ ଏସବୁ ଥିଲେ ଜଣେ ଖୁସିରେ ବା ଆନନ୍ଦରେ ଥାଏ ।କାହିଁକି ନା ଆଜିକାଲି ଅନେକ ହତ୍ୟା, ଆତ୍ମହତ୍ୟା, ଅପରାଧିକ କାର୍ଯ୍ୟକଳାପ, ମାନସିକ ବିକାର ପ୍ରାୟ ବଡବଡ ଧନୀ ଲୋକଙ୍କ ଘରେ ଦେଖିବାକୁ ମିଳୁଛି । ଯଦି ଦାମୀ ଜିନିଷପତ୍ର, ଗାଡି, ବଙ୍ଗଳାରେ ମଣିଷ ଖୁସି ରହିପାରନ୍ତା ତେବେ ଧନୀ ଲୋକମାନଙ୍କର ଏତେ ଅସନ୍ତୋଷ କାହିଁକି ? ଦାମୀ ଜିନିଷ କଣ ସେମାନଙ୍କୁ ଆନନ୍ଦ ଦେଇପାରୁନି ? ଯଦି ନୁହେଁ ! ତେବେ ଆମେ ସବୁବେଳେ ବଡଲୋକ ହେବା, ଦାମୀ ଉପକରଣ କିଣିବା ନିଶାରେ ଆମର ପ୍ରକୃତ ଶାନ୍ତି ବା ଆନନ୍ଦକୁ ହରାଇ ଦେଉନାହାନ୍ତି ତ ?

ଆମେ ସବୁବେଳେ ନିଜର ଖୁସିକୁ ବସ୍ତୁ ଭିତରେ ଖୋଜିଥାନ୍ତି ଯାହା କ୍ଷଣସ୍ଥାୟୀ । ବସ୍ତୁ କେବଳ ଆମକୁ ଆରାମ ଦିଏ, ଆନନ୍ଦ ଦେଇପାରେନା । ଆନନ୍ଦ କେବଳ ଆମ ବିଚାର, ଆମ ମନ, ଆମ ସଂସ୍କାର ଓ ନିଃସ୍ୱାର୍ଥପରତା ଭିତରେ ଥାଏ ଯାହା କୌଣସି ଦାମୀ ବସ୍ତୁ ଯଥା ଫୋନ୍, ଗାଡି, ଡ୍ରେସ୍, ଆସବାବପତ୍ର ଭଳି ପୁରୁଣା ହୋଇନଥାଏ । ଖୁସି ଜନ୍ମରୁ ଆମ ଭିତରେ ଥାଏ, ଆମେ ଆମର ଅଜ୍ଞାନତା ପାଇଁ ନିଜ ଭିତରେ ଖୁସିକୁ ନଦେଖି ନୂଆ ନୂଆ ବସ୍ତ୍ର, ବସ୍ତୁ, ଉପକରଣ ଓ ଉପହାର ଭିତରେ ଖୋଜିଥାଉ । ସେଥିପାଇଁ ଆମକୁ ଅନ୍ୟଠୁ ମାଗିବାକୁ ବା କିଣିବାକୁ ପଡେ । କୌଣସି ସାଧନ ବା ଉପକରଣ କିଣିବା ବେଳେ ଆମକୁ ପ୍ରଥମେ ଭାବିନେବା ଉଚିତ୍, ଏହା କେବଳ ଆମର ଆରାମ ଓ ଆବଶ୍ୟକତା ପାଇଁ ପ୍ରଯୁଜ୍ୟ, ଖୁସି ବା ଆନନ୍ଦର ମାଧ୍ୟମ ନୁହେଁ । ଆନନ୍ଦ କେବେ ବଜାରରେ ବିକ୍ରି ହୁଏନାହିଁ କିମ୍ବା ଆନନ୍ଦକୁ ବା ଖୁସିକୁ କୌଣସି ଅର୍ଥ ଦ୍ୱାରା କିଣିବା ସମ୍ଭବ ନୁହେଁ । ଏହା କେବଳ ଏକ ଶାଶ୍ୱତ ଉପଲବ୍ଧି, ଯାହା ସମ୍ପର୍କ ଭିତରେ ସମର୍ପଣ, ଶ୍ରଦ୍ଧା, ଆତ୍ମୀୟତାର ବିନିମୟରେ ମିଳିଥାଏ ।

ଯେବେ ଆମେ ଗୋଟେ ନୂଆ ଗାଡି କିଣୁଛନ୍ତି, ପୁରା ପରିବାର ଖୁବ୍ ଖୁସିରେ ବୁଲାବୁଲି କରୁଛନ୍ତି । ଗାଡିକୁ ବହୁତ ଦିନଯାଏ ଯତ୍ନରେ ପୋଛାପୋଛି ପରି ଘୋଡେଇ ରଖୁଛନ୍ତି । ଯଦି ଗାଡି ଚଲେଇବା ବେଳେ ବାଟରେ ଆଉ ଗୋଟେ ଗାଡି ସହିତ ସାମାନ୍ୟ ଘଷି ହୋଇ ଗାଡିର କିଛି ପାର୍ଟ ନଷ୍ଟ ହୋଇଯାଉଛି ଆମ ମନ ଦୁଃଖ ହେଉଛି । ଏତେ ଟଙ୍କା ଦେଇ ନିଜ ଖୁସି ପାଇଁ କିଣିଥିବା ଗାଡି ସାମାନ୍ୟ ଭାଙ୍ଗିବା ଦ୍ୱାରା ଆମେ ଦୁଃଖୀ ହେଉଛନ୍ତି । ଏଠି ଗାଡି ହିଁ ଆମ ଖୁସି ଆଉ ଦୁଃଖର କାରଣ ହେଉଛି ।ନୂଆ ମୋବାଇଲ, ନୂଆ ଗାଡି, ନୂଆ ଶାଢୀ, ନୂଆ ନୂଆ ଆସବାବ ଆଣି ଘର ସଜେଇବା ବେଳେ ଆମେ ଖୁବ୍ ଖୁସି ଅନୁଭବ କରନ୍ତି । କିଛି ଦିନଯାଏ ଆମ ଭିତରେ ଆତ୍ମସନ୍ତୋଷ ଅନୁଭବ କରନ୍ତି, କିନ୍ତୁ ଏସବୁ ପୁରୁଣା ହୋଇଆସିଲେ ଆମ ଭିତରେ ପ୍ରଥମ ଭଳି ଉନ୍ମାଦ ନଥାଏ । ଆମେ ବଜାରରୁ ତା'ଠୁ ନୂଆ କଲେକ୍ସନ ଆଣିବାକୁ ଚାହାନ୍ତି । ଆମ ଭିତରେ ଲୋଭ ବଢିଚାଲେ ହେଲେ ଖୁସି ବଢି ପାରିନଥାଏ । କାରଣ କେବେ କୌଣସି ବଜାରର ବସ୍ତୁ ଆମକୁ ଖୁସି ଦେଇପାରେନାହିଁ କେବଳ ଆରାମ ଦେଇଥାଏ । ଖୁସି ହେବା ପାଇଁ ଖୁବ୍ ସହଜ କାମଟିଏ ହେଲା କୌଣସି ଉପକରଣ ପ୍ରତି ଲାଳାୟିତ ନହୋଇ ଅଳ୍ପରେ ସନ୍ତୁଷ୍ଟ ରହିବା । ଆନନ୍ଦକୁ ନିଜ ଭିତରେ ନିଜର କର୍ତ୍ତବ୍ୟ, ବାତ୍ସଲ୍ୟ ଓ ଭାବ ଦ୍ୱାରା ଉପଲବ୍ଧି କରିବା ଏବଂ ନିଜକୁ ବୁଝିନେବା ଉଚିତ୍ ଖୁସି, ଶାନ୍ତି, ଆନନ୍ଦ ଈଶ୍ୱରପ୍ରଦତ୍ତ ଦିବ୍ୟ ଉପଲବ୍ଧି ଯାହାର ବିକଳ୍ପ କୌଣସି ବସ୍ତୁ ହୋଇ ପାରିବନାହିଁ କିମ୍ବା ଅର୍ଥ ବିନିମୟରେ କିଣା ଯାଇପାରେନାହିଁ । ସୁଖ, ଶାନ୍ତି, ଆନନ୍ଦ ପାଇଁ ପଇସାର ଆବଶ୍ୟକତା ନାହିଁ, କେବଳ ପ୍ରେମ, ଶ୍ରଦ୍ଧା,ସନ୍ତୁଷ୍ଟି ଓ ଜୀବନର ପ୍ରକୃତ ଅର୍ଥ ବୁଝିବାର ଆବଶ୍ୟକତା ଅଛି ।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼, ଭୁବନେଶ୍ୱର

# ଆସନ୍ତା ୩ ମାସ ନିର୍ଣ୍ଣାୟକ, ପାର୍ବଣରେ ସତର୍କ ରୁହନ୍ତୁ : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର,୬/୧୦ (ନି.ପ୍ର): ପ୍ରଥମେ ଜୀବନ, ତାପରେ ମେଳା ମହୋତ୍ସବ। କୋଭିଡ ସଂକ୍ରମଣ ହାରକୁ ଦୃଷ୍ଟିରେ ରଖି ପଦକ୍ଷେପ ନେବାକୁ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ଅଧିକୃତ କରାଯାଇଛି। ଯେଉଁଠି ସଂକ୍ରମଣ ବ୍ୟାପିବାର ସମ୍ଭାବନା ରହିଛି, ସେଠାରେ ସତର୍କତାମୂଳକ ପଦକ୍ଷେପ ନେବେ। ଯେଉଁଠି ଯାହା ପର୍ବ ହେଉଛି, ଯେଉଁଠି ଗହଳି ହେବାର ସମ୍ଭାବନା ଅଛି। ତାକୁ କେମିତି ନିୟନ୍ତ୍ରଣ କରାଯିବ। ସେଥିପାଇଁ ଅଧିକାରୀମାନଙ୍କୁ କ୍ଷମତା ଦିଆଯାଇଛି। ଆଉ ଭୁବନେଶ୍ୱରର ସ୍ଥିତିକୁ ଦେଖି ବିଏମସି ଏଭଳି ନିଷ୍ପତି ନେଇଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର କହିଛନ୍ତି। ବିଏମସି ଶୀତଦିନିଆ କଟକଣା ଲାଗୁ ନେଇ ପ୍ରତିକ୍ରିୟା ସେ ଏହା କହିଛନ୍ତି।

ସେ ଆହୁରି କହିଛନ୍ତି ଯେ ଦେଶରେ ସଂକ୍ରମଣ ବର୍ତ୍ତମାନ ସ୍ଥିର ଅବସ୍ଥାରେ ଅଛି। ଓଡ଼ିଶାରେ ମଧ ସ୍ଥିର ଅଛି। ତଥାପି ଆସନ୍ତା ୩ ମାସ ଆମ ପାଇଁ ନିର୍ଣ୍ଣାୟକ ହେବ। ଯେଉଁ ସେରୋ ସର୍ଭେ ହୋଇଥିଲା, ସେଥିରେ ୭୦ ପ୍ରତିଶତ ଲୋକଙ୍କ ଇମ୍ୟୁନିଟି ଥିବା ଜଣାପଡ଼ିଛି। ତେଣୁ ଯଦି ଟିକାକରଣ ଓ ଇମ୍ୟୁନିଟି ବଢ଼ିବ, ତାହେଲେ ସଂକ୍ରମଣ ସମ୍ଭାବନା କମିଯିବ। ତେଣୁ ୩ ମାସ ଭିତରେ ଯେଉଁ ପାର୍ବଣ ଅଛି ସେଥିରେ ସତର୍କ ରହିବାକୁ ପଡ଼ିବ। ପ୍ରଥମେ ଜୀବନ, ତାପରେ ମେଳା, ମହୋତ୍ସବ, ଯାତ୍ରା। ଏହା ଜାତୀୟ ବିପତି, ଏହାର ମୁକାବିଲା କରିବା ଆମର ବଡ଼ ଦାୟିତ୍ୱ। ପୂର୍ବଭଳି ସ୍ଥିତି ଯେପରି ନ ଉପୁଜୁ ସେଥିପାଇଁ ଏଭଳି କଟକଣା ଲଗାଯାଇଛି। ତେଣୁ କୋଭିଡ ସ୍ଥିତି ଚାଲିଗଲେ ମେଳା, ମହୋତ୍ସବ ହୋଇପାରିବ ବୋଲି କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର।

# ସାଧାରଣ ଜନତାଙ୍କ ଅଧିକାର ପାଇଁ ପ୍ରାଣନାଥ ପଟ୍ଟନାୟକଙ୍କ ଅବଦାନ ଅତୁଳନୀୟ

ଭୁବନେଶ୍ୱର,୬/୧୦ (ନି.ପ୍ର): ପ୍ରଗତିଶୀଳ ସାହିତ୍ୟିକ, ଶିକ୍ଷା ପ୍ରସାରକ, ସାମ୍ୟବାଦୀ ଆନ୍ଦୋଳନ, ଗଡ଼ଜାତ ପ୍ରଜା ମଣ୍ଡଳ ଆନ୍ଦୋଳନ ସହିତ ଗରିବ ଖଟିଖିଆ ମେହେନତି ମଣିଷ ପାଇଁ ଆଜୀବନ ଅହରହ ସଂଘର୍ଷ କରି କ୍ରମାଗତ କାରାବରଣ କରିଥିବା ପୂର୍ବତନ ବିଧାୟକ ସାମ୍ୟବାଦୀ ନେତା ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକଙ୍କ ୫୧ତମ ଶ୍ରାଦ୍ଧୋବାର୍ଷିକୀ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ୟୁନିଟ୍-୩, ଜନପଥ ପାର୍ଶ୍ୱସ୍ଥ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ବିଧାୟକ ଅନନ୍ତ ନାରାୟଣ ଜେନା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଡଃ ସୁରେଶ ଚନ୍ଦ୍ର ଦଳାଇ, ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ସାମ୍ୟବାଦୀ ନେତା ବସନ୍ତ କୁମାର ପାଇକରାୟ, ପ୍ରଫେସର ଶଶାଙ୍କ ଚୂଡାମଣି, ଅଧାପକ ରମେଶ ଚନ୍ଦ୍ର ପାତାଳସିଂହ, ଦୂରଦର୍ଶୀ ସମ୍ପାଦକ ଦୁର୍ଗା ସାମନ୍ତରାୟ, ନାରୀନେତ୍ରୀ ରଞ୍ଜୁଲତା ରାୟ, ଉତ୍କଳ ସମ୍ମିଳନୀ ମହେଶ୍ୱର ଶିକ୍ଷା ଳ ଶାଖା ସଭାପତି ଦିଲ୍ଲୀପ ଦାଶଶର୍ମା, ବିଜୁ ଜନତା ଦଳ ସାଂସ୍କୃତିକ ସମନ୍ୱୟ ସାସ୍ଥ୍ୟ ପକ୍ଷରୁ ପ୍ରବୀର ମହାନ୍ତି, ସତ୍ୟ ଜେନା, ବାବା ପ ଦେବ, ଜୟ ଓଡ଼ିଶା ଅଧକ୍ଷ ରୁଦ୍ରନାରାୟଣ ସାମନ୍ତରାୟ, ସୌରଭ ମହାନ୍ତି, ସନ୍ତୋଷ ସାହୁ, ଇତିଶ୍ରୀ ବାରିକ, ସୋନାଲି ନାୟକ, ଉପେନ୍ଦ୍ର ବାରିକ, ମଞ୍ଜରୀଦେବୀ ସ୍କୁଲ୍ ଅଫ୍ ନର୍ସିଂର ଅଧକ୍ଷ ଶରତ ଚନ୍ଦ୍ର ବିଶ୍ୱାଳ, ପଦ୍ମନାଭ ଛୋଟରାୟ ସ୍ମୃତି ସଂସଦର ଆବାହକ ଯତୀନ୍ଦ୍ର ମୋହନ ଛୋଟରାୟ, ସମାଜସେବୀକା ଜ୍ୟୋତ୍ସ୍ନା ଦାସ, ଲଗ୍ନଦୀପା ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରି ସ୍ୱର୍ଗତ ପଟ୍ଟନାୟକଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିବା ସହ ଦୀପଦାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବକ୍ତାମାନେ ନିଜ ବକ୍ତବ୍ୟରେ ପୁରୀ ଜିଲ୍ଲାର ଅଖ୍ୟାତପଲ୍ଲୀ ଡିମିରିରେ ଜନ୍ମହୋଇ ପ୍ରତିକୂଳ ପରିସ୍ଥିତିରେ ଶିକ୍ଷାଲାଭ କରି ଚାକିରୀ ବି ପଛରେ ନ ଗୋଡାଇ ପରାଧୀନ ଭାରତକୁ ସ୍ୱାଧୀନ କରିବା ଲକ୍ଷ୍ୟରେ କଂଗ୍ରେସ ଦଳରେ ଯୋଗଦାନ କରି ପ୍ରଜାମଣ୍ଡଳ ଆନ୍ଦୋଳନ ଓ ସ୍ୱାଧୀନତା ସଂଗ୍ରାମରେ ଝାସ ଦେଇ ୯ପଟ୍ଟନାୟକ ବହୁବାର କାରାବରଣ କରିଥିଲେ। ଖୋର୍ଦ୍ଧାକୁ ନିଜର କର୍ମଭୂମି ଭାବରେ ଆଦରି ନେଇ ଜଟଣୀରେ ହାଇସ୍କୁଲ୍ ସହିତ ଖୋର୍ଦ୍ଧା ପ୍ରାଣନାଥ ମହାବିଦ୍ୟାଳୟ ପ୍ରତିଷ୍ଠାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ରାଜନୈତିକ ଜୀବନରେ ନିର୍ବାଚନରେ ହାର୍‌ଜିତ୍ ମଧରେ ୧୯୫୭ ମସିହାରେ ଖୋର୍ଦ୍ଧାରୁ ବିଧାୟକ ନିର୍ବାଚିତ ହୋଇ ବିଧାନସଭାରେ କମ୍ୟୁନିଷ୍ଟ ଦଳର ନେତାପଦ ମଣ୍ଡନ କରିଥିଲେ। ତାଙ୍କର ସାମଗ୍ରୀକ ଜୀବନ ସଂଘର୍ଷ ଭିତର ଦେଇ ଗତି କରିଥିଲା। ଜଣେ ସାହିତ୍ୟିକ ଭାବରେ ବହୁଗୁଡ଼ିଏ ପୁସ୍ତକ ଓ ପ୍ରବନ୍ଧ ରଚନା କରି ଓଡ଼ିଆ ଭାଷା ସାହିତ୍ୟକୁ ସେ ସମୃଦ୍ଧ କରିପାରିଥିଲେ। ଏହି ଅବସରରେ ନାରୀନେତ୍ରୀ ଶ୍ରୀମତୀ ରଞ୍ଜୁଲତା ରାୟଙ୍କୁ 'ପ୍ରାଣନାଥ ପଟ୍ଟନାୟକ ସ୍ମୃତି ସମ୍ମାନ'ରେ ସମ୍ମାନିତ କରାଯାଇଥିଲା।

## ବିଧାନସଭା ପରିସରରେ ମିଡିଆ ପ୍ରକୋଷ୍ଠ ପ୍ରତିଷ୍ଠା ପାଇଁ ବାଚସ୍ପତିଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର,୬/୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟାନ୍ୟ ପଦାଧିକାରୀମାନେ ବିଭିନ୍ନ ପ୍ରସଙ୍ଗ ଉପରେ ସାମ୍ବାଦିକଙ୍କ ସହ ସାକ୍ଷାତ ଏବଂ ମତାମତ ରଖିବା ନିମନ୍ତେ ବିଧାନସଭା ପରିସରରେ ଏକ ମିଡିଆ ପ୍ରକୋଷ୍ଠ ତୁରନ୍ତ ପ୍ରତିଷ୍ଠା ପାଇଁ ମଧ ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ର ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ବର୍ଷ ଅକ୍ଟୋବର ୩୧ ତାରିଖ ସୁଦ୍ଧା ଏହାର ସମସ୍ତ ନିର୍ମାଣ କାର୍ଯ୍ୟ ସାରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି।

ଓଡ଼ିଶା ବିଧାନସଭାର ଦୈନନ୍ଦିନ କାର୍ଯ୍ୟରେ ଉନ୍ନତ ବୈଷୟିକ ଜ୍ଞାନକୌଶଳର ବ୍ୟାପକ ଉପଯୋଗ ଉପରେ ଏକ ବୈଠକ ମଙ୍ଗଳବାର ବାଚସ୍ପତି ଡ଼ଃ ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବାଚସ୍ପତିଙ୍କ ପ୍ରକୋଷ୍ଠରେ ଅନୁଷ୍ଠିତ ଉକ୍ତ ବୈଠକର ନିଷ୍ପତି ଅନୁଯାୟୀ ବିଧାନସଭାରେ ଆଲୋଚନା ହେଉଥିବା ସମସ୍ତ ପ୍ରସଙ୍ଗକୁ ଇଂରାଜୀ ଭାଷାରୁ ଓଡ଼ିଆ ଭାଷାକୁ ଏବଂ ଓଡ଼ିଆ ଭାଷାରୁ ଇଂରାଜୀ ଭାଷାକୁ ଅନୁଦିତ କରାଯିବାର ବ୍ୟବସ୍ଥା ଗ୍ରହଣ କରାଯିବ। ଓସ୍ୱାସର ସହଯୋଗରେ ବିଧାନସଭାରେ ନେଭା କାର୍ଯ୍ୟକ୍ରମକୁ ବ୍ୟବସ୍ଥିତ କରାଯିବ ଏବଂ ବିଧାନସଭାର ସମସ୍ତ ବିବରଣୀ ଜନସାଧାରଣଙ୍କୁ ଉପଲବ୍ଧ ହେବ। ଏହି ବୈଠକରେ ଅନ୍ୟମାନଙ୍କ ମଧରେ ବିଧାନସଭା ସଚିବ ଦାଶରଥୀ ଶତପଥୀ, ପୂର୍ତ ବିଭାଗ ଅତିରିକ୍ତ ମୁଖ୍ୟଯନ୍ତ୍ରୀ ଦୁର୍ଗା ପ୍ରସାଦ ମିଶ୍ର, ସଂସଦୀୟ ବ୍ୟାପର ବିଭାଗ ଯୁଗ୍ମ ସଚିବ ମନୋଜ କୁମାର ପଟ୍ଟନାୟକ, ବରିଷ୍ଠ ବୈଷୟିକ ଅଧିକାରୀ ସରିତା ସାହୁ, ବୈଜ୍ଞାନିକ ଦିଲ୍ଲୀପ କୁମାର ମାନ୍ଧାତା, ବିଧାନସଭା ଯୁଗ୍ମ ସଚିବ ଦେବାନନ୍ଦ ଦୋରା ପ୍ରମୁଖ ଯୋଗ ଦେଇଥିଲେ।

# ଅନୁସୁଚିତ ଜାତି ଆୟୋଗ ଉପାଧକ୍ଷଙ୍କୁ ବିଜେପିର ଦାବିପତ୍ର

ଭୁବନେଶ୍ୱର,୬/୧୦ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧିନ ୨୨ବର୍ଷର ବିଜେଡି ସରକାର ରାଜ୍ୟର ଅନୁସୂଚିତ ଜାତି (ଏସସି) ଲୋକଙ୍କ ପ୍ରତି ବୈମାତୃକ ମନୋଭାବ ପ୍ରଦର୍ଶନ କରିଆସୁଛି। ନ୍ୟାୟ ଏବଂ ଅଧିକାରରୁ ବଂଚିତ ଅନୁସୁଚିତ ବର୍ଗ ଲୋକମାନେ ଆଜି ମଧ ବହୁ ପଛରେ ରହିଯାଇଛନ୍ତି। ବାର୍ଷିକ ହାରାହାରି ୨୦୦ରୁ ଉର୍ଦ୍ଧ୍ୱ ଅନୁସୁଚିତ ଜାତି ଅତ୍ୟାଚାର ମାମଲା ପଞ୍ଜୀକୃତ ହେବା ସତ୍ୱେ ପୀଡିତମାନଙ୍କୁ ଗୋଟିଏ ହେଲେ ନ୍ୟାୟ ପ୍ରଦାନ କରାଯାଉନାହିଁ। ମୁଖ୍ୟମନ୍ତ୍ରୀଙ୍କ ଅଧକ୍ଷତାରେ ରାଜ୍ୟସ୍ତରୀୟ ଏବଂ ଜିଲ୍ଲାପାଳଙ୍କ ଅଧକ୍ଷତାରେ ଜିଲ୍ଲାସ୍ତରୀୟ ଅନୁଷ୍ଠିତ ହେବାକୁ ଥିବା ଭିଜିଲାନ୍ସ ମନିଟରିଂ କମିଟି ବୈଠକ ଦୀର୍ଘ ୧୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ନହେବାରୁ ଅନୁସୁଚିତ ଜାତି ମାମଲା ସଂପର୍କିତ ବହୁ ସମସ୍ୟାର ସମାଧାନ ହୋଇପାରୁନାହିଁ। ସେହିପରି ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଅନୁସୂଚିତ ଜାତି ଉପଦେଷ୍ଟା ବୋର୍ଡ କାର୍ଯ୍ୟ କରୁନଥିବାରୁ ଅନେକ ସମସ୍ୟା ବିଚାରଧୀନ ଅଛି। ରାଜ୍ୟରେ ଅନୁସୁଚିତ ଜାତି ସମ୍ବନ୍ଧୀୟ ମାମଲା ଓ ଅତ୍ୟାଚାର ପ୍ରସଙ୍ଗରେ ବିହୀତ ପଦକ୍ଷେପ ଗ୍ରହଣ କରିବାକୁ ଅନୁସୁଚିତ ଜାତି ଆୟୋଗର ରାଷ୍ଟ୍ରୀୟ ଉପାଧକ୍ଷ ଅରୁଣ ହାଲଦାରଙ୍କୁ ବିଜେପି ଅନୁସୁଚିତ ମୋର୍ଚ୍ଚା ତରଫରୁ ଦାବୀପତ୍ର ପ୍ରଦାନ କରାଯାଇଛି।

ବରଗଡ ଜିଲ୍ଲା ଗାଇସିଲଟ୍ ବ୍ଲକ ଅନ୍ତର୍ଗତ ଡଙ୍ଗାବାହାଲ ଗ୍ରାମର ଅନୁସୁଚିତ ଜାତି ବର୍ଗର ୧୮ ବର୍ଷୀୟା ଝରଣା ଲୁହାଙ୍କୁ ଧର୍ଷଣ ପରେ ହତ୍ୟା ଏବଂ ପରେ ଏହାକୁ ଗଛରେ ଝୁଲାଇ ଦେଇ ଆତ୍ମହତ୍ୟାର ରୂପ ଦେବା ଭଳି ହୀନ ଘଟଣାରେ ପୋଲିସ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହାନ୍ତି। ଶାସକ ଦଳର ବିଧାୟକ ପ୍ରଶାନ୍ତ ଜଗଦ୍ଦେବ ବାଲୁଗାଁରେ ବିଜେପି ନେତା ଅନୁସୁଚିତ ଜାତି ବର୍ଗର ନିରଂଜନ ସେଠୀଙ୍କ ସମେତ ୩-୪ ଜଣଙ୍କୁ ଅତ୍ୟନ୍ତ ଅସଭ୍ୟ ଭାଷାରେ ଗାଳି ଦେବା ସହ ମାଡ ମାରିବା, ବରଗଡ ଟାଉନ ଥାନା ହାଜତରେ ତୁରା ଗ୍ରାମର ଅନୁସୁଚିତ ଜାତି ବର୍ଗ ୨୮ ବର୍ଷୀୟ ଗୋବିନ୍ଦ କୁମ୍ଭାରଙ୍କୁ ନିର୍ମମ ଭାବେ ମାଡ ମାରି ହତ୍ୟା କରିବା ଘଟଣାରେ କୌଣସି ବିହୀତ ପଦକ୍ଷେପ ନିଆଯାଇନାହିଁ। ମନରେଗା ଦୁର୍ନୀତି ପର୍ଦ୍ଦାଫାଶ କରିଥିବାରୁ କେନ୍ଦ୍ରାପଡା ଜିଲ୍ଲା ଆଳି ନିର୍ବାଚନମଣ୍ଡଳୀରେ ସ୍ଥାନୀୟ ବିଧାୟକ ଶାସକ ଦଳର ପ୍ରତାପ ଦେବଙ୍କ ପ୍ରତ୍ୟକ୍ଷ ଇଙ୍ଗିତରେ ବାଳକାଟି ବିଜେଡି ସରପଂଚଙ୍କ ଭାଇ ଓ ସମର୍ଥକଙ୍କ ଦ୍ୱାରା ନବକିଶୋର ମଲ୍ଲିକ, ଭାଇ ଜଗବନ୍ଧୁ ମଲ୍ଲିକ, ପତ୍ନୀ ବାସନ୍ତି ମଲ୍ଲିକ, ଗଣେଷ ମଲ୍ଲିକଙ୍କୁ ମରଣାନ୍ତକ ଆକ୍ରମଣ ଏବଂ ଆକ୍ରମଣ ବିରୁଦ୍ଧରେ ବିଜେପି ତରଫରୁ ଆନ୍ଦୋଳନ ସତ୍ୱେ ଜିଲ୍ଲା ପୋଲିସ ତରଫରୁ ବର୍ତ୍ତମାନ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଜଗତସିଂହପୁର ଜିଲ୍ଲାର ନାଉଗାଁ ବ୍ଲକ୍‌ର ମନରେଗା ଦୁର୍ନୀତି ବିରୁଦ୍ଧରେ ଆନ୍ଦୋଳନରତ ଦଳିତ ମହିଳାଙ୍କ ଉପରେ ଆକ୍ରମଣ କରାଯିବା ସହ ଆମ୍ବେଦକରଙ୍କ ଫଟୋଚିତ୍ରକୁ ପାଦରେ ଦଳି ଦେଇ ସ୍ଥାନୀୟ ବିଜେଡି ଦଳର ସରପଂଚଙ୍କ ପୁଅ ଓ ବିଜେଡି ସମର୍ଥକମାନେ ହିଂସା ଭିଆଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏଭଳି ସଂଗୀନ ଘଟଣାରେ ରାଷ୍ଟ୍ରୀୟ ଏସସି କମିଶନ ତୁରନ୍ତ ହସ୍ତକ୍ଷେପ କରି ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେପି ଅନୁସୁଚିତ ଜାତି ମୋର୍ଚ୍ଚା ତରଫରୁ ଦାବୀ କରାଯାଇଛି। ଏଥି ସହ କମିଶନଙ୍କ ଏକ ଶାଖା କାର୍ଯ୍ୟାଳୟ ଓଡିଶାରେ ଖୋଲିବାକୁ ମୋର୍ଚ୍ଚା ତରଫରୁ ଅନୁରୋଧ କରାଯାଇଛି। ବିଜେପି ଅନୁସୁଚିତ ଜାତି ମୋର୍ଚ୍ଚା ରାଜ୍ୟ ସଭାପତି ବିଭୁ ପ୍ରସାଦ ତରାଇଙ୍କ ନେତୃତ୍ୱରେ ମୋର୍ଚ୍ଚା ରାଷ୍ଟ୍ରୀୟ ସଂପାଦକ ସୁଶାନ୍ତ ମଲ୍ଲିକ, ରାଜ୍ୟ ଗଣମାଧମ ବିଭାଗ ମୁଖ୍ୟ ଦିଲୀପ ମଲ୍ଲିକ, ମୋର୍ଚ୍ଚା ରାଜ୍ୟ ସାଧାରଣ ସଂପାଦକ ରାଘବ ମଲ୍ଲିକ, ରାଜ୍ୟ ସଂଯୋଜକ ଡା.ରବିନ୍ଦ୍ର ବେହେରା, ଡା.କାଳୁଚରଣ ସେଠୀ, ଡା.ସତ୍ୟଜିତ ମଲ୍ଲିକ, ଜଗନ୍ନାଥ ବେହେରା, ମନୋଜ ବେହେରା, ଦିବାକର ଭୋଇ, ଶିବ ପ୍ରସାଦ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଭାରତୀୟ ରେଡ଼କ୍ରସ ସୋସାଇଟି ପ୍ରତିଷ୍ଠା ଦିବସରେ ଅଧକ୍ଷଙ୍କୁ ଅଭିନନ୍ଦନ

ଭୁବନେଶ୍ୱର,୬/୧୦ (ନି.ପ୍ର): ଭାରତୀୟ ରେଡ଼କ୍ରସ ସୋସାଇଟି, ପୋଲିସ୍ କମିଶନରେଟ ଆଂଚଳିକ ଶାଖାର ୧୪ତମ ପ୍ରତିଷ୍ଠା ଦିବସ ଅବସରରେ ଅଧକ୍ଷ ତଥା ପୋଲିସ୍ କମିଶନର ଶ୍ରୀ ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ସାକ୍ଷାତ କରି ଅଭିନନ୍ଦନ ଜଣାଇଛନ୍ତି ଅନୁଷ୍ଠାନର କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା। ପ୍ରତିଷ୍ଠା ଦିବସ ଅବସରରେ ଅଧକ୍ଷଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରିବା ସହିତ ପୋଲିସ୍ କମିଶନରେଟ ରେଡ଼କ୍ରସର ଆଗାମୀ ଦିନର କାର୍ଯ୍ୟକ୍ରମ ସମ୍ପର୍କରେ ଶ୍ରୀ ଦାଶଶର୍ମା ଆଲୋଚନା କରିଥିଲେ। ଅଧକ୍ଷ ଶ୍ରୀ ପ୍ରିୟଦର୍ଶୀ ରେଡ଼କ୍ରସ ମାଧମରେ ଅଧିକ ସମାଜସେବା କାର୍ଯ୍ୟକ୍ରମ ହାତକୁ ନେବାପାଇଁ ସମସ୍ତ ପ୍ରକାର ସହଯୋଗ କରିବେ ବୋଲି କହିଥିଲେ।

# ଇଲେକଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ଆଇଇଏସଏ ସଭାପତି

## ଆଇଟି ଭିତିଭୂମି ସୁଦୃଢ଼ୀକରଣ ଉପରେ ବିସ୍ତୃତ ଆଲୋଚନା
## ଓଡ଼ିଶାକୁ ଆଇଟି ହବ୍‌ରେ ପରିଣତ କରିବା ଉପରେ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୬/୧୦ (ନି.ପ୍ର): ଇଣ୍ଡିଆନ୍ ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ସେମିକଣ୍ଡକଫର ଆସୋସିଏସନ୍‌ର ସଭାପତି ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ କେ. କ୍ରିଷ୍ଣ ମୂର୍ତି ଏବଂ ଏସ୍‌ଏଲ୍‌ଏନ୍ ଟେକ୍‌ନୋଲୋଜିସ୍‌ର ପ୍ରତିଷ୍ଠାତା ନିର୍ଦ୍ଦେଶକ ଶ୍ରୀ ଅନୀଲ କୁମାର ମୁନୀସ୍ୱାମୀ ଆଜି ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ଶ୍ରୀ ତୁଷାରକାନ୍ତି ବେହେରାଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଲୋକସେବା ଭବନସ୍ଥିତ ମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ସାକ୍ଷାତ ସମୟରେ ଆଇଟି ଭିତିଭୂମିର ସୁଦୃଢ଼ୀକରଣ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା। ରାଜ୍ୟରେ ଥିବା ଏସ୍‌ଟିପିଆଇ ମାନଙ୍କରେ ଥିବା ଆଇଟି ପାର୍କକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ବିଭିନ୍ନ ସୁବିଧାସୁଯୋଗ, ଆଇଟି ନୀତିର ସରଳୀକରଣ, ନୂଆ ପରିକଳ୍ପନା ଏବଂ ପୁଞ୍ଜିନିବେଶ ଉପରେ ଆଲୋଚନା ହୋଇଥିଲା। ରାଜ୍ୟରେ କୋଭିଡ୍ ପ୍ରକୋପ ବର୍ତ୍ତମାନ କମୁଥିବା ସମୟରେ ଆଇଟି କ୍ଷେତ୍ରରେ ପୁଞ୍ଜିନିବେଶ ପାଇଁ ଆଲୋଚନା ରାଜ୍ୟ ପାଇଁ ଏକ ନୂଆ ସମ୍ଭାବନା ସୃଷ୍ଟି କରିଛି। ଏହି ଆଲୋଚନା ସମୟରେ ଆଇଟି ବିଭାଗ ଶାସନ ସଚିବ ମନୋଜ ମିଶ୍ରଙ୍କ ସମେତ ଏସ୍‌ଟିପିଆଇ ନିର୍ଦ୍ଦେଶକ ମାନସ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏଥି ସହିତ ଆଜି ମନ୍ତ୍ରୀ ଶ୍ରୀ ବେହେରା ୫-'ଟି' ଆଧାରରେ ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗର ସମୀକ୍ଷା କରିଛନ୍ତି। ସୂଚନା ଓ ପ୍ରଯୁକ୍ତି କ୍ଷେତ୍ରରେ ରାଜ୍ୟର ବିକାଶକୁ ଆହୁରି ଆଗକୁ ନେବା ପାଇଁ ମୁଖ୍ୟମନ୍ତ୍ରୀ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାକୁ ପୂରଣ କରିବା ଦିଗରେ ମନ୍ତ୍ରୀ ଶ୍ରୀ ବେହେରା ନିୟମିତ ସମୀକ୍ଷା କରୁଛନ୍ତି। ଆଜିର ବୈଠକରେ ଇନ୍‌ଫୋଭ୍ୟାଲି ଓ ଇନ୍‌ଫୋସିଟିରେ ଯେଉଁ ଆଇଟି କମ୍ପାନୀ ଅଛନ୍ତି, ସେମାନଙ୍କ ସୁବିଧା-ଅସୁବିଧା ସଂପର୍କରେ ମନ୍ତ୍ରୀ ଶ୍ରୀ ବେହେରା ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ବର୍ତ୍ତମାନ ସୁଦ୍ଧା କେତେ କମ୍ପାନୀ ଆସିଲେଣି ଏବଂ ଆଉ କେତେ କମ୍ପାନୀ ଅଣାଯାଇ ପାରିବ ସେ ନେଇ ଆଲୋଚନା ହୋଇଥିଲା। ଆଇଟି ବିଭାଗ ଏବଂ ଇଡ୍‌କୋ ମଧରେ ସମନ୍ୱୟ ରକ୍ଷା ସହ ଆଇଟି କମ୍ପାନୀମାନଙ୍କୁ କିଭଳି ଅଧିକ ସୁବିଧାସୁଯୋଗ ଦିଆଯାଇପାରିବ ଏବଂ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇପାରିବ ସେ ନେଇ ମନ୍ତ୍ରୀ ଶ୍ରୀ ବେହେରା ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଏହି ବୈଠକରେ ଇଡ୍‌କୋ ସିଜିଏମ୍‌ଙ୍କ ସମେତ ଅନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଆଜିର କ୍ରୀଡ଼ା ଓ ଯୁବସେବା ବିଭାଗ କମିଶନର ତଥା ଶାସନ ସଚିବ ଆର୍ତ. ଭିନିଲ୍‌କ୍ରିଷ୍ଣା, ଯୁଗ୍ମ ଶାସନ ସଚିବ ଶୈଳେନ୍ଦ୍ର ଜେନା, ରଞ୍ଜିତ ପରିଡ଼ା ଏବଂ ଉପଶାସନ ସଚିବ ମଧୁସୂଦନ ବେହେରା ପ୍ରମୁଖଙ୍କ ଉପସ୍ଥିତିରେ ୫-'ଟି' ଆଧାରରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।

## ୫୦୦ ଅଧାୟରେ ଚକ୍‌ଲେଟ୍ ବାୟା

ଭୁବନେଶ୍ୱର,୬/୧୦ (ନି.ପ୍ର): ଓଡ଼ିଶାର ଲୋକପ୍ରିୟ ଏଫ୍‌ଏମ୍ ରେଡ଼ିଓ ଚକ୍‌ଲେଟ୍ ୧୦୪ ଏଫ୍‌ଏମ୍‌ରେ ପ୍ରସାରିତ ହେଉଥିବା କାର୍ଯ୍ୟକ୍ରମ 'ଚକ୍‌ଲେଟ୍ ବାୟା' ଇତି ମଧରେ ୫୦୦ ଅଧାୟ ଅତିକ୍ରମ କରି ଏକ ନୂଆ କୀର୍ତ୍ତିସ୍ତମ୍ଭ ସୃଷ୍ଟି କରିଛି। ଏଇ ଅବସରରେ ରେଡ଼ିଓ ଚକ୍‌ଲେଟ୍ ପରିସର ଭିତରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ବାଦ ଗ୍ରୁପ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶିକା ତନୟା ପଟ୍ଟନାୟକ ଉପସ୍ଥିତ ରହି ରେଡିଓ ଚକ୍‌ଲେଟ୍‌ରେ ସଚେତନମୂଳକ କାର୍ଯ୍ୟକ୍ରମ 'ମେରି ଆୱାଜ୍ ଶୁନୋ' ପରି ଶ୍ରୋତାମାନେ 'ଚକ୍‌ଲେଟ ବାୟା'କୁ ମଧ ଖୁବ୍ ଭଲପାଇବା ଦେଉଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶ୍ରୀମତୀ ପଟ୍ଟନାୟକ 'ଚକ୍‌ଲେଟ୍ ବାୟା'ର ଗୀତ ରଚନା କରୁଥିବା ଗୁରୁ ଶତପଥୀ, କଣ୍ଠଦାନ କରୁଥିବା ସେମିତ୍ରୀ ପଲାଇ, ଅଭିନୟ କରୁଥିବା ସୁବ୍ରତ ସ୍ୱାଇଁ, ଗ୍ରାଫିକ୍ସ ଡିଜାଇନର୍ ହାଡୁ କିଶୋର ବେହେରା, ଭିଜୁଆଲ୍ ଏଡିଟର୍ ଅରୁଣ ଦାସ, ସାଉଣ୍ଡ୍ ଇଂଜିନିୟର ସତ୍ୟବ୍ରତ ମହାନ୍ତି ଏବଂ ଶ୍ରୀକାନ୍ତ ପଣ୍ଡାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ରେଡିଓ ଚକ୍‌ଲେଟର ମାର୍କେଟିଂ ହେଡ୍ ଲିଙ୍ଗରାଜ ଲେଙ୍କା, ଅର୍ଥ ବିଭାଗର ଏଜିଏମ୍ ପ୍ରଣୟ ଆଚାର୍ଯ୍ୟ, ଲକ୍ଷ୍ମୀଧର ମହାପାତ୍ର, ସେଲ୍ସ କ୍ଲଷ୍ଟର ହେଡ୍ ପ୍ରଶାନ୍ତ ମାଲୁ, ମାନବ ସମ୍ବଳ ବିଭାଗର ଚିନ୍ମୟୀ ପଟ୍ଟନାୟକ ଏବଂ ତୃପ୍ତିମୟୀ ନାୟକ ତଥା ରେଡିଓ ଚକ୍‌ଲେଟର ସମସ୍ତ ଆର୍ଜେ ଉପସ୍ଥିତ ଥିଲେ। ରେଡିଓ ଚକ୍‌ଲେଟର ପୋଗ୍ରାମିଂ ହେଡ୍ ସଂଗ୍ରାମ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ୍ ଜଣାଇଥିଲେ।

## ପ୍ରକାଶ ପାଇଲା ଓଷ୍ଟା ଟେଷ୍ଟ ପେପର୍ସ: ୮ରୁ ବଜାରରେ ଉପଲବ୍ଧ ହେବ

ଭୁବନେଶ୍ୱର,୬/୧୦ (ନି.ପ୍ର): ୨୦୨୨ ଦଶମ ଶ୍ରେଣୀ ମାଟ୍ରିକ୍ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରଛାତ୍ରୀଙ୍କ ପାଇଁ ଓଷ୍ଟା ଟେଷ୍ଟପେପର୍ସ ପ୍ରକାଶ ପାଇଛି। ସଂଶୋଧିତ ପାଠ୍ୟଖସଡ଼ା ଓ ନୂତନ ମୂଲ୍ୟାୟନ ବ୍ୟବସ୍ଥା ଆଧାରରେ ଉଭୟ ବସ୍ତୁନିଷ୍ଠ ଓ ଦୀର୍ଘ ଉତ୍ତରମୂଳକ 'ଓଷ୍ଟା ଟେଷ୍ଟ ପେପର୍ସ' ପ୍ରକାଶିତ ହୋଇଛି। ଆସନ୍ତା ୮ତାରିଖରୁ ଏହା ବଜାରରେ ଉପଲବ୍ଧ ହେବ। କରୋନା କଟକଣା ସମୟରେ ବିଦ୍ୟାଳୟ ବନ୍ଦ ଥିବାରୁ ପିଲାମାନଙ୍କ ପାଠପଢ଼ାକୁ ତ୍ୱରାନ୍ୱିତ କରିବା ଓ ପରୀକ୍ଷାରେ ଭଲ ନମ୍ବର ରଖି ପାସ୍ କରିବା ନିମନ୍ତେ ଓଡ଼ିଶା ମାଧମିକ ସ୍କୁଲ ଶିକ୍ଷକ ସଂଘ(ଓଷ୍ଟା) ଚଳିତବର୍ଷ ଏକ ଅଭିନବ ଉପାୟରେ ଉକ୍ତ ଟେଷ୍ଟ ପେପର୍ସକୁ ପ୍ରସ୍ତୁତ କରିଛି ବୋଲି ଏହାର ସାଧାରଣ ସଂପାଦକ ପ୍ରକାଶ ଚନ୍ଦ୍ର ମହାନ୍ତି କହିଛନ୍ତି। ଶ୍ରୀ ମହାନ୍ତି କହିଛନ୍ତି ଯେ ଟେଷ୍ଟ ପେପର୍ସ ପ୍ରକାଶନ କ୍ଷେତ୍ରରେ ଓଷ୍ଟା ୫୫ ବର୍ଷ ଅତିକ୍ରାନ୍ତ କରିଛି। ଚଳିତବର୍ଷ ମଧ ଓଷ୍ଟା ବହୁ ଅଭିଜ୍ଞ ଶିକ୍ଷକଙ୍କର ଦୀର୍ଘ ଅଭିଜ୍ଞତାକୁ ବିନିଯୋଗ କରିଛି। ଲୋକ ତଥା ଅଭିଭାବକଙ୍କର କରୋନା ଜନିତ ଆର୍ଥିକ ଦୁଃସ୍ଥିତିକୁ ଦୃଷ୍ଟିରେ ରଖି ଓଷ୍ଟା ଦ୍ୱାରା ପ୍ରକାଶିତ ଏହି ପୁସ୍ତକକୁ ଚଳିତବର୍ଷ ସୁଲଭ ଦରରେ ଯୋଗାଇଦେବା ପାଇଁ ଓଷ୍ଟା କାର୍ଯ୍ୟକାରୀ କମିଟି ନିଷ୍ପତ୍ତି ନେଇଛି। ଏଥିସହ ଛାତ୍ରଛାତ୍ରୀଙ୍କର ପାଠପଢ଼ାକୁ ସୁନିଶ୍ଚିତ କରିବା ନିମନ୍ତେ ଶିକ୍ଷକମାନେ ଯଥାସମ୍ଭବ ଅଧିକ ସମୟ ଦେଇ ଓ ଅତିରିକ୍ତ କ୍ଲାସ୍ କରି ବୋର୍ଡ ପରୀକ୍ଷା ପାଇଁ ପିଲାଙ୍କୁ ପ୍ରସ୍ତୁତ କରିବା ପାଇଁ ଓଷ୍ଟା ପକ୍ଷରୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଅନୁରୋଧ କରାଯାଇଛି।

## ରାଜ୍ୟରେ ଶିକ୍ଷକ ସଙ୍କଟ: ରାଜ୍ୟର ୩୧୯୭ ସ୍କୁଲ ଜଣେ ମାତ୍ର ଶିକ୍ଷକରେ ଚାଲିଛି

ଭୁବନେଶ୍ୱର,୬/୧୦ (ନି.ପ୍ର): ରାଜ୍ୟରେ ଦେଖାଦେଇଛି ଶିକ୍ଷକ ସଙ୍କଟ। ତେବେ କେବଳ ଓଡ଼ିଶାରେ ନୁହେଁ ବରଂ ସାରା ଦେଶରେ ଏବେ ଶିକ୍ଷକ ସଙ୍କଟ ପରିଲକ୍ଷିତ ହୋଇଛି। ୟୁନେସ୍କୋ ରିପୋର୍ଟରେ କିଛି ଏଭଳି ତଥ୍ୟ ପ୍ରକାଶ ପାଇଛି। ୟୁନେସ୍କୋ ରିପୋର୍ଟ ମୁତାବକ ଓଡ଼ିଶାରେ ସମୁଦାୟ ୬୮ ହଜାର ୭୧୭ ସ୍କୁଲ ଥିବାବେଳେ ୯୧ ପ୍ରତିଶତ ସ୍କୁଲ ଗ୍ରାମାଞ୍ଚଳରେ ରହିଛି। ସେହିପରି ସମୁଦାୟ ୩୪୦୪୭୭ଜଣ ଶିକ୍ଷକ ଥିବାବେଳେ ୮୪ ପ୍ରତିଶତ ଶିକ୍ଷକ/ଶିକ୍ଷୟିତ୍ରୀ ଗ୍ରାମାଞ୍ଚଳରେ ଶିକ୍ଷାଦାନ କରୁଛନ୍ତି। ସେହିପରି ମୋଟ ଶିକ୍ଷକ/ଶିକ୍ଷୟିତ୍ରୀମାନଙ୍କ ମଧ୍ୟରୁ ୪୫ ପ୍ରତିଶତ ଶିକ୍ଷୟିତ୍ରୀ ହୋଇଥିବାବେଳେ ୩୧୯୭ଟି ବିଦ୍ୟାଳୟ ଜଣେ ମାତ୍ର ଶିକ୍ଷକଙ୍କ ଭରସାରେ ଚାଲିଛି। ଏହି ୩୧୯୭ଟି ସ୍କୁଲ ମଧ୍ୟରୁ ୮୮ ପ୍ରତିଶତ ସ୍କୁଲ ଗ୍ରାମାଞ୍ଚଳରେ ରହିଛି। ଆଉ ଶିକ୍ଷକ ସଙ୍କଟକୁ ଦୂରେଇବା ପାଇଁ ୨୮ ହଜାର ଶିକ୍ଷକଙ୍କୁ ନିଯୁକ୍ତି ଦେବାକୁ ରିପୋର୍ଟରେ କୁହାଯାଇଛି। ରିପୋର୍ଟ ମୁତାବକ ମଧ୍ୟପ୍ରଦେଶରେ ସର୍ବାଧିକ ୨୧ ହଜାର ୭୭ଟି ସ୍କୁଲ ଜଣେ ଶିକ୍ଷକଙ୍କ ଭରସାରେ ଚାଲିଥିବାବେଳେ ଏହା ତଳକୁ ଉତ୍ତରପ୍ରଦେଶ ଓ ରାଜସ୍ଥାନ ରହିଛି। ସେହିପରି ଦେଶରେ ସମୁଦାୟ ୧ ଲକ୍ଷ ୧୦ ହଜାର ୯୭୧ଟି ସ୍କୁଲ ଜଣେ ମାତ୍ର ଶିକ୍ଷକଙ୍କ ଭରସାରେ ଚାଲିଛି। ସାରା ଦେଶରେ ୧୫ ଲକ୍ଷ ୫୧ ହଜାର ଶିକ୍ଷକ ଥିବାବେଳେ ୧୧ ଲକ୍ଷ ୧୬ ହଜାର ୮୪୬ ଜଣ ଶିକ୍ଷକ ଆବଶ୍ୟକ ବୋଲି ମଧ କୁହାଯାଇଛି।

# ଗର୍ଜିଲେ ଟେଣ୍ଟ ହାଉସ୍ କର୍ମକର୍ତ୍ତା : କହିଲେ- 'କରୋନା କ'ଣ କେବଳ ବିବାହ ଭୋଜିରେ ହେଉଛି'

ଭୁବନେଶ୍ୱର,୬/୧୦ (ନି.ପ୍ର): "ବିବାହ, ବ୍ରତ ଆଦି ସାମାଜିକ କାର୍ଯ୍ୟକ୍ରମରେ ୨୫୦ ଲୋକ ଯୋଗଦାନ କରିପାରିବେ ବୋଲି ଏସ୍‌ଆରସି ଦେଇଥିବା ନିୟମକୁ ବେଖାତିର କଲେ ବିଏମ୍‌ସି କମିଶନର। ଏପରିକି ରାତାରାତି ୨୫୦ ଲୋକଙ୍କ ପାଇଁ ମିଳିଥିବା ଅନୁମତିକୁ କମାଇ ୫୦ କରିଦେଲେ। ଆମେ ଆଡଭାନ୍ସ ନେଇସାରିଛୁ। ଏବେ କିପରି ଫେରାଇବୁ। କରୋନା କ'ଣ କେବଳ ବାହାଘରରେ ଯୋଗ ଦେଲେ, ଭୋଜି ଖାଇଲେ ହେଉଛି। ମଲ୍, ପବ୍, ହୋଟେଲ କୋର୍ଟରେ ହଜାର ହଜାର ଲୋକ ଏକାଠି ହେଉଛନ୍ତି, ସେଠାରେ କିଛି ହେଉନି। ଯଦି ବନ୍ଦ କରିବାକୁ ଚାହୁଁଛନ୍ତି, ସବୁ ବନ୍ଦ କରନ୍ତୁ। ରାଜନୀତି କରି ଆମ ସଂସ୍ଥା କେବଳ ବନ୍ଦ କରନ୍ତୁ ନାହିଁ।" ଆଜି ବିଏମ୍‌ସି ଅଫିସ ସମ୍ମୁଖରେ ଏପରି ଗର୍ଜିଛନ୍ତି ଟେଣ୍ଟ, ଫୁଲ, ଲାଇଟ ଆଣ୍ଡ ସାଉଣ୍ଡ ଏବଂ କ୍ୟାଟରିଂ ସଂଘ। କେବଳ ସେତିକି ନୁହେଁ, ଦୀର୍ଘ ସମୟ ପର୍ଯ୍ୟନ୍ତ ବିକ୍ଷୋଭ ସହ ରାସ୍ତା ଅବରୋଧ କରିବାରୁ ଯାତାୟତ ବାଧାପ୍ରାପ୍ତ ହୋଇଥିଲା। ବିଏମ୍‌ସି କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ଆଲୋଚନା କରିବା ସହ କମିଶନରଙ୍କ ସହ ବୈଠକ କରାଇଦେବାର ପ୍ରତିଶ୍ରୁତି ଦେବା ପରେ ବିକ୍ଷୋଭକାରୀ ରାସ୍ତା ଅବରୋଧରୁ ହଟିଥିବା ଜଣାଯାଇଛି। ସୂଚନାଯୋଗ୍ୟ, ଶୀତ ଦିନ ଆସୁଥିବାରୁ କରୋନା ସଂକ୍ରମଣ ବ୍ୟାପିବା ଆଶଙ୍କା କରି ବିଏମସି ପକ୍ଷରୁ ଗତକାଲି ନୂଆ ଗାଇଡଲାଇନ ଜାରି କରାଯାଇଛି। ଏଥିରେ ବିବାହ, ବ୍ରତଘର ଓ ଶୁଦ୍ଧିକାର୍ଯ୍ୟ ପାଇଁ ହେଉଥିବା ଭୋଜି ଆୟୋଜନରେ ଲୋକଙ୍କ ସଂଖ୍ୟା ୫୦ ମଧ୍ୟରେ ସୀମିତ ରଖିବାକୁ ନିୟମ କରାଯାଇଛି। କାର୍ଯ୍ୟକ୍ରମ ଆୟୋଜକ ପ୍ରବେଶ ସ୍ଥାନରେ ଥର୍ମାଲ ସ୍କ୍ରିନିଂ ବ୍ୟବସ୍ଥା କରିବେ। କେବଳ ଖାଇବା ସମୟ ଛଡ଼ା ସମସ୍ତ ଲୋକ ସବୁବେଳେ ମାସ୍କ ପିନ୍ଧିବେ। ଗାଇଡଲାଇନ ଉଲ୍ଲଂଘନ ହେଲେ ଆୟୋଜକ ଓ ହଲ୍ ମାଲିକ ଦାୟୀ ରହିବେ ବୋଲି କଡା ନିର୍ଦ୍ଦେଶ ଜାରି କରିଛି ବିଏମସି। ଆଜିଠାରୁ ଏହି କଟକଣା ଲାଗୁ କରାଯାଇଥିବା ବେଳେ ଏହାକୁ ଜୋରଦାର ବିରୋଧ କରିଛନ୍ତି କ୍ୟାଟରିଂ ସଂଘ କର୍ମକର୍ତ୍ତା। ଏନେଇ କର୍ମକର୍ତ୍ତା ଅଭିଯୋଗ କରିଛନ୍ତି, ନିୟମ ଯାହା କରୁଛ, ସମସ୍ତଙ୍କ ପାଇଁ ସମାନ କର। ରାଜନୀତି କରି ଆମ ସଂସ୍ଥା କେବଳ ବନ୍ଦ କରନ୍ତୁ ନାହିଁ। ଭୁବନେଶ୍ୱରରେ ଟେଣ୍ଟ ଓ କ୍ୟାଟରିଂ, ଫୁଲ, ଲାଇଟ ଉପରେ ୨୦ ଲକ୍ଷ ପରିବାର ନିର୍ଭର କରୁଛନ୍ତି। କିନ୍ତୁ ହଠାତ୍ ଗତକାଲି ଯେଉଁ ନିଷ୍ପତ୍ତି ନିଆଗଲା ତାକୁ ଆମେ ଗ୍ରହଣ କରିପାରୁନୁ। ଭୁବନେଶ୍ୱରରେ କରୋନା ସଂକ୍ରମଣ ସେପରି କିଛି ବଢ଼ି ନାହିଁ। ଆମେ ଆଡଭାନ୍ସ ଉଠାଇ ତାହାକୁ ମାର୍କେଟରେ ବିଭିନ୍ନ ଜାଗାରେ ଦେଇ ସାରିଛୁ। ତେଣୁ ନିୟମ ନ ବଦଳାଇଲେ ଆମେ କିପରି ଟଙ୍କା ଫେରସ୍ତ କରିବୁ। ଏନେଇ ଅଲ ଓଡ଼ିଶା କ୍ୟାଟରିଙ୍ଗ ଆସୋସିଏସନ ସଭାପତି ବିନୟ ଭୂଷଣ ପଟ୍ଟନାୟକ କହିଛନ୍ତି, କରୋନା ମାଡ଼ ପରେ ଆମେ ଏବେ ନିଜେ ବଞ୍ଚିବାକୁ ସକ୍ଷମ ହୋଇପାରିନୁ। ରାତାରାତି ନିୟମ ବଦଳାଇ ଦେଲେ ଆମେ କିପରି ଚଳିବୁ। ଆମ କର୍ମଚାରୀଙ୍କୁ କିପରି ଚଳାଇବୁ। ସରକାର ସବୁ ଖୋଲିଛନ୍ତି। ଯା ହେଲେ ବିବାହ ଭୋଜି ଉପରେ ପ୍ରଥମ ଟାର୍ଗେଟ କରୁଛନ୍ତି। ଆମେ ଯେପରି କୋଭିଡ ନିୟମ ମାନୁଛୁ ଆଉ କେହି ମାନୁ ନ ଥିଲେ। ସରକାର ଆମ ଦାବି ମାନି ୨୫୦ ଲୋକଙ୍କ ପାଇଁ ଅନୁମତି ନ ଦେଲେ ଆମେ ରାଜରାସ୍ତାକୁ ଓହ୍ଲାଇବୁ। ଏସଆରସିଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବିଏମ୍‌ସି କମିଶନର କ'ଣ ପାଇଁ ଏପରି ପଦକ୍ଷେପ ଗ୍ରହଣ କଲେ। ଆମ ପେଟ, ଜୀବୀକା, ଜୀବନକୁ ଆଖି ଆଗରେ ରଖି ଏପରି ପ୍ରତିବାଦ କରିଛୁ ବୋଲି କହିଛନ୍ତି କର୍ମକର୍ତ୍ତା। ଏଥିସହ କହିଛନ୍ତି, ଯେତେବେଳେ ଆମ ପେଟକୁ ବାଧିଲା, ଆମେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଓହ୍ଲାଇଥିଲୁ। ସେତେବେଳେ ଏସଆରସି ସାନ୍ତ୍ୱନାମୂଳକ ଭାବେ ୨୫୦ ଲୋକଙ୍କ ପାଇଁ ପରମିଶନ ଦେଲେ। ଆମେ ଲୋକଙ୍କଠାରୁ ଆଡଭାନ୍ସ ନେଲୁ, ତାକୁ ପୁଣି ଲୋକଙ୍କୁ ଆଡଭାନ୍ସ ଦେଇଦେଲୁ। ଏବେ ନିୟମ ପରିବର୍ତ୍ତନ ନ କଲେ ଆମେ ଭାସିଯିବୁ।

## ଏଆଇପିଏଚ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଅମୃତ ଯୋଜନା' କାର୍ଯ୍ୟକ୍ରମ

ଭୁବନେଶ୍ୱର,୬/୧୦ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ଦାମୋଦର ମୋଦୀ ସହରାଞ୍ଚଳର ଉନ୍ନତି ପାଇଁ ସ୍ୱଚ୍ଛ ଭାରତ ମିସନ୍‌ର ଦ୍ୱିତୀୟ ପର୍ଯ୍ୟାୟ ମିସନ୍ ଅର୍ବାନ୍ -୨.୦ ଅମୃତ ଯୋଜନାର ଶୁଭାରମ୍ଭ କରିଛନ୍ତି। ପ୍ରତି ସହରକୁ ଆବର୍ଜନାମୁକ୍ତ କରିବା ଓ ସ୍ୱଚ୍ଛ ପାନୀୟଜଳ ଯୋଗାଇବା ହେଉଛି ଏହାର ମୂଳ ଉଦ୍ଦେଶ୍ୟ। ମିଶ୍ରିତ କଠିନ ଓ ତରଳ ବର୍ଜ୍ଜବସ୍ତୁଗୁଡ଼ିକୁ ବିଜ୍ଞାନ ଭିତ୍ତିକ ଜ୍ଞାନକୌଶଳ ଦ୍ୱାରା ପୃଥକ କରିବା ସହିତ ଜଳ ନିଷ୍କାସନ, ନିରାପତ୍ତା, ବର୍ଜ୍ୟବସ୍ତୁର ସଠିକ ପରିଚାଳନା ଏବଂ ଏହାକୁ ପ୍ରକ୍ରିୟାକରଣ କରାଯାଇ ପୁନଃ ବ୍ୟବହାରଯୋଗ୍ୟ କରାଇବା ଉପରେ ଏଥିରେ ଧ୍ୟାନ ଦିଆଯାଇଛି। ଖୋଲାରେ ପରିସ୍ରା ନକରିବା ଓ ମଳମୁକ୍ତ ସହର ଗଢ଼ିତୋଳିବାକୁ ସେ ଦେଶବାସୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ପ୍ରତ୍ୟେକଙ୍କ ଘରେ ଶୌଚାଳୟ ସୁବିଧା, ପାଇପ୍ ଯୋଗେ ଜଳ ଯୋଗାଣ, ଭୂପୃଷ୍ଠ ଓ ଭୂତଳ ଜଳର ସଂରକ୍ଷଣ ଏବଂ ପ୍ରୋତ୍ସାହନ ଉପରେ ପ୍ରାଥମିକତା ଦେବା ଇତ୍ୟାଦି ମଧ ଏହି ଯୋଜନାର ଅନ୍ତର୍ଭୁକ୍ତ।

ଗତ ଗାନ୍ଧୀ ଜୟନ୍ତୀ ଦିନ ଏଆଇପିଏଚ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବ୍ଲକ୍ ସରକଣା ଗ୍ରାମର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ଏହି ଯୋଜନାର କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇ ଥିଲା। ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମକର୍ତ୍ତାମାନଙ୍କ ଦ୍ୱାରା ହାତ ଧୋଇବା, ସ୍ୱଚ୍ଛତା ଓ ପରିଚ୍ଛନ୍ନତା ଏବଂ ପରିମଳ ବ୍ୟବସ୍ଥାର ଗୁରୁତ୍ୱ ଉପରେ ଆଲୋଚନା କରାଯାଇଥିଲା। ସମସ୍ତେ ମୁହଁରେ ମାସ୍କ୍ ପିନ୍ଧି ଓ ହାତରେ ଗ୍ଲୋଭ୍‌ସ ଲଗାଇ ଚିକିତ୍ସା କେନ୍ଦ୍ରର ପରିସରକୁ ସଫାସୁତରା କରିଥିଲେ। ବାହାରିଥିବା ଅଳିଆ ଆବର୍ଜନାକୁ ନିୟମାନୁଯାୟୀ ସଠିକ୍ ପରିଚାଳନା ମଧ କରାଯାଇ ଥିଲା।

## ମହାଳୟା ଏବଂ ଏହାର...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ମହାଳୟା ଶ୍ରାଦ୍ଧ ବା ପିଣ୍ଡ ଦାନ ନିଜର ବାସଭବନ ବ୍ୟତୀତ ଶ୍ରୀମନ୍ଦିରର ବାଇଶ ପାହାଚରେ ମଧ ପ୍ରଦାନ କରାଯାଏ, ଯାହାକି ଅଧିକ ପୁଣ୍ୟ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏତଦବ୍ୟତୀତ ଯାଜପୁରର ଦେବୀ ବିରାଜ ପୀଠ, ନରେନ୍ଦ୍ର ତଥା ଭୁବନେଶ୍ୱରର ବିନ୍ଦୁସାଗର ପ୍ରଭୃତି ତୀର୍ଥ ପୁଷ୍କରଣୀ ତଟରେ ପିଣ୍ଡ ଦାନ କରାଯାଏ । ବୁଦ୍ଧଗୟାରେ ଆଶ୍ୱିନ ପ୍ରତିପଦା ଠାରୁ ମହାଳୟା ଅମାବାସ୍ୟା ପର୍ଯ୍ୟନ୍ତ ଦୀର୍ଘ ଏକପକ୍ଷ ଧରି ପ୍ରତିଦିନ ପିଣ୍ଡ ଦାନ କରାଯାଏ । ଗୟାରେ ପିଣ୍ଡ ଦାନ କଲେ ଅଧିକ ପୁଣ୍ୟ ମିଳିଥାଏ ବୋଲି ହିନ୍ଦୁମାନଙ୍କର ଏକ ଶାଶ୍ୱତ ଧାରଣା ରହିଛି ।

ହିନ୍ଦୁ ଶାସ୍ତ୍ର ଅନୁସାରେ ମହାଳୟାରେ ପୂର୍ବଜମାନଙ୍କ ପ୍ରତି ପିଣ୍ଡ ଦାନ ଏକ ମହତ କାର୍ଯ୍ୟ ଅଟେ । ଏହାଦ୍ୱାରା ଅଶେଷ ଶୁଭ ଫଳ ପ୍ରାପ୍ତି ହୋଇଥାଏ । ପୂର୍ବପୁରୁଷମାନେ ସନ୍ତୁଷ୍ଟ ହୋଇପାରିଲେ ଉତ୍ତର ପୁରୁଷମାନେ ଖୁସିରେ ରହିଥାନ୍ତି । ସର୍ବ ସୁଖଶାନ୍ତି ପ୍ରାପ୍ତ ହେବା ସହିତ ସମସ୍ତ ରିଷ୍ଟଖଣ୍ଡନ ହୋଇଥାଏ ।

ଏହି କାରଣରୁ ମହାଳୟାର ମହାତ୍ମ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।ହିନ୍ଦୁ ପରମ୍ପରା ଅନୁଯାୟୀ ଏହାର ତାତ୍ପର୍ଯ୍ୟ ଅବର୍ଣ୍ଣନୀୟ । ଏହା ହିନ୍ଦୁ ଧର୍ମର ମହାନ ସାଂସ୍କୃତିକ ପରମ୍ପରାକୁ ଉଜ୍ଜୀବିତ କରାଇବା ସହିତ ସମଗ୍ର ବିଶ୍ୱରେ ଏକ ନୂଆ ପରିଚୟ ପ୍ରଦାନ କରିବାରେ ସାହାଯ୍ୟ କରେ। ଇହଲୋକ ଓ ପରଲୋକ ମଧ୍ୟରେ ଏହା ଏକ ସମ୍ପର୍କର ସେତୁ । ଜନ୍ମ ମୃତ୍ୟୁର ଚକ୍ରରେ ପେଷିହୋଇ ଶରୀରର ମୃତ୍ୟୁ ହେଲେ ବି ଆତ୍ମା ର ମୃତ୍ୟୁ ହୁଏ ନାହିଁ । କାରଣ ଆତ୍ମା ହିଁ ଅମର । ଆତ୍ମାର ସନ୍ତୁଷ୍ଟିରେ ସକଳ କାର୍ଯ୍ୟରେ ସନ୍ତୁଷ୍ଟି । ହିନ୍ଦୁ ଦର୍ଶନରେ ଏହି ସତ୍ୟ ପ୍ରତିପାଦନ କରେ ମହାଳୟା ।

+ ଅଧ୍ୟାପକ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ଜିଲ୍ଲାସ୍ତରୀୟ ଋଣ ସଂଯୋଗିକରଣ ପଦକ୍ଷେପ




ଭଦ୍ରକ,୦୬/୦୯ (ନି.ପ୍ର): ଲିଡ୍ ବ୍ୟାଙ୍କ ଅଫିସ, ୟୁକୋ ବ୍ୟାଙ୍କ ଭଦ୍ରକ ଦ୍ୱାରା ଆଜି ଭଦ୍ରକ ଜିଲ୍ଲା ପାଇଁ ସଂସ୍କୃତି ଭବନ ଠାରେ ଋଣ ସଂଯୋଗିକରଣ ପଦକ୍ଷେପ ବା ଋଣମେଳା ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ଅର୍ଥ ସେବା ବିଭାଗ ଜରିଆରେ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ଓ ଜିଲ୍ଲା ଲିଡ୍ ମ୍ୟାନେଜରଙ୍କ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ମାନ୍ୟବର ଲୋକସଭା ସଦସ୍ୟା ଶ୍ରୀମତୀ ମଞ୍ଜୁଲତା ମଣ୍ଡଳ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ବାଲେଶ୍ୱର ଜୋନ୍‌ର ଡ଼ି.ଜି.ଏମ୍. ଏବଂ ୟୁକୋ ବ୍ୟାଙ୍କର ଆଞ୍ଚଳିକ ମୁଖ୍ୟ ଲଲାଟେନ୍ଦୁ ବେହେରା, ନାବାର୍ଡ଼ର ଡ଼ିଡ଼ିଏମ୍ ପ୍ରମୋଦ କୁମାର ବେହେରା ଏବଂ ଏହି କାର୍ଯ୍ୟକ୍ରମର ଆୟୋଜକ ଏଲ୍.ଡ଼ି.ଏମ୍. ଭଦ୍ରକ ନାଗେଶ୍ୱର ରାଓ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ଋଣ ହିତାଧିକାରୀମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ସଂପୃକ୍ତ ବିଭାଗୀୟ ସରକାରୀ କର୍ମଚାରୀ, ଜିଲ୍ଲାର ସମସ୍ତ ବ୍ୟାଙ୍କର୍ସ, ବ୍ୟାଙ୍କ ପ୍ରତିନିଧି, ଋଣ ହିତାଧିକାରୀମାନେ ଯୋଗ ଦେଇଥିଲେ । ଋଣ ହିତାଧିକାରୀମାନଙ୍କ ପାଇଁ ବିଭିନ୍ନ ଯୋଜନାରେ ୧୬ କୋଟି ୭୪ ଲକ୍ଷ ଟଙ୍କାର ୩୮୦ ପ୍ରସ୍ତାବକୁ ମଞ୍ଜୁର କରାଯାଇଥିଲା । ୧୦୦ ହିତାଧିକାରୀଙ୍କୁ ମୁଖ୍ୟ ଅତିଥିଙ୍କ ଦ୍ୱାରା ଋଣ ମଞ୍ଜୁରୀ ପ୍ରାପ୍ତ ଚିଠି ବଣ୍ଟନ କରାଯାଇଥିଲା । ମହିଳା ଏସ୍.ଏଚ୍.ଜି. ମାନଙ୍କ କ୍ଷେତ୍ରରେ ୪ କୋଟି ୨୩ ଲକ୍ଷ ଟଙ୍କାର ୧୬୬ଟି ଋଣ ପ୍ରସ୍ତାବ ମଞ୍ଜୁର କରାଯାଇଥିଲା । ପ୍ରଧାନମନ୍ତ୍ରୀ ଜୀବନଜ୍ୟୋତି ବୀମା ଯୋଜନା, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା, ଅଟଳ ପେନସନ୍ ଯୋଜନା ପ୍ରଭୃତି ସାମାଜିକ ସୁରକ୍ଷା ଯୋଜନା ତାଲିକା ଭୁକ୍ତ ହେବା, ଏମ୍.ଏସ୍.ଏମ୍.ଇ , କୃଷି, ପାଇକାରୀ ବ୍ୟବସାୟ, ଖାଉଟି ଋଣ, ପ୍ରଧାନମନ୍ତ୍ରୀ ସ୍ୱନିଧି ଯୋଜନା, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଆଦିଙ୍କ ପାଇଁ ବିଭିନ୍ନ ଯୋଜନାରେ ଋଣ ବ୍ୟବସ୍ଥା, ଆର୍ଥିକ ସହାୟତା ଜନିତ ସଚେତନତା ବୃଦ୍ଧି, ଆର୍ଥିକ ସଂଯୋଗୀକରଣ, ଡ଼ିଜିଟାଲ ବ୍ୟାଙ୍କ ବ୍ୟବସ୍ଥା ଆଦି ନେଇ ସଚେତନତା ଏହି କାର୍ଯ୍ୟକ୍ରମର ମୁଖ୍ୟ ଆଭିମୁଖ୍ୟ ଥିଲା ।

## ତାଳଦଣ୍ଡା କେନାଲରେ ଗଳି ପଡ଼ି ଦୁଇ ଶିଶୁଙ୍କ ମୃତ୍ୟୁ

ପାରାଦ୍ୱୀପ,୦୬/୦୯ (ନି.ପ୍ର): ଅଠରବାଙ୍କି ଲକପଡା ବସ୍ତି ଆଜି ଏକ ହୃଦୟ ବିଦାରକ ଘଟଣା ଦେଖିବାକୁ ମିଳିଛି। ଅକାଳରେ ଚାଲି ଗଲା ଦୁଇଟି କୋମଳ ଜୀବନ। ଖେଳୁଥିବା ବେଳେ ତାଳଦଣ୍ଡା କେନାଲରେ ଗଳି ପଡ଼ି ଦୁଇ ଶିଶୁଙ୍କ ମୃତ୍ୟୁ ଘଟିଛି। ମୃତ ଝିଅର ବୟସ ୪ ବର୍ଷ ଓ ପୁଅର ବୟସ ୪ ବର୍ଷ । ସୂଚନା ମୁତାବକ ଆଜି ଲକପଡା ରେ ରହୁଥିବା ନୃସିଂହ ମିସ୍ତ୍ରୀ ଙ୍କ ୪ ବର୍ଷ ର ପୁଅ ଓ ବୁଦ୍ଧଦେବ ଦାସଙ୍କ ୪ ବର୍ଷ ର ଝିଅ ତାଳଦଣ୍ଡା କେନାଲ ବନ୍ଧ ରେ ଖେଳୁଥିବା ବେଳେ କେନାଲ ପାଣିରେ ଖସି ପଡ଼ିଥିଲେ। ମାତ୍ର ଏ ସମ୍ପର୍କରେ କେହି ଜାଣିପାରି ନଥିଲେ। କିଛି ସମୟ ପରେ ଗାଧୋଉଥିବା ଲୋକଙ୍କ ଦୃଷ୍ଟି ପଡିବାରୁ ପାଣିରୁ ଉଭୟ ଙ୍କୁ ଉଦ୍ଧାର କରି ଅଠରବାଙ୍କି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ ମଧ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଛନ୍ତି। ଘଟଣାକୁ ନେଇ ଡାକ୍ତରଖାନା ପରିସର ଓ ଲକ୍ ପଡା ବସ୍ତି ରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

## ବିପୁଳ ପରିମାଣର ପଶ୍ଚିମବଂଗ ମାର୍କା ମଦ ଜବତ୍ : ୪ ଗିରଫ

ଜଳେଶ୍ୱର ୬/୧୦(ନି.ପ୍ର): ପାର୍ବଣ ପୂର୍ବରୁ ପଶ୍ଚିମବଂଗରୁ ଦେଶୀ ଓ ବିଦେଶୀ ବହୁ ଚୋରା ମଦ ଅଣାଯାଇ ଉପାନ୍ତ ଓଡିଶାର ବିଭିନ୍ନ ସ୍ଥାନରେ ମହଜୁଦ କରାଯାଉଥିବାର ଘଟଣା ଅବକାରୀ ବିଭାଗର ଉଚ୍ଚ କର୍ମକର୍ତ୍ତାଙ୍କୁ ଗୁଇନ୍ଦା ବିଭାଗ ଜଣାଇଛି। ତେଣୁ ଡେପୁଟି କମିସନର ଅଶୋକ କୁମାର ଶତପଥିଙ୍କ ନିର୍ଦ୍ଦେଶରେ ବାଲେଶ୍ୱର ଜିଲାର ଜଳେଶ୍ୱର ଥାନା ଆଇଆଇସି ପ୍ରଜ୍ଞା ମହାନ୍ତି ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଦେବେନ୍ଦ୍ର କୁମାର ବେହେରାଙ୍କ ନେତୃତ୍ୱରେ ଏକ ୧୫ଜଣିଆ ଟିମ୍ ଜଳେଶ୍ୱରର ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। ଦୁର୍ଗପୂଜା ପୂର୍ବରୁ ଚୋରା ମଦବ୍ୟବସାୟୀମାନେ ଗୋବରଘଟା, ବାଇପାଟଣା, ଲକ୍ଷ୍ମଣନାଥ, ଗୋପ, ବିରିଷପୁର ଅଂଚଳରେ ଏହି ଚଢାଉ କରାଯାଇଥିଲା । ୧୨୩ ଲି. ଦେଶୀ ରନ୍ଧା ମହୁଲି ମଦ, ୧୭.୧ଲି. ପଶ୍ଚିମବଂଗ ମାର୍କା ବିଦେଶୀ ମଦ, ବିଅର ୭.୧ ଲି, କଣ୍ଟ୍ରି ସ୍ପିରିଟ୍ ୧୩.୮ଲି. ଜବତ୍ କରାଯାଇଛି। ଏପରି ଘଟଣାରେ ସାଲନ୍ତି ସିଂ, ମମତା ସରେନ୍ ଓ ବଲାଇ ସିଂଙ୍କୁ ଗିରଫ କରି ବିଚାର ବିଭାଗ ହାଜତ୍‌କୁ ପଠାଇ ଦିଆଯାଇଛି। ଏହି ଚଢାଉରେ ଅବକାରୀ ସହକାର ନିରିକ୍ଷକ ଜୟମାଧବ ଦାସପଟ୍ଟନାୟକ, କନେଷ୍ଟବଳ ରାମଚନ୍ଦ୍ର ମହାନ୍ତି, ଶଶିଭୂଷଣ ସ୍ୱାଇଁ, ରାଜୀବ ଭଂଜ, କୁମୁଦୁନୀ ସୋ ଓ ପୁଲିସ୍ ବାହିନୀ ସାମିଲ ଥିଲେ।

## ରାଜଧାନୀରେ ୨୪ ଘଂଟାରେ ୧୧୧ ପଜିଟିଭ୍

ଭୁବନେଶ୍ୱର,୦୬/୦୯ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ବୁଧବାର ଦିନ ଆଉ ୧୧୧ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରୁ ୧୬ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୯୫ ଲୋକାଲ୍ କେସ୍ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୧୬୬ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରି ସୂଚନା ଦିଆଯାଇଛି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୧୩୭୫୧ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୧୦୯୩୩୦ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୩୩୭୨ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୧୦୨୮ କୁ ବୃଦ୍ଧି ପାଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ପିଏମ ସ୍ୱାମୀତ୍ୱ ଯୋଜନା ଦେଶର....

ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତା ରହିଛି ଏବଂ ବିଗତ ୨୦ ବର୍ଷରେ ଗରିବ କଲ୍ୟାଣ ହିଁ ମୋଦିଜୀଙ୍କ ପ୍ରାଥମିକତାରେ ରହିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ଜନସେବାର୨୦ ବର୍ଷ ପୂର୍ତିର ଅନ୍ତିମ ଦିନରେ ଗରିବଙ୍କ କଲ୍ୟାଣ ପାଇଁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୋଡ଼ି ହେବା ତାଙ୍କ ପାଇଁ ସୌଭାଗ୍ୟର ବିଷୟ ବୋଲି ଶ୍ରୀ ପ୍ରଧାନ ଟ୍ୱିଟ୍ ଯୋଗେ ମତବ୍ୟକ୍ତ କରିଛନ୍ତି। ସୂଚନାଯୋଗ୍ୟ, ୨୦୨୧ରୁ ୨୦୨୫ ମଧ୍ୟରେ ଏହି ଯୋଜନା ଅନ୍ତର୍ଗତ ଦେଶରେ ଥିବା ୬.୬୨ ଲକ୍ଷ ଗାଁକୁ ସାମିଲ କରାଯିବାର ଲକ୍ଷ୍ୟ ରଖାଯାଇଛି। ବର୍ତମାନ ସୁଦ୍ଧା ଏହି ଯୋଜନା ମହାରାଷ୍ଟ୍ର, କର୍ଣ୍ଣାଟକ, ହରିୟାଣା, ଉତରପ୍ରଦେଶ, ମଧ୍ୟପ୍ରଦେଶ, ପଞ୍ଜାବ, ରାଜସ୍ଥାନ, ଗୁଜୁରାଟ୍, ଗୋଆ, ଆନ୍ଧ୍ରପ୍ରଦେଶ ଏବଂ ଆଣ୍ଡାମାନ ନିକୋବରରେ ଏହି ଯୋଜନା ଆରମ୍ଭ କରାଯାଇଛି।

### ୧୦ରେ ସୃଷ୍ଟି ହେବ ଲଘୁଚାପ....

ପ୍ରବେଶ କରିବା ଆଶଙ୍କା କରାଯାଉଛି । ଏହା ପୂର୍ବରୁ ଓଡିଶାରେ ବ୍ୟାପକ ଧନଜୀବନ ନଷ୍ଟ କରିଥିବା ଅମ୍ଫାନ ବାତ୍ୟା ମଧ ସମୁଦ୍ରରେ ୫ ଦିନ ରହିବା ପରେ ସ୍ଥଳଭାଗ ମୁହାଁ ହୋଇଥିଲା । ତେଣୁ ଅକ୍ଟୋବରରେ ହେବାକୁ ଥିବା ଏହି ଲଘୁଚାପ ଶକ୍ତିଶାଳୀ ହୋଇ ଉପକୂଳକୁ ଆସିବା ଅନୁମାନ କରାଯାଉଛି । ଯଦିଓ ଅନ୍ତର୍ଜାତୀୟ ପାଣିପାଗ ମଡେଲ ବାତ୍ୟା ହେବା ନେଇ ଆକଳନ କରୁଛନ୍ତି । କିନ୍ତୁ ଏହି ବାତ୍ୟା କେତେ ଶକ୍ତିଶାଳୀ ହେବ ? ଏହାର ପ୍ରଭାବ ଓଡିଶା ଉପରେ କେମିତି ରହିବ ? କେତେ କ୍ଷୟକ୍ଷତି କରିପାରେ ? ସେ ସମ୍ପର୍କରେ ପୂର୍ବାନୁମାନ ଏବେ ଆସିନାହିଁ । ଅନ୍ୟପଟେ ବିଶେଷଜ୍ଞଙ୍କ ଅନୁସାରେ ବାତ୍ୟା ସୃଷ୍ଟି ବେଳେ ଯଦି ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ପ୍ରତ୍ୟାବର୍ତ୍ତନ କରାଯାଇଥାଏ, ତେବେ ବାୟୁମଣ୍ଡଳରେ ତଳ ଉପର ଭାଗର ବାୟୁ ପ୍ରବାହ ଆସୁଥିବା ବାତ୍ୟାକୁ ଶକ୍ତିଶାଳୀ କରିବାକୁ ସାହାଯ୍ୟ କରିବ ।

### ପୁଣି ବଢ଼ିଲା ପେଟ୍ରୋଲ....

ପରିମାଣ ବାହାରିନାହିଁ । ତେଲର ଚାହିଦା ଅନୁସାରେ, ଉତ୍ପାଦନ ବୃଦ୍ଧି ହେବ ବୋଲି ଆଶା କରାଯାଉଥିଲା ତାହା ଘଟିନାହିଁ । ଓପେକ୍ ରାଷ୍ଟ୍ର ଉତ୍ପାଦନରେ କେବଳ ଚାରି ଲକ୍ଷ ବ୍ୟାରେଲ ବୃଦ୍ଧି କରିବା ନେଇ ନିଷ୍ପତ୍ତି ନେଇଛନ୍ତି । ଏହା ଯୋଗୁଁ ଅନ୍ତଃରାଷ୍ଟ୍ରୀୟ ବଜାରରେ ଅଶୋଧିତ ତୈଳଦରରେ ୨.୫ପ୍ରତିଶତ ବୃଦ୍ଧି ଘଟିଛି । ଫଳରେ ପ୍ରତି ବ୍ୟାରେଲରେ ୮୧ଡଲାର ପାର କରିଛି ।

### ସରକାରଙ୍କ କଟକଣା ପାଇଁ ବିପଦ ଭିତରକୁ ....

ପରିବେଶ । ନିଜେ ମୁଖ୍ୟମନ୍ତ୍ରୀ ବୁଲି ବୁଲି ପେଣ୍ଡାଲରେ ପୂଜା ପ୍ରସ୍ତୁତିକୁ ତଦାରଖ କରୁଛନ୍ତି । ଏଥିସହ ଏକ ଗାଇଡଲାଇନ ଜାରି କରି କହିଛନ୍ତି, ପୂଜାମଣ୍ଡପ ଚାରି ଆଡୁ ଖୋଲା ରହିବ, ଏବଂ ଭକ୍ତ ସହଜରେ ଦର୍ଶନ କରିପାରିବେ । ଏପଟେ ଆଜି ମହାଳୟାରେ ବି ଅଜବ ସ୍ଥିତି ଦେଖିବାକୁ ମିଳିଥିଲା । ଭୁବନେଶ୍ୱର ବିନ୍ଦୁ ସାଗରକୁ ବନ୍ଦ କରାଯାଇଥିଲା, କିନ୍ତୁ ପୁରୀରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବାକୁ ଅନୁମତି ମିଳିଥିଲା । ଖାଁ ଖାଁ ବିନ୍ଦୁସାଗର, ପୁରୀରେ ପିତୃପୁରୁଷଙ୍କୁ ଶ୍ରାଦ୍ଧ, ସେପଟେ କିନ୍ତୁ ପଶ୍ଚିମବଙ୍ଗରେ ଗହଳି । ମହାଳୟା ଅବସରରେ ଏମିତି ରହିଥିଲା ତିନୋଟି ସ୍ଥାନର ଚିତ୍ର । କେଉଁଠି ପ୍ରବଳ ଗହଳି ତ କେଉଁଠି ଲୋକଙ୍କୁ ଶ୍ରାଦ୍ଧ ପାଇଁ ମିଳିନଥିଲା ସୁଯୋଗ । ପିତୃପୁରୁଷଙ୍କୁ ଶ୍ରାଦ୍ଧ ଦେବାକୁ ଉଦ୍ଦିଷ୍ଟ ମହାଳୟାରେ ଏଭଳି ଚିତ୍ର ଅନେକ ପ୍ରଶ୍ନ ସୃଷ୍ଟି କରୁଛି । ରାଜଧାନୀ ପାଇଁ କଟକଣା ଲାଗିଲା, ହେଲେ ପୁରୀରେ ସବୁ କିଛି ସ୍ୱାଭାବିକ । ଏହି ମାତ୍ରାଧିକ କଟକଣା ବିରୋଧରେ ଅସନ୍ତୋଷ ବଢୁଛି । ପୁରୀରେ ଯଦି ଲୋକ ବାହାରକୁ ଆସି, ଶ୍ରାଦ୍ଧ ଦେବାକୁ ସୁଯୋଗ ପାଇଲେ, ତେବେ ଭୁବନେଶ୍ୱରରେ ପ୍ରତିବନ୍ଧକ କାହିଁକି ଲାଗିଲା ? କରୋନା କଟକଣା ମାନି ସମସ୍ତେ ଆଗକୁ ବଢିବାକୁ ଚେଷ୍ଟା କରୁଥିବା ବେଳେ ବିଏମସିର ଗୋଟିଏ ପରେ ଗୋଟିଏ ପଦକ୍ଷେପ ବିବାଦୀୟ ହେଉଛି । ଯଦି କଟକଣା ଲଗାଇବାର ଥିଲା, ସାରା ରାଜ୍ୟରେ ମହାଳୟା ଉପରେ କଟକଣା ଲଗାଇଥାନ୍ତେ ସରକାର, ମାତ୍ର ବିଏମସି କର୍ତ୍ତୃପକ୍ଷ ଏକପାଖିଆ ନିଷ୍ପତି ନେବା ପଛର କାରଣ କଣ ? ରେକର୍ଡ କରିବା ନିଶା ଘାରୁଛି କି ମହାନଗର ନିଗମ ଅଧିକାରୀଙ୍କୁ ? ପୂଜା ପାଇଁ ପ୍ରସ୍ତୁତ ପଶ୍ଚିମବଙ୍ଗ, କିନ୍ତୁ ଓଡିଶାରେ କଟକଣା । ଓଡିଶା ଏବଂ ପଶ୍ଚିମବଙ୍ଗ ମଧ୍ୟରେ କରୋନା ସଂଖ୍ୟାରେ ସେଭଳି ବେଶି ତାରତମ୍ୟ ନାହିଁ । ବରଂ ଓଡିଶା ସ୍ଥିତି ପଡୋଶୀ ରାଜ୍ୟ ଠାରୁ ଭଲ ଅଛି, ହେଲେ ମମତା ନିଜ ରାଜ୍ୟରେ ଦୁର୍ଗାପୂଜାକୁ ବଡ ଆକାରରେ ପାଳନ କରିବାକୁ ସୁଯୋଗ ଦେଇଥିବା ବେଳେ ଓଡିଶାରେ କିନ୍ତୁ ଏହାକୁ କଟକଣା ଭିତରେ ପାଳନ କରାଯିବ । ଲଗାତର ଦ୍ୱିତୀୟ ବର୍ଷ ପାଇଁ ବିନା ଜାକଜମକରେ ମା'ଙ୍କୁ ଆବାହନ କରାଯିବ, ୪ ଫୁଟର ମୂର୍ତି ସହ ପରଦା ଟାଣି ପୂଜା ହେବ । ପୂଜା ବଜାର ଉପରେ ଅନେକ ବ୍ୟବସାୟୀ ନିର୍ଭର କରିଥାନ୍ତି । କଳାକାରଙ୍କ ଠାରୁ ଆରମ୍ଭ କରି ଫେରିବାଲା ସମସ୍ତେ ଅପେକ୍ଷା କରିଥାନ୍ତି ଏହି ସମୟକୁ, କିଛି ଅର୍ଥ ଉପାର୍ଜନ କରିବାକୁ । ହେଲେ ଅଗଷ୍ଟ ମାସରୁ ଆଗୁଆ ନିଷ୍ପତ୍ତି ନେଇଥିବା ରାଜ୍ୟ ସରକାରଙ୍କୁ କିନ୍ତୁ ଉତ୍ତର ରଖିବାକୁ ପଡିବ, ଏହା ପରେ ବି ଯଦି ସଂଖ୍ୟା ବଢେ ତାର ଉତ୍ତରଦାୟିତ୍ୱ କିଏ ନେବ ?

### ଲଖୀମପୁରରେ ତେଜୁଛି ....

ନମିଳିଲେ ସେ ଧାରଣାରୁ ହଟିବେ ନାହିଁ ବୋଲି କହିଥିଲେ । ଶେଷରେ ରାହୁଲଙ୍କ ଜିଦ୍ ଆଗରେ ହାର ମାନିଥିଲେ ୟୁପି ସରକାର । ରବିବାର ଲଖୀମପୁର ଖେରୀ ହିଂସାକାଣ୍ଡକୁ ନେଇ ଉତରପ୍ରଦେଶ ସମେତ ସାରା ଦେଶରେ ଦେଖିବାକୁ ମିଳିଛି ଉତେଜନା । ଆଉ ଏହି ଚାପରେ ୟୁପିର ଯୋଗୀ ସରକାରଙ୍କୁ ନିଜ ନିଷ୍ପତିରୁ ଓହରି ବାକୁ ପଡିଛି । ଉତରପ୍ରଦେଶ ପ୍ରଶାସନ ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀଙ୍କ ସମେତ ୫ ଜଣଙ୍କୁ ଲଖୀମପୁର ଖେରୀ ଯାତ୍ରା କରି ମୃତ ଚାଷୀଙ୍କ ପରିବାର ଲୋକଙ୍କୁ ଭେଟିବାକୁ ଅନୁମତି ପ୍ରଦାନ କରିଛନ୍ତି । ରାହୁଲ ଓ ପ୍ରିୟଙ୍କାଙ୍କ ସମେତ ପଂଜାବ ମୁଖ୍ୟମନ୍ତ୍ରୀ ଚରଣଜୀତ ସିଂହ ଚନ୍ନି ଓ ଛତିଶଗଡ ମୁଖ୍ୟମନ୍ତ୍ରୀ ଭୁପେଶ ବଘେଲ ଲଖୀମପୁର ଖେରୀ ଯାତ୍ରା କରିଛନ୍ତି ।

## ଯୁବନେତାଙ୍କ ଜନ୍ମ ଦିବସରେ ବିଶାଳ ରକ୍ତଦାନ ଶିବିର

ବାଲେଶ୍ୱର,୦୬/୦୯ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ଯୁବନେତା ବିକ୍ରମ ପଣ୍ଡାଙ୍କ ଜନ୍ମ ଦିବସ ଅବସରରେ ବିକ୍ରମ ପଣ୍ଡା ଫାଉଣ୍ଡେସନ ପକ୍ଷରୁ ସ୍ୱେଚ୍ଛାକୃତ ମେଗା ରକ୍ତଦାନ ଶିବିର ସହରର ହୋଟେଲ ଫାଣ୍ଟାସି ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରକୁ ଶ୍ରୀ ପଣ୍ଡାଙ୍କ ପିତା ହୃଷୀକେଶ ପଣ୍ଡା ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ପିଲାଟି ବେଳୁ ସାମାଜ ସେବା ପ୍ରତି ଧେୟ ରଖି ଆସିଥିବା ପୁତ୍ରଙ୍କୁ ଜନ୍ମ ଦିବସରେ ଶୁଭେଚ୍ଛା ଜଣାଇବା ସହ ରକ୍ତଦାନ ଭଳି ମହତ କାର୍ଯ୍ୟକ୍ରମର ଆୟୋଜନକୁ ନେଇ ସେ ସନ୍ତୋଷ ପ୍ରକାଶ କରିଥିଲେ। ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନା, ପିସିସି ସାଧାରଣ ସମ୍ପାଦକ ସତ୍ୟପ୍ରକାଶ ନାୟକ, ବରିଷ୍ଠ କଂଗ୍ରେସ ନେତା ସତ୍ୟାନନ୍ଦ ରାଉତ, ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ଛାତ୍ର ବିଜେଡି ଜିଲା ସଭାପତି ସିମନ ଦାସ ମହାପାତ୍ର, ଭୁବନାନନ୍ଦ ଦାସ, ଶ୍ରଦ୍ଧାଞ୍ଜଳି ରାୟ, ଦିବ୍ୟେନ୍ଦୁ ପାଣିଗ୍ରାହୀ, ସତ୍ୟଶିବ ସୁନ୍ଦର ଦାସ, ଭାଗବତ ସାହୁ, ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ର, ବିଜେପି ଯୁବମୋର୍ଚ୍ଚା ଜିଲା ସଭାପତି ରାଜେଶ ମହାପାତ୍ର, ବିଜେପି ନେତା ସୁଜିତ ମହାପାତ୍ର, ଶ୍ରୀନିବାସ ପ୍ରଧାନ, ବିଭୂପଦ ଦାସ, ବିଜୟ ପାଣିଗ୍ରାହୀ ପ୍ରମୁଖ ଏଥିରେ ଯୋଗଦେଇ ଶ୍ରୀ ପଣ୍ଡାଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ଜନ୍ମଦିନରେ ଏଭଳି ମହତ କାର୍ଯ୍ୟର ନିଷ୍ପତ୍ତି ଅନ୍ୟମାନଙ୍କ ପାଇଁ ନିଶ୍ଚିତ ପ୍ରେରଣା ବୋଲି ଅତିଥିମାନେ ମତ ଦେଇଥିଲେ। ତେବେ ଜନ୍ମଦିନରେ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅପେକ୍ଷା ଏହିଭଳି ସମାଜସେବା ମୂଳକ କାର୍ଯ୍ୟ ଆୟୋଜନ କରି ସେ ବିଶେଷ ଭାବେ ଆତ୍ମସନ୍ତୋଷ ପାଉଛନ୍ତି ବୋଲି ଶ୍ରୀ ପଣ୍ଡା ମତ ଦେଇଛନ୍ତି। ଅନ୍ୟମାନେ ବି ଜନ୍ମଦିନ ପାଳନ ଅବସରରେ ଏହିଭଳି କାର୍ଯ୍ୟକ୍ରମ କରିବାକୁ ସେ ସମସ୍ତଙ୍କୁ ପରାମର୍ଶ ଦେଇଥିଲେ। ଶିବିର ଶେଷ ସୁଦ୍ଧା ମୋଟ ୧୫୩ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା। ଶିବିରରେ ଯୋଗଦେଇଥିବା ସମସ୍ତ ଅତିଥି ଓ ରକ୍ତଦାତାଙ୍କୁ ବୃକ୍ଷଚାରା ବଣ୍ଟନ କରାଯାଇଥିଲା। ଜ୍ଞାନେନ୍ଦ୍ର ମହାନ୍ତି, ସୁଶୀଳ ଜେନା, ବୈଦୁର୍ଯ୍ୟ ଦାସ, ସାହିରୁଲ ହକ, ମନୋଜ ପୋଦାର, ସଂଗ୍ରାମ ପଣ୍ଡା, ସଲିମ ରାଜା, କାହ୍ନୁଚରଣ ବେହେରା, ସୃଷ୍ଟିଧର ଜେନା, ସତ୍ୟପ୍ରକାଶ ରାଉତ, ଡ.ଶ୍ରୀମାନ ଶ୍ରୀଚନ୍ଦନ, ଅଶୋକ ଆଢ଼୍ୟ, ଜିତେନ୍ଦ୍ର ଦାସ, ବିଶ୍ୱଜିତ ଦାସ, ଅର୍ଦ୍ଧେନ୍ଦୁ ଦାସ, ତୁଷାରକାନ୍ତି ତପସ୍ୱୀ, ସନ୍ତୋଷ ଦାସ, ଆଶିଷ ସାହୁ, ତପନ ଜେନା, ରାଜେଶ କୁମାର ଜେନା ପ୍ରମୁଖ ଏହି ଶିବିର ପରିଚାଳନା କରିଥିଲେ। ଜଣେ ଯୁବନେତା ଭାବେ ସମାଜସେବା ତଥା ଗଠନ ମୂଳକ କାର୍ଯ୍ୟରେ ଶ୍ରୀ ପଣ୍ଡା ସର୍ବଦା ଆଗରେ ରହିଥା'ନ୍ତି ବୋଲି ଶିବିର ପରିଚାଳନା କରୁଥିବା ତାଙ୍କର ସହଯୋଗୀ ଓ ଶୁଭେଚ୍ଛୁମାନେ ପ୍ରକାଶ କରିଥିଲେ। ଏହି ଧାରା ସବୁବେଳେ ବଜାୟ ରହୁ ବୋଲି ସେମାନେ କାମନା କରିଥିଲେ।

## ରାଜ୍ୟରେ କରୋନାରେ ଆଉ ୪ ଜଣଙ୍କର ମୃତ୍ୟୁ : ମୋଟ ମୃତ୍ୟୁ ସଂଖ୍ୟା ୮୨୨୭ ହେଲା

ଭୁବନେଶ୍ୱର,୦୬/୦୯ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୪ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୨୨୭ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ କଟକ ଓ ଖୋର୍ଦ୍ଧା ଜିଲ୍ଲାରୁ ୨-୨ ଜଣ ସଂକ୍ରମିତ ମୃତ୍ୟୁବରଣ କରିଛନ୍ତି ।

## 'ସ୍ମୃତିରେ କବି ସହସ୍ର ଶତପଥୀ' କାର୍ଯ୍ୟକ୍ରମ ଅନୁଷ୍ଠିତ

ବାରିପଦା,୦୬/୦୯ (ନି.ପ୍ର): ସ୍ଥାନୀୟ ଅବସର ପ୍ରାପ୍ତ କର୍ମଚାରୀ ସମ୍ମିଳନୀ କକ୍ଷରେ ଏକ ଭବ୍ୟ ସମାରୋହ "ସ୍ମୃତିରେ କବି ସହସ୍ର ଶତପଥୀ" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ବାଙ୍ଗିରିପୋଷି ଏଲ.କେ. କଲେଜର ଅଧକ୍ଷା ଡକ୍ଟର ପୁଷ୍ପା ପାତ୍ରଙ୍କ ସଭାପତିତ୍ୱେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୟୂରଭଞ୍ଜ ସାହିତ୍ୟ ପରିଷଦର ସମ୍ପାଦକ ଶ୍ରୀ ମନୋଜ ଦଳବେହେରା, ଜଗନ୍ନାଥ ସଂସ୍କୃତି ଓ ସନାତନ ଧର୍ମର ପ୍ରଚାରକ ଶ୍ରୀ ଭାଗବତ ପଣ୍ଡା, କବି ଅମିତାଭ ମିଶ୍ର, କବୟତ୍ରୀ ଅଧ୍ୟାପିକା ଜୟଶ୍ରୀ ଦାଶ ପ୍ରମୁଖ ଯୋଗଦେଇ କବି କେବେ ମରି ପାରେନା ତେଣୁ ଦିବଂଗତ କବି ସହସ୍ର ଶତପଥି ନିଜର ସୃଷ୍ଟିସମ୍ଭାର ଭିତରେ ଅମର ହୋଇ ରହିବେ ବୋଲି କହିଥିଲେ । ବାଙ୍ଗିରିପୋଷୀ ସିଡିପିଓ ମିନତୀ ଦାଶ ପ୍ରାରମ୍ଭିକ ଭାଷଣ ସହ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ସ୍ୱର୍ଗତ କବିଙ୍କ ପୁତ୍ର ଦେବବ୍ରତ, କନ୍ୟା ଦେବଲୀନା ଅତିଥିଙ୍କୁ ପୁଷ୍ପ ଗୁଚ୍ଛ ଅର୍ପଣ ପୂର୍ବକ ମଞ୍ଚକୁ ସ୍ୱାଗତ କରିଥିଲେ । ପ୍ରଥମେ ସ୍ୱର୍ଗତ କବିଙ୍କ ସ୍ୱରଚିତ କବିତା ସଂକଳନ "ବିଭୁକୃପା" ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତଓ ଲୋକାର୍ପିତ ହୋଇଥିଲା । ଏହାପରେ କବିଙ୍କ ବିଷୟରେ କନ୍ୟା ଦେବଲୀନା ସ୍ୱୀୟ ପିତାଙ୍କ ସ୍ମୃତି ଚାରଣ କରିଥିଲେ । ମିନତୀ ଦାଶ "ସହସ୍ର ତୁମେ ଅନନ୍ୟ" ଶିର୍ଷକରେ ଏକ ସ୍ମୃତି କବିତା ପାଠ କରିଥିଲେ । ଉପସ୍ଥିତ ବ୍ୟକ୍ତିମାନେ ମଧ କବିଙ୍କ ସ୍ମୃତି ଚାରଣ କରି ନିଜ ନିଜ ଅଭିବ୍ୟକ୍ତି ପ୍ରଦାନ କରିଥିଲେ । ଶେଷରେ କବିଙ୍କ ପୁତ୍ର ଶ୍ରୀ ଦେବବ୍ରତ ଶତପଥୀ ସମସ୍ତଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଥିଲେ ।

## ବିଷ୍ଣୁପୁରସ୍ଥିତ ଗଳାପୋଲ ସଂପ୍ରସାରଣ ନିମନ୍ତେ ମଂଜୁରୀ ପ୍ରଦାନ କରିଥିବାରୁ କେନ୍ଦ୍ର ସରକାରଙ୍କୁ ଧନ୍ୟବାଦ : ମହାବୀର ଆଞ୍ଚଳିକ ବିକାଶ ପରିଷଦ

ଭଦ୍ରକ,୦୬/୦୯ (ନି.ପ୍ର): ମହାବୀର ଆଞ୍ଚଳିକ ବିକାଶ ପରିଷଦ ବିଷ୍ଣୁପୁର ସଂପାଦକ ଡ଼ାକ୍ତର ରବୀନ୍ଦ୍ର କୁମାର ପଣ୍ଡାଙ୍କ ଦ୍ୱାରା ବିଷ୍ଣୁପୁରଛକ ଠାରେ ଥିବା ଗଳାପୋଲର ସଂପ୍ରସାରଣ ନିମନ୍ତେ ଗତ ତା-୧୪.୦୭.୨୦୨୧ ରିଖ ଚିଠି ସଂଖ୍ୟା-୮/୨୧ ମାନ୍ୟବର ଜିଲ୍ଲାପାଳ ମହୋଦୟଙ୍କୁ ଗ୍ରାମବାସୀଙ୍କ ଦ୍ୱାରା ଦସ୍ତଖତ ଥିବା ଏକ ଲିଖିତ ଅଭିଯୋଗ କରିଥିଲେ । ତତ୍ ସଂଗେ ସଂଗେ ବିଭିନ୍ନ ତାରିଖରେ ଏବଂ ବିଭିନ୍ନ ଚିଠି ଦ୍ୱାରା ମାନ୍ୟବର କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ଼କରୀ ଜୀ, ମାନ୍ୟବର କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟୋଗିକ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ମାନ୍ୟବର ଜଳସଂପଦ ମନ୍ତ୍ରୀ ବିଶେଶ୍ୱର ଟୁଡୁ, ମାନ୍ୟବର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ପ୍ରାକ୍ତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ,



ଭଦ୍ରକ ସାଂସଦ ମଂଜୁଲତା ମଣ୍ଡଳ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲ, ଭଦ୍ରକ ବିଧାୟକ ସଂଜୀବ ମଲ୍ଲିକ ଏବଂ ଆଞ୍ଚଳିକ ନିର୍ଦ୍ଦେଶକ ଜାତୀୟ ରାଜପଥ ଅଧିକାରୀ, ଭୁବନେଶ୍ୱରଙ୍କୁ ଏହି ଗଳାପୋଲ ସଂପ୍ରସାରଣ କାର୍ଯ୍ୟର ଚିଠି ପ୍ରଦାନ କରାଯାଇଥିଲା । ମାନ୍ୟବର ଶିକ୍ଷା, ଦକ୍ଷତା ବିକାଶ ଓ ଉଦ୍ୟୋଗିକ କେନ୍ଦ୍ରମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଧାନ ମହୋଦୟ ଆମର ଚିଠିକୁ ବିଚାରକୁ ନେଇ ଏ ଅଞ୍ଚଳର ଉପୁଜୁଥିବା ସମସ୍ୟାକୁ ବିଚାରକୁ ନେଇ ତୁରନ୍ତ ମାନ୍ୟବର କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ଶ୍ରୀଯୁକ୍ତ ଗଡ଼କରୀଙ୍କୁ ତାଙ୍କ ମନ୍ତ୍ରଣାଳୟ ମାଧ୍ୟମରେ ଚିଠି ପ୍ରଦାନ କରି ଏଠାରେ ଗଳାପୋଲ ସଂପ୍ରସାରଣକୁ କାର୍ଯ୍ୟକାରୀ କରିବାପାଇଁ ଅନୁରୋଧ କରିଥିଲେ । ତତ୍ ସଂଗେ ସଂଗେ ଭାରତୀୟ ଜନତା ପାର୍ଟିର ପ୍ରାକ୍ତନ ସଂଗଠନ ମନ୍ତ୍ରୀ ଓ ବର୍ତ୍ତମାନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପଞ୍ଚାନନ ରାଉତଙ୍କ ନିଷ୍ଠାପର ଉଦ୍ୟମ ଓ ଅକ୍ଳାନ୍ତ ପ୍ରଚେଷ୍ଟା ଫଳରେ ମାନ୍ୟବର କେନ୍ଦ୍ରମନ୍ତ୍ରୀ ନିତିନ୍ ଗଡ଼କରୀ ମହୋଦୟ ବିଷ୍ଣୁପୁର ଛକଠାରେ ଥିବା ଗଳାପୋଲକୁ ସଂପ୍ରସାରଣ କରିବାପାଇଁ ଜାତୀୟ ରାଜପଥ ଅଧିକାରୀଙ୍କୁ ନିର୍ଦ୍ଦେଶ କରିଥିଲେ । କେନ୍ଦ୍ରମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଜାତୀୟ ରାଜପଥ ଅଧିକାରୀ ଗତ ତା-୪.୧୦.୨୦ ୨୧ ରିଖ ଚିଠି ନଂ-ଏନ୍ଏଚ୍ଆଇ/୧୧୦୧୫/ ୨୪ଆର୍ଓ/ଡର୍ଡ଼ି/୨୬୭୮/ ୨୦୨୧ ଅନୁଯାୟୀ ବିଷ୍ଣୁପୁରଠାରେ ଥିବା ଗଳାପୋଲ ନଂ-୧୧୬+୬୭୦କୁ ସଂପ୍ରସାରଣ ନିମନ୍ତେ ୧୫.୪୦ କୋଟି ଟଙ୍କା ମଂଜୁର କରିଛନ୍ତି । ଏହି ସଂପ୍ରସାରଣ କାର୍ଯ୍ୟପାଇଁ ମହାବୀର ଆଞ୍ଚଳିକ ବିକାଶ ପରିଷଦର ସଭାପତି ରଘୁନାଥ ପଣ୍ଡା, ବିଶିଷ୍ଟ ଶ୍ରମିକ ନେତା ଶାନ୍ତନୁ ମହାପାତ୍ର, କାର୍ଯ୍ୟକାରୀ ସଭାପତି ଭିକାରୀ ଚରଣ ସେଠୀ, କୋଷାଧକ୍ଷ ମୁକ୍ତିକାନ୍ତ ସାହୁ, ବିଦ୍ୟାଧର ସେଠୀ, ସୁଧାକର ମହାପାତ୍ର, ଅରୁଣ ଖିଲାର, ବିଜେଡ଼ି ଜିଲ୍ଲା ଯୁବ ସଭାପତି ମୁକୁନ୍ଦଦେବ ସାମଲ, ବିଷ୍ଣୁପୁର ଗ୍ରା.ପ. ସରପଞ୍ଚ ଅକ୍ଷୟ ବେହେରା, ସମିତି ସଭ୍ୟ ଚନ୍ଦ୍ରଶେଖର ଜେନା, ଜଳମଣ୍ଡୁଆ ଗ୍ରା.ପ. ସରପଞ୍ଚ ଜଗବନ୍ଧୁ ଦାସ, ରଘୁନାଥ ଦାସ, ବିଜୟ ଖିଲାର, ରାମଚନ୍ଦ୍ର ରାଉତ, ଅମୂଲ୍ୟ ନାୟକ, ବିକାଶ ସାମଲ, ସାମ୍ବାଦିକ ରବିନାରାୟଣ ସାହୁ, ଅଶ୍ୱିନୀ ନାୟକ, ସନ୍ତୋଷ ପଣ୍ଡା, ସୁବାସ ରାଉତ, ପିତାମ୍ବର ପଣ୍ଡା ଏବଂ ପରିଷଦର ସମସ୍ତ ସଭ୍ୟ ଓ ବିଷ୍ଣୁପୁର, ବହୁଦରଡ଼ା ଏବଂ ଜଳମଣ୍ଡୁଆ ଗ୍ରା.ପ.ର ଅଧିବାସୀମାନେ କୃତଜ୍ଞତା ଜଣାଇବା ସଂଗେ ସଂଗେ ତୁରନ୍ତ ପ୍ରକଳ୍ପ କାର୍ଯ୍ୟ କରିବା ପାଇଁ ଜାତୀୟ ରାଜପଥ ପ୍ରକଳ୍ପ ଅଧିକାରୀ ବାଲେଶ୍ୱରଙ୍କୁ ଗଣ ମାଧ୍ୟମ ମାଧ୍ୟମରେ ନିବେଦନ କରିଛନ୍ତି ।

## ସାମ୍ବାଦିକ ସତ୍ୟଜିତ୍ ମହାପାତ୍ରଙ୍କ ପରଲୋକରେ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ



ବାରିପଦା,୦୬/୦୯ (ନି.ପ୍ର): ମୟୂରଭଞ୍ଜ ମାଟିର ସୁଯୋଗ୍ୟ ସନ୍ତାନ ତଥା ଲୋକପ୍ରୀୟ ଯୁବସାମ୍ବାଦିକ ଏବଂ ଇଂରାଜୀ ଦୈନିକ ଖବରକାଗଜ The Common Timesର ସମ୍ପାଦକ ସତ୍ୟଜିତ୍ ମହାପାତ୍ରଙ୍କ ମାତ୍ର ୪୪ବର୍ଷ ବୟସରେ କରୋନାରେ ପରଲୋକ ହୋଇଯାଇଛି । ଏହି ଖବର ପ୍ରଚାରିତ ହେବାପରେ ସାମ୍ବାଦିକ ମହଲରେ ଶୋକରଛାୟା ଖେଳିଯାଇଛି। ଏହି ପରିପ୍ରେକ୍ଷୀରେ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ସ୍ୱର୍ଗତ ସତ୍ୟଜିତ୍ ମହାପାତ୍ରଙ୍କ ପାଇଁ ମୟୂରଭଞ୍ଜ ଜିଲ୍ଲାର ଗଣମାଧ୍ୟମ ପ୍ରତିନିଧିମାନଙ୍କ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳୀ ସଭା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ସାମ୍ବାଦିକ, ବୁଦ୍ଧିଜୀବି ଓ ରାଜନେତାମାନେ ଯୋଗଦେଇ ସ୍ୱର୍ଗତ ସତ୍ୟଜିତ୍ ମହାପାତ୍ରଙ୍କ ପ୍ରତିଭା ବିଷୟରେ ବଖାଣିବା ସହ ଖୁବ୍ କମ ସମୟ ମଧ୍ୟରେ ନିଜର ଦକ୍ଷତା ମାଧ୍ୟମରେ ସାରା ଓଡିଶାରେ ଲୋକପ୍ରୀୟ ହୋଇପାରିଥିଲେ ବୋଲି ମତ ରଖିଥିଲେ । ଏହି ଶ୍ରଦ୍ଧାଞ୍ଜଳୀ ସଭା ସାମ୍ବାଦିକ ରାଜ୍ ଗୁପ୍ତାଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୟୂରଭଞ୍ଜ ଜିଲ୍ଲାପରିଷଦ ସଭାପତି ସୁଜାତା ମୁର୍ମୁ, ମୋରଡା ବିଧାୟକ ରାଜ୍‌କିଶୋର ଦାସ ଓ ବିଜେଡି ଯୁବନେତା ଦେବାଶିଷ ପାତ୍ର ପ୍ରମୁଖଙ୍କ ସହ ସାମ୍ବାଦିକ ସୁକାନ୍ତ ଜୀଉ, ସୌମ୍ୟ ରଞ୍ଜନ ପଟ୍ଟନାୟକ, ମାଣିକଲାଲ ପାଣି, ସୁବ୍ରତ ପ୍ରଧାନ, ନିଳାଦ୍ରୀ ଦଣ୍ଡପାଟ, ଅସିତ୍ ଗିରି, ଦିନେଶ ସେଠୀ, ବିଶ୍ୱଜିତ୍ ମହାନ୍ତି, ନୁରୁଲ୍ ଇସଲାମ, ସରୋଜ କୁମାର ନାୟକ, ଦୀପକ ପାଣିଗ୍ରାହୀ ଓ ହରେକୃଷ୍ଣ ପାତ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମହାପାତ୍ରଙ୍କ ସ୍ମୃତିଚାରଣ କରିବା ସହ ସତ୍ୟଜିତ୍ ମହାପାତ୍ରଙ୍କ ଫୋଟଚିତ୍ରରେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ଏଥିସହ ସ୍ୱର୍ଗତ ମହାପାତ୍ରଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ନୀରବ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା ।

ବାଲେଶ୍ୱର ଗୁରୁବାର, ୦୭ ଅକ୍ଟୋବର, ୨୦୨୧

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା ୮

# ପୂର୍ବତଟ ରେଳପଥ ପକ୍ଷରୁ ରେଳ ସପ୍ତାହ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ

ଭୁବନେଶ୍ୱର,୦୬/୦୯ (ନି.ପ୍ର): ପୂର୍ବତଟ ରେଳପଥ ପକ୍ଷରୁ ଆଜି ଭୁବନେଶ୍ୱରସ୍ଥ ରେଳବାଇ ଅଡିଟୋରିୟମ ଠାରେ ୬୬ତମ ରେଳସପ୍ତାହ ବାର୍ଷିକ ପୁରସ୍କାର ବିତରଣ ଉତ୍ସବ ପାଳିତ ହୋଇଯାଇଅଛି। ଏହି ସମାରୋହରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ବିଦ୍ୟାଭୂଷଣ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ସମସ୍ତ କୃତି କର୍ମଚାରୀ ଓ ଅଧିକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟଦକ୍ଷତା ପାଇଁ ପୁରସ୍କୃତ କରିଛନ୍ତି। ଏଥିରେ ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକ ସୁଧିର କୁମାର ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ରେଳବାଇ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇ ମହାପ୍ରବନ୍ଧକ ରେଳବାଇ କର୍ମଚାରୀଙ୍କ ପ୍ରଗତିଶୀଳ ଉଦ୍ଦେଶ୍ୟ ଓ କର୍ତବ୍ୟ ସମ୍ପାଦନ କରି ରେଳବାଇକୁ ମୂଲ୍ୟବାନ ଅବଦାନ ପ୍ରଦାନ ସହ ଉତ୍କର୍ଷତା ଆଣିବାରେ ସହାୟକ ହୋଇଥିବାରୁ ସେମାନଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଏହି ଉଦ୍ୟମ ଓ ନିଷ୍ଠା ଜାରି ରଖିବାକୁ ଆହ୍ୱାନ ଦେଇଛନ୍ତି ଯାହା'ଲରେ ଏହି ରେଳପଥ ଏକ ଶ୍ରେଷ୍ଠ ରେଳ ଜୋନ୍ ଭାବେ ନିଜକୁ ବଜାୟ ରଖିବ। ଖୋର୍ଦ୍ଧା ରୋଡ଼ ରେଳ ମଣ୍ଡଳକୁ ସିଭିଲ୍ ଇଞ୍ଜିନିୟରିଂ, ଟ୍ରେନ୍ ପରିଚାଳନା ଓ ବାଣିଜ୍ୟ ଦକ୍ଷତା ସିଲ୍ଡ ମିଳିଥିବାବେଳେ ୱାଲଟିୟର ରେଳ ମଣ୍ଡଳକୁ ବିତ('ଇନାନ୍ସ), କୋଚିଂ ଡିପୋ ଓ କାର୍ମିକ ବିଭାଗ ଦକ୍ଷତା ସିଲ୍ଡ ଗ୍ରହଣ କରିଛି। ସେହିଭଳି ବିଦ୍ୟୁତ ପରିଚାଳନା ଓ ଯାନ୍ତ୍ରିକ(ମେକାନିକାଲ) ଦକ୍ଷତା ସିଲ୍ଡ ସମ୍ବଲପୁର ରେଳ ମଣ୍ଡଳକୁ ପ୍ରଦାନ କରାଯାଇଅଛି। ଏହି ଅବସରରେ ସବୁ କ୍ଷେତ୍ରରେ କାର୍ଯ୍ୟଦକ୍ଷତା ପାଇଁ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳକୁ ସାମଗ୍ରିକ ଦକ୍ଷତା ସିଲ୍ଡ, ବ୍ରହ୍ମପୁର ରେଳ ଷ୍ଟେସନକୁ ଉତମ ବୃହତ ପରିଚ୍ଛନ୍ନ ଷ୍ଟେସନ ଓ ହଣ୍ଡପା ରେଳଷ୍ଟେସନକୁ ଉତମ ଛୋଟ ପରିଚ୍ଛନ୍ନ ଷ୍ଟେସନ ସିଲ୍ଡ ପ୍ରଦାନ କରାଯାଇଅଛି। ରେଳପଥର ବରିଷ୍ଠ ଉପମହାପ୍ରବନ୍ଧକ ଶ୍ରୀ ସଞ୍ଜୟ ମହାପାତ୍ର ସ୍ୱାଗତ ଭାଷଣ ପ୍ରଦାନ କରି ରେଳ ସପ୍ତାହ ଉପରେ ଆଲୋକପାତ କରିଥିବାବେଳେ ଅତିରିକ୍ତ ମହାପ୍ରବନ୍ଧକ ସୁଧିର କୁମାର ରେଳ କର୍ମଚାରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ। ଉପ ମହାପ୍ରବନ୍ଧକ ଅଶୋକ କୁମାର ମିଶ୍ର ଏହି ଅବସରରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଲୋକଙ୍କୁ ନ୍ୟାୟ ଦେବାରେ ପୁଲିସର ଅବହେଳା ଅଭିଯୋଗ

## ବିଜେପି ପକ୍ଷରୁ ସହଦେବଖୁଣ୍ଟା ଥାନା ଘେରାଓ




ବାଲେଶ୍ୱର,୦୬/୦୯ (ନି.ପ୍ର): ନିର୍ମାଣଧୀନ ଫୁଲାଡ଼ି ପୋଲର ନିରାପତ୍ତା କର୍ମୀ (ସିକ୍ୟୁରିଟି ଗାର୍ଡ଼)ଙ୍କୁ ମରଣାନ୍ତକ ଆକ୍ରମଣ କରିଥିବା ୪ ଅଭିଯୁକ୍ତଙ୍କୁ ଗିରଫ କରିବାରେ ପୁଲିସର ନିଷ୍କ୍ରିୟତା ପ୍ରତିବାଦରେ ବିଜେପି ପକ୍ଷରୁ ବୁଧବାର ସହଦେବଖଣ୍ଟା ଥାନା ଘେରାଓ ହୋଇଯାଇଛି। ବିଜେପି ଜିଲା ସଭାପତି ଉମାକାନ୍ତ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତଥା ପୂର୍ବତନ ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ଓ ଜିଲା ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ରଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଥାନା ଆଗରେ ବିକ୍ଷୋଭ କରିବା ସହିତ ଧାରଣାରେ ବସି ରହିଥିଲେ। ବିଜେପି ବାଘାଯତୀନ ମଣ୍ଡଳ ସଭାପତି କୃଷ୍ଣଚନ୍ଦ୍ର ଶାହାଙ୍କ ସଂଯୋଜନାରେ ଆୟୋଜିତ ପ୍ରତିବାଦ କାର୍ଯ୍ୟକ୍ରମରେ ଜିଲା ସଭାପତି ଶ୍ରୀ ମହାପାତ୍ର, ପୂର୍ବତନ ବିଧାୟକ ଶ୍ରୀ ଦାସ, ବିଜେପି ଟାଉନ ସଭାପତି ଚିତ୍ତରଞ୍ଜନ ପଣ୍ଡା, ଶୋଭନା ମହାନ୍ତି, ଶୁଭଙ୍କର ମହାପାତ୍ର, ଆଶିଷ ଘୋଷ, ସୃଷ୍ଟିଧର ଦାସ, ପର୍ଶୁରାମ ପରିଡ଼ା, ସୀତାରାମ ପ୍ରଧାନ, ରାଜେଶ ମହାପାତ୍ର, ନାରାୟଣ ମହନ୍ତ, ସୁଧାଂଶୁ ଶେଖର ପଣ୍ଡା, ମନୀଷା ବେହେରା, ସୁବୋଧଚନ୍ଦ୍ର ପଣ୍ଡା, ଇଶ୍ୱର ଚନ୍ଦ୍ର ବେହେରା ପ୍ରମୁଖ ଯୋଗଦେଇ ସହଦେବଖୁଣ୍ଟା ଥାନା ସମେତ ଜିଲାର ବିଭିନ୍ନ ଥାନାରେ ଚାଲିଥିବା ପୁଲିସର ବେଆଇନ କାର୍ଯ୍ୟଧାରାକୁ ସମାଲୋଚନା କରିଥିଲେ। ସମ୍ପ୍ରତି ପୁଲିସ ରାଜ୍ୟ ଶାସକ ଦଳର ଚାଟୁକାର ହୋଇଥିବା ବେଳେ ସାଧାରଣ ଲୋକେ ନ୍ୟାୟରୁ ବଞ୍ଚିତ ହୋଇ ଚାଲିଛନ୍ତି ବୋଲି ସେମାନେ ଆରୋପ କରିଥିଲେ। ବିଶେଷ କରି ଥାନାକୁ ଅଭିଯୋଗ ନେଇ ଆସୁଥିବା ବ୍ୟକ୍ତିଙ୍କ ସମେତ ଜନପ୍ରତିନିଧିଙ୍କୁ ପୁଲିସର ଦୁର୍ବ୍ୟବହାର କରିବା, ଅପରାଧୀ ଓ ନିଶା ବେପାରୀଙ୍କ ସହ ଭିତ୍ତିରି ସମ୍ପର୍କ ରଖିବା ଫଳରେ ଏହାର ପରିଣାମ ସାଧାରଣ ଲୋକଙ୍କୁ ଭୋଗିବାକୁ ପଡୁଛି ବୋଲି ବିଜେପି ନେତାମାନେ କହିଥିଲେ। ତେବେ ଫୁଲାଡ଼ି ପୋଲ ନିରାପତ୍ତା କର୍ମୀଙ୍କୁ ମାଡ଼ ମାଡ଼ ମାରିଥିବା ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ସେମାନେ ଦାବି କରିଥିଲେ। ଦୀର୍ଘ ୩ଘଣ୍ଟା ଏହି ଘେରାଓ କାର୍ଯ୍ୟ ଚାଲିବା ଫଳରେ ଥାନା ମଧ୍ୟରେ ଅଭାବନୀୟ ପରିସ୍ଥିତି ଉପୁଜିଥିବା ଲକ୍ଷ୍ୟ କରାଯାଇଥିଲା। ଖବର ପାଇ ଏଡିସନାଲ ଏସପି ଉଦୟଭାନୁ ମିଶ୍ର ଧାରଣା ସ୍ଥଳରେ ପହଞ୍ଚି ବିକ୍ଷୋଭକାରୀଙ୍କ ସହ ଆଲୋଚନା କରିଥିଲେ। ଆସନ୍ତା ୪୮ ଘଣ୍ଟା ମଧ୍ୟରେ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସହିତ ଅନ୍ୟ ଦାବିଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣର ପ୍ରତିଶ୍ରୁତି ଦେବା ପରେ ବିଜେପି କର୍ମୀମାନେ ଘେରାଓ କାର୍ଯ୍ୟକ୍ରମରୁ ନିବୃତ୍ତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଜେପି ଜିଲା ମିଡ଼ିଆ ସଂଯୋଜକ ଶ୍ରୀନିବାସ ପ୍ରଧାନ, ଉପ-ସଭାପତି କମଲଲୋଚନ ଦାସ, ସୁଶାନ୍ତ ବେରା, ସ୍ୱାଧୀନ ପଣ୍ଡା, ସୁସ୍ମିତା ପଣ୍ଡା, ନିତୁନ ସାହା, ସରିତା ଗିରି, ଦମୟନ୍ତୀ ବାଗ, ରେଣୁ ବିଶ୍ୱାଳ, କମଳା ବିନ୍ଧାଣି, ଅଭିପ୍ସା ନାୟକ, ସୁକାନ୍ତି ଦେବଗୋସ୍ୱାମୀ, ଅବନ୍ତି ଜେନା, କଳ୍ପନା ଦାସ, ତରୁଲତା ଦାସ, ସୁଜାତା ସିଂହ, କାର୍ତ୍ତିକ ଗିରି, ବିପିନ ମାରାଣ୍ଡି ପ୍ରମୁଖ ଏହି ଘେରାଉ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରକାଶ ଥାଉ କି ୨୫ ତାରିଖ ସନ୍ଧ୍ୟା ସମୟରେ ନିର୍ମାଣାଧୀନ ଫୁଲାଡ଼ି ପୋଲ ଉପରେ ୪ଜଣ ଯୁବକ ମଦ୍ୟପାନ କରୁଥିବା ଦେଖି କାର୍ଯରତ ସିକ୍ୟୁରିଟି ଗାର୍ଡ଼ ବିଦ୍ୟାଧର ଦାସ ସେମାନଙ୍କୁ ବାରଣ କରିଥିଲେ। ନିଜକୁ ବିଜୁ ଯୁବ ଜନତା ଦଳର ନେତା ବୋଲି ପରିଚୟ ଦେଇ ସେମାନେ ବିଦ୍ୟାଧରଙ୍କୁ ପ୍ରଥମେ ଗାଳି ଗୁଲଜ କରିବା ସହ ପରେ ଖଣ୍ଡା, ଭୁଜାଲି ଓ ତେଲେଙ୍ଗା କଟୁରୀରେ ମାରଣାନ୍ତକ ଆକ୍ରମଣ କରିଥିଲେ। ବିଦ୍ୟାଧରଙ୍କ ଦୁଇ ଗୋଡ଼ ଓ ମୁଣ୍ଡରେ ଗଭୀର କ୍ଷତ ସୃଷ୍ଟି ହୋଇ ସେ ଏବେ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସବୁଠାରୁ ବଡ଼କଥା ହେଲା ଏନେଇ ତାଙ୍କ ପତ୍ନୀ କଳ୍ପନା ଦାସ ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ତ ଦୂରର କଥା ଏମିତିକି ଅଭିଯୋଗକାରିଣୀଙ୍କୁ ଅଭିଯୁକ୍ତଙ୍କ ସମ୍ମୁଖରେ ପୁଲିସ ଦୁର୍ବ୍ୟବହାର ପ୍ରଦର୍ଶନ କରିଥିବା ନେଇ ଅଭିଯୋଗ ହୋଇଥିଲା। ଅନ୍ୟପକ୍ଷରେ ପୁଲିସର ସହଯୋଗରେ ଅଭିଯୁକ୍ତମାନେ ପୀଡ଼ିତ ପରିବାରକୁ ମାମଲା ଉଠାଇ ନେବାକୁ ଧମକ ଦେଉଥିବା ପକ୍ଷରୁ ଆରୋପ ଉଠିଥିଲା।

# ଲୋଧା ସଂମ୍ପ୍ରଦାୟର ସାଂସ୍କୃତିକ ଝୁମର କାର୍ଯ୍ୟକ୍ରମ ଅନୁଷ୍ଠିତ



ବାରିପଦା,୦୬/୦୯ (ନି.ପ୍ର): ଆଦିମ ଜନଜାତି ଲୋଧା ସଂମ୍ପ୍ରଦାୟର ସାଂସ୍କୃତିକ ଝୁମର କାର୍ଯ୍ୟକ୍ରମ ମୟୁରଭଞ୍ଜ ଜିଲ୍ଲା ମରୋଡା ବ୍ଲକର ଘୁଡାବନ୍ଧା ଠାରେ ଅନୁଷ୍ଠିତ ହୋଇଯାଇଛି । ଏମ.ଏସ.ଏଲ୍. ଝୁମର ଆସୋସିଏସନର ସଭାପତି ବନା ନାୟକ ଏବଂ ସମ୍ପାଦିକା ଦ୍ରୌପଦି କଟାଳ ଙ୍କ ଆୟୋଜନରେ ଅନୁଷ୍ଠିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଅତିଥି ଭାବରେ ରାଜ୍ୟ ସଭା ସାଂସଦ ଶ୍ରୀମତୀ ମମତା ମହାନ୍ତ, ମରୋଡା ବିଧାୟକ ଶ୍ରୀଯୁକ୍ତ ରାଜକିଶୋର ଦାସ, ପୂର୍ବତନ ଜିଲ୍ଲା ପରିଷଦ ସଦଶ୍ୟ ଗଣେଶ୍ୱର ମହାନ୍ତ (ଜିତୁ ଭାଇ), ମୋରଡା ବ୍ଲକ ପର୍ଯ୍ୟବେକ୍ଷକ ଶ୍ରୀ କୃଷ୍ଣାନନ୍ଦ ମହାନ୍ତି ଏବଂ ଚିଟାମାଟିଆ ପଂଚାୟତର ସରପଂଚ ଏବଂ ସମିତି ସଭ୍ୟ ପ୍ରମୁଖ ଯୋଗଦେଇ ସମାଜର ମୁଖ୍ୟ ସ୍ରୋତରେ ନିଜକୁ ସାମିଲ କରିବାପାଇଁ ବିଲୁପ୍ତପ୍ରାୟ ଲୋଧା ଜନଜାତିର ଜନସାଧାରଣ ମାନେ ଯେଉଁ ପ୍ରୟାସ କରିଛନ୍ତି ସେଥିପାଇଁ ସେମାନଙ୍କୁ ସାଧୁବାଦ ଜ୍ଞାପନ କରିଥଲେ । ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡିଶାର ସୁନାମଧନ୍ୟ ଝୁମର କଣ୍ଠ ଶିଳ୍ପୀ ରବିନ୍ଦ୍ର ମହାନ୍ତ, ଜ୍ୟୋସ୍ନାରାଣୀ ବିନ୍ଧାଣୀ, ସଂନ୍ଧ୍ୟାରାଣୀ ମହାନ୍ତ, ଦେବଶ୍ରୀ ଲୋହାର ଏବଂ ପଶ୍ଚିମ ମେଦିନିପୁରର ଅନିମା ମହାନ୍ତ ଏବଂ ସୁନିତା ରଣା ଙ୍କର ଝୁମର ଗୀତର ତାଳେ ତାଳେ ରାଜ୍ୟସଭାର ସାଂସଦ ମହଦୋୟା ମଧ ଝୁମର ନୃତ୍ୟ ପରିବେଶଷଣ କରିଥିଲେ । ଲୋଧା ଜନଜାତିର ଶିକ୍ଷା ସଂସ୍କୃତି ପାଇଁ ସରକାରୀ ଯୋଜନା ମୁତାବକ ସବୁ ପ୍ରକାରର ସରକାରୀ ସୁବିଧା ଯୋଗାଇଦେବା ପାଇଁ ରାଜ୍ୟସଭା ସାଂସଦ ଶ୍ରୀମତୀ ମହାନ୍ତ ଓ ବିଧାୟକ ଶ୍ରୀ ଦାସ ପ୍ରତିଶୃତି ମଧ ଦେଇଛନ୍ତି । କାର୍ଯ୍ୟକ୍ରମକୁ ସଞ୍ଜୟ ମାର୍ଣ୍ଡି ପରିଚାଳନା କରିଥିବା ବେଳେ, ଛତିଶ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରବଳ ବର୍ଷା ଓ ସୁବର୍ଣ୍ଣରେଖାରେ ବାରମ୍ବାର ବନ୍ୟା ଯୋଗୁଁ ଖରିଫ ଧାନଚାଷର ବ୍ୟାପକ କ୍ଷତି

ଜଳେଶ୍ୱର, ୬/୧୦(ନି.ପ୍ର): ଚଳିତବର୍ଷ ଏକାଧିକ୍ରମେ ପ୍ରବଳ ବର୍ଷା ଲାଗି ରହିଥିବା ଯୋଗୁଁ ଉତ୍ତର ବାଲେଶ୍ୱର ସହିତ ପଶ୍ଚିମବଂଗର ଉଦ୍‌ବୃତ୍ତ ବର୍ଷାପାଣି ଜଳେଶ୍ୱର, ଭୋଗରାଇ, ବାଲିଆପାଳର ବିସ୍ତିର୍ଣ୍ଣ ଅଂଚଳ ଜଳମଗ୍ନ କରିଥିଲା । ସେହିପରି ସୁବର୍ଣ୍ଣରେଖା ନଦୀରେ ବାରମ୍ବାର ବନ୍ୟା ଦେଖା ଦେବାରୁ ତଳିଆ ଅଂଚଳରେ ଦୀର୍ଘଦିନ ପାଣି ଜମିରହିଥିବା ଯୋର୍ଗୁ ଖରିପ ଧାନଚାଷର ବ୍ୟାପକ କ୍ଷତି ଘଟିଛି । ଏହି କ୍ଷତିର ପରିମାଣ ଆସନ୍ତା ଦିନରେ ବୃଦ୍ଧି ପାଇବ ବୋଲି ଜଣାଯାଇଛି । ଚଳିତବର୍ଷ ଜଳେଶ୍ୱରରେ ୨୦,୦୫୫ ହେକ୍ଟର ଜମିରେ ଖରିଫ ଧାନଚାଷ ରୁଆପୋତା ହୋଇଥିଲା । ବର୍ଷା ଓ ବନ୍ୟାଯୋଗୁଁ ୩୫୦୦ ହେକ୍ଟର ଜମି ଦୀର୍ଘଦିନ ଧରି ପାଣିରେ ବୁଡି ରହିଥିଲା । ପରେ କୃଷି ଓ ରାଜସ୍ୱ ବିଭାଗର ମିଳିତ ତଦନ୍ତ ପରେ ୩୩ ଭାଗରୁ କମ୍ ୯୪୧ ହେକ୍ଟର ଓ ୩୩ ପ୍ରତିଶତରୁ ଅଧିକ କ୍ଷତିଗ୍ରସ୍ତ ୫୫୫ ହେକ୍ଟର ଜମିର ଧାନ ନଷ୍ଟ ହୋଇଥିବା କୃଷି ବିଭାଗର ସହକାରୀ ଅଧିକାରୀ ରାଜଲକ୍ଷ୍ମୀ ମହାନ୍ତି ପ୍ରକାଶ କରିଛନ୍ତି । ଭୋଗରାଇରେ ଚଳିତବର୍ଷ ୧୭୬୩୩ ହେକ୍ଟର ଜମି ଆବାଦ କରିବାର ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲେ ମଧ୍ୟ ପ୍ରତିକୋଳ ପାଗ ଯୋଗୁଁ ୧୫୮୩୭ ହେକ୍ଟର ଜମିରେ ରୁଆପୋତା ହୋଇଥିଲା । ଏଥିରୁ ୧୦ ଦିନରୁ ଅଧିକ ସମୟ ୯୮୫୦ ହେକ୍ଟର ଜମି ପାଣି ବୁଡି ରହିଥିଲା ଓ ସେ ସବୁ ଧାନ ପଚିଯାଇଥିବା କୃଷି ବିଭାଗ ସୂତ୍ରରୁ ପ୍ରକାଶ । ଧାନଚାଷ ବ୍ୟତିତ ୧୧୩ ହେକ୍ଟର ଜମିରେ ଅଣଧାନଚାଷ ନଷ୍ଟ ହୋଇଥିବା ଜିଲାକୃଷି ଅଧିକାରୀ ଚନ୍ଦ୍ର ଶେଖର ପାଢୀ ସୂଚନା ଦେଇଛନ୍ତି । ସେହିପରି ବାଲିଆପାଳରେ ୧୭୦୬୧ ହେକ୍ଟର ଜମିରେ ଧାନଚାଷ କରାଯାଇଥିବା ବେଳେ ୨୦୦ ହେକ୍ଟର ଜମି ସଂପୂର୍ଣ୍ଣ ଚାଷ ନଷ୍ଟ ହୋଇଥିବା ଶ୍ରୀ ପାଢି ସୂଚନା ଦେଇଛନ୍ତି । କିନ୍ତୁ ଦୁଃଖର ବିଷୟ ବାସ୍ତବତାକୁ ଲକ୍ଷ୍ୟ ନ ରଖି କୃଷି ବିଭାଗ ରିପୋର୍ଟ ଦେଇଥିବା ବହୁ ଅଭିଜ୍ଞ ଚାଷୀ କହିଛନ୍ତି । ବାସ୍ତାବରେ ଅଧିକ ଚାଷ ନଷ୍ଟ ହୋଇଥିବାର ସେମାନେ ସୂଚନା ଦେବା ସହ ଅନ୍ୟଏକ ତଦନ୍ତ ଦାବି କରିଛନ୍ତି ।

# ବଗଳାମୁଖୀ ପୀଠରେ ନବରାତ୍ର ପୂଜା ଆରମ୍ଭ



ବାଲେଶ୍ୱର,୦୬/୦୯ (ନି.ପ୍ର): ପବିତ୍ର ମହାଳୟା ଅବସରରେ ବୁଧବାରଠାରୁ ବିଭିନ୍ନ ଶକ୍ତିପୀଠମାନଙ୍କରେ ଆରମ୍ଭ ହୋଇଛି ଦୁର୍ଗତି ନାଶିନୀ ମାଆ ଦୁର୍ଗାଙ୍କ ନବରାତ୍ର ପୂଜା। ଏହି କ୍ରମରେ ବାଲେଶ୍ୱର ସହର ଉପକଣ୍ଠ ତାମୁଳିଆସ୍ଥିତ ଶ୍ରୀ ଶ୍ରୀ ପୀତାମ୍ବରୀ ସିଦ୍ଧ ମହା ଶକ୍ତିପୀଠରେ ଜଗତଜନନୀ ମା'ଙ୍କର ନବଦିନାତ୍ମକ ପୂଜା ଶୁଭାରମ୍ଭ ହୋଇଛି। ପ୍ରଥମ ଦିନରେ ପ୍ରାତଃରୁ ପଞ୍ଚଦେବଙ୍କୁ ଅର୍ଘ୍ୟ ପ୍ରଦାନ ପୂର୍ବ ଘଟ ଉତ୍ତୋଳନ ଓ ମଣ୍ଡଳ ସ୍ଥାପନ ସହ ଷୋଡ଼ଶ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା । ସେହିପରି ସଂଧ୍ୟାରେ ସପ୍ତସତୀ ଚଣ୍ଡିପାଠ ଓ ରାତିରେ ୧୦୮ ଆହୁତି ଆଦି କର୍ମକାଣ୍ଡ ମାଧ୍ୟମରେ ପୀଠର ଅଧିଷ୍ଠାତ୍ରୀ ମା' ବଗଳାମୁଖୀଙ୍କର ପୂଜାର୍ଚ୍ଚନା କରାଯାଇଥିଲା। କୋଭିଡ କଟକଣା ପାଇଁ ପୀଠର କର୍ମକର୍ତ୍ତା, ସୀମିତ ସଂଖ୍ୟକ ମାନସିକଧାରୀ ଓ ସେବକଙ୍କ ଉପସ୍ଥିତିରେ ବ୍ରାହ୍ମଣ ମାଆଙ୍କ ପୂଜା ସମ୍ପନ୍ନ କରିଛନ୍ତି। ପ୍ରଥମ ଦିନରେ ନବଶକ୍ତିଙ୍କୁ ଶ୍ରଦ୍ଧା ଓ ଭକ୍ତିର ସହ ଏଠାରେ ଆହ୍ୱାନ କରାଯାଇଛି ଏଠି । ପୀଠର ଅଧିଷ୍ଠାତ୍ରୀ ଦେବୀ ମା' ବଗଳାମୁଖୀଙ୍କୁ ପ୍ରଥମ ଦିନରେ ପାର୍ବତ୍ୟ ରାଜା ହିମାଳୟଙ୍କ ପୁତ୍ରୀ ଭାବେ ଶୈଳପୁତ୍ରୀ ସ୍ୱରୂପରେ ଅର୍ଚ୍ଚନ କରାଯାଇଛି । ସେହିପରି ଦ୍ୱିତୀୟ ଦିବସରେ ଦକ୍ଷ ପ୍ରଜାପତିଙ୍କ କୁମାରୀ କନ୍ୟା ବ୍ରହ୍ମଚାରିଣୀ ସ୍ୱରୂପ, ତୃତୀୟ ଦିବସରେ ମା'ଙ୍କର ବିବାହିତ ସ୍ୱରୂପ ଚନ୍ଦ୍ରଘଣ୍ଟା, ଚତୁର୍ଥ ଦିବସରେ ସୂର୍ଯ୍ୟଙ୍କ ଠାରୁ ଅଧିକ ଶକ୍ତିଶାଳୀ କୁଷ୍ମାଣ୍ଡା, ପଞ୍ଚମ ଦିବସରେ ଦେବକୁମାର କାର୍ତ୍ତିକଙ୍କ ମାତା ଭାବେ ସ୍କନ୍ଦମାତା, ଷଷ୍ଠ ଦିବସରେ କାତ୍ୟାୟନ ମୁନୀଙ୍କ କନ୍ୟା ତଥା ବିଜୟର ପ୍ରତୀକ ମା' କାତ୍ୟାୟନୀଙ୍କ ଅର୍ଚ୍ଚନ କରାଯିବ। ଅନ୍ୟପକ୍ଷରେ ମହାସପ୍ତମୀ ତିଥିରେ ଶୁମ୍ଭ ଓ ନିଶୁମ୍ଭ ଭଳି ରାକ୍ଷସଙ୍କ ବିନାଶକାରୀ ତଥା କାଳଠାରୁ ଅଧିକ ଶକ୍ତିଶାଳୀ ମା' କାଳରାତ୍ରୀ, ମହାଅଷ୍ଟମୀ ତିଥିରେ ନିର୍ମଳ ଓ ପବିତ୍ରତାର ପ୍ରତୀକ ମା' ମହାଗୌରୀ ଏବଂ ମହାନବମୀ ତିଥିରେ ଆଦି ପରାଶକ୍ତି ତଥା ସୃଷ୍ଟି ରଚନାକାରୀ ସିଦ୍ଧିଦାତ୍ରୀ ସ୍ୱରୂପରେ ମା'ଙ୍କୁ ପୂଜା କରାଯିବ ବୋଲି ପୀଠାଧୀଶ ସୂଚନା ଦେଇଛନ୍ତି।

## ପୂଜାଚାନ୍ଦା ନଦେବାରୁ ଆକ୍ରମଣ : ୨ ଗିରଫ

ପୁରୀ,୦୬/୦୯ (ନି.ପ୍ର): ପାଞ୍ଚହଜାର ଟଙ୍କା ପୂଜାଚାନ୍ଦା ନଦେବାରୁ ଜଣେ ବ୍ୟକ୍ତିଙ୍କୁ ଆକ୍ରମଣ କରିଥିବା ଅଭିଯୋଗରେ ସମୁଦ୍ରକୂଳ ଥାନା ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟହେଲେ ବାଲିନୋଳିଆ ସାହିର ବି ଗୋରେୟା(୨୪) ଓ ଡ଼ି ରବି (୨୮)। ପୁଲିସ ସୂତ୍ରରୁ ପ୍ରକାଶ, ଅନନ୍ଦମେଳାର ବଳରାମ ବେହେରାଙ୍କୁ ଗତକାଲି ଅପରାହ୍ନରେ କେତେକ ଅସାମାଜିକ ବ୍ୟକ୍ତି ୫ ହଜାର ଟଙ୍କା ପୂଜା ଚାନ୍ଦା ମାଗିଥିଲେ। ସେ ଚାନ୍ଦା ଦେବାକୁ ମନା କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମୁଥମାରି ଓଠ ଫଟାଇ ଦେଇଥିଲେ। ଚାନ୍ଦା ନଦେଲେ ଜୀବନରୁ ମାରିଦେବେ ବୋଲି ଅଭିଯୁକ୍ତମାନେ ଧମକ ଦେଇଥିଲେ। ଏସମ୍ପର୍କରେ ଗତକାଲି ରାତିରେ ବଳରାମ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୁଲିସ ୨୦୧/୨୧ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିଲା।

## ଦେଶୀରନ୍ଧା ମଦ ଓ ଭାଙ୍ଗ ଜବତ, ୩ ଗିରଫ

ପୁରୀ,୦୬/୦୯ (ନି.ପ୍ର): ଅବକାରୀ ବିଭାଗ ପକ୍ଷରୁ ପୃଥକ ସ୍ଥାନରେ ଚଢାଉ କରାଯାଇ ୩୦ଲିଟର ଦେଶୀରନ୍ଧା ମଦ ଓ ୨୯କେଜି ଭାଙ୍ଗ ଜବତ କରାଯାଇଛି। ଏହି ଚୋରାମାଦକ ଦ୍ରବ୍ୟ କାରବାରରେ ସମ୍ପୃକ୍ତ ସଦରଥାନା ଅନ୍ତର୍ଗତ ରେବତୀରମଣର ସନ୍ତୋଷ ଭୋଇ(୩୫),କୁମ୍ଭାରପଡ଼ାଥାନା ଅନ୍ତର୍ଗତ ନରେନ୍ଦ୍ରକୋଣର ସରଜୁ ଦେଇ (୫୦) ଓ ବଳିଆପଣ୍ଡାର ଟୁନି ପଟ୍ଟନାୟକ(୫୦)କୁ ଗିରଫ କରାଯାଇଛି। ସଦର ଅବକାରୀ ଇନ୍ସପେକ୍ଟର ମାନସୀ ସାହୁଙ୍କ ନେତୃତ୍ୱରେ ବିଭାଗୀୟ ଅଧିକାରୀମାନେ ଆଜି ରେବତୀରମଣ ଗ୍ରାମରେ ଚଢାଉବେଳେ ୧୦ ଲିଟର ଦେଶୀରନ୍ଧାମଦ ଜବତ କରି ସନ୍ତୋଷକୁ ଗିରଫ କରିଥିଲେ। ସେହିପରି ନରେନ୍ଦ୍ରକୋଣରେ ଚଢାଉବେଳେ ୨୦ଲିଟର ଦେଶୀ ରନ୍ଧାମଦ ଜବତ କରି ସରଜୁକୁ ଓ ବଳିଆପଣ୍ଡାରେ ଚଢାଉ ବେଳେ ୨୯କେଜି ଭାଙ୍ଗ ଜବତ କରି ଟୁନିକୁ ଗିରଫ କରିଥିଲେ। ଅଭିଯୁକ୍ତମାନଙ୍କ ନାମରେ ୩ଗୋଟି ପୃଥକ ମାମଲା ରୁଜୁ କରି ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ଗୋଟିଏ ଦିନରେ ୫୯୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୦୬/୦୯ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୫୯୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୨୯୪୧୨ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୮୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୧୬ ହଜାର ୧୬୫ ହୋଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୪୯୬୭ ରହିଛି। ଆଜି ଚିହ୍ନଟ ହୋଇଥିବା ୫୯୩ ଜଣଙ୍କ ମଧ୍ୟରୁ ୨୬୫ ଜଣ ସଂଗରୋଧରୁ ହୋଇଥିବା ବେଳେ ୧୮୮ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୨୨ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୨୯୦ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବରଗଡ଼ରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଭଦ୍ରକରୁ ୪ ଜଣ, ବଲାଙ୍ଗୀର ଜିଲ୍ଲାରୁ ଜଣେ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଟକରୁ ୮୪ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ୨ ସଂକ୍ରମିତ ହୋଇଛନ୍ତି । ଢେଙ୍କାନାଳ ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ , ଗଜପତି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ଗଂଜାମ ଜିଲ୍ଲାରୁ ୨,ଜଗତସିଂହପୁର ଜିଲ୍ଲାରୁ ୨୨ ଜଣ, ଯାଜପୁରରୁ ୧୪ ଜଣ ସଂକ୍ରମିତ ହୋଇଥିବା ବେଳେ , ଝାରସୁଗୁଡ଼ାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କଳାହାଣ୍ଡି ଜିଲ୍ଲାରୁ ୫ , କନ୍ଧମାଳ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦ୍ରାପଡ଼ାରୁ ୯ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

# ବାରିପଦା ପୌରପରିଷଦ ଦ୍ୱାରା ଆଜାଦୀକ ଓ ଅମୃତ ମହୋତ୍ସବ ସପ୍ତାହ ପାଳନ ଅବସରରେ "ବଡା ଖାନା" କାର୍ଯ୍ୟକ୍ରମ ଅନୁଷ୍ଠିତ




ବାରିପଦା,୦୬/୦୯(ନି.ପ୍ର): ରିଖ ବାରିପଦା ପୌରପରିଷଦର କଲ୍ୟାଣ ମଣ୍ଡପ ଠାରେ ଆଜାଦୀକ ଓ ଅମୃତ ମହୋତ୍ସବ ସପ୍ତାହ ପାଳନ ଅବସରରେ "ବଡା ଖାନା" କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ପୌରପରିଷଦର ସମସ୍ତ ସଫେଇ କର୍ମଚାରୀ, ସଫେଇ ଜମାଦାର , ସ୍ୱଚ୍ଛ ସାଥି ,ସ୍ୱଚ୍ଛ ସୁପରଭାଇଜର ଏବଂ ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ଏହି ଅବସରରେ ଜିଲ୍ଲାପାଳ ତଥା ବାରିପଦା ପୌରପାରିଷଦର ପ୍ରଶାସକ ଶ୍ରୀଯୁକ୍ତ ବିନୀତ ଭରଦ୍ୱାଜ ,ଭା.ପ୍ର.ସେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସହରାଞ୍ଚଳରେ ସଫେଇ କାର୍ଯ୍ୟ କିପରି ତ୍ୱରାନ୍ୱିତ ହୋଇପାରିବ ସେଥିପ୍ରତି ସମସ୍ତ ସଫେଇ କର୍ମଚାରୀ ଏବଂ ଜନସାଧାରଣଙ୍କ ସହଯୋଗ କାମନା କରିବା ସହିତ ଆଗକୁ କିପରି ବାରିପଦା ସହର ସଫେଇରେ ଉଚ୍ଚ ସ୍ଥାନ ଅଧିକାର କରିପାରିବ ସେଥିପ୍ରତି ଧ୍ୟାନ ଦେବାକୁ ଅନୁରୋଧ କରିଥିଲେ । ଏହି "ବଡା ଖାନା" କାର୍ଯ୍ୟକ୍ରମ ଅବସରରେ ସଦର ଉପ ଜିଲ୍ଲାପାଳ ତଥା ବାରିପଦା ପୌରପାରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀ ଅନ୍ୟା ଦାସ , ଭା .ପ୍ର .ସେ. ଯୋଗ ଦେଇ ସଫେଇ କାର୍ଯ୍ୟକ୍ରମକୁ କିପରି ମୂଳ ସ୍ତରରୁ ସୁଦୃଢ଼ କରାଯାଇପାରିବ ସେଥିପ୍ରତି ସମସ୍ତଙ୍କର ଧ୍ୟାନ ଆକର୍ଷଣ କରିଥିଲେ । କାର୍ଯ୍ୟନିର୍ବାହୀ ଅଧିକାରୀ ସମସ୍ତଙ୍କୁ ଘରୁ ଏବଂ ଦୋକାନ ବଜାର ରୁ ନିର୍ଗତ ହେଉଥିବା ବର୍ଜ୍ୟବସ୍ତୁକୁ ରାସ୍ତା ଏବଂ ଡ୍ରେନ ରେ ନପକାଇ ପୌରପରିଷଦ ଦ୍ୱାରା ନିୟୋଜିତ ଅଳିଆ ଗାଡ଼ିରେ ଦେବାପାଇଁ ସହର ବାସୀଙ୍କୁ ଅନୁରୋଧ କରିଥିଲେ ଓଶେଷରେ ଜିଲ୍ଲାପାଳ ସଫେଇ କର୍ମଚାରୀ, ସ୍ୱଚ୍ଛ ସାଥି, ସୁପରଭାଇଜ଼ର, ସ୍ୱଚ୍ଛ କର୍ମୀ ଏବଂ ସହରର ଜନସାଧାରଣ ଯେଉଁମାନେ ସଫେଇ କାର୍ଯ୍ୟକ୍ରମକୁ ସହଯୋଗ କରି ପ୍ରତେକଦିନ ଓଦା ଓ ଶୁଖିଲା ଅଳିଆ ପୃଥକୀକରଣ କରି ଅଳିଆ ଗାଡ଼ିରେ ଦେଉଛନ୍ତି ସେମାନଙ୍କ ମଧ୍ୟରୁ ୱାର୍ଡ ନ. ୦୧ ନିବାସୀ ଅମୁଲ୍ୟ କୁମାର ବଡେଙ୍କୁ ସମ୍ବର୍ଦ୍ଧିତ କରାଗଲା । ଉକ୍ତ ସଭାକୁ ଉଜ୍ଜ୍ୱଳ କୁମାର ବେହେରା, ଗୌରୀ ଶଙ୍କର ନାୟକ, ସନ୍ତୋଷ କୁମାର ମହାନ୍ତି, ସାର୍ଥକ ପ୍ରୟାସ ପାତ୍ର,ଅମ୍ଲାନ ପଟନାୟକ ଓ ବିଶେଶ୍ୱର ବେହେରା ପରିଚାଳନା କରିଥିଲେ । ସଭାକାର୍ଯ୍ୟ ସମାପ୍ତ ପରେ ଉପସ୍ଥିତ ସମସ୍ତଙ୍କୁ କାର୍ଯ୍ୟରେ ଉତ୍ସାହିତ କରିବା ନିମନ୍ତେ ଜିଲ୍ଲାପାଳ ଏବଂ ନିର୍ବହୀଅଧିକାରୀ "ବଡା ଖାନା" କାର୍ଯ୍ୟକ୍ରମରେ ସୁସ୍ୱାଦୁ ବ୍ୟଞ୍ଜନ ପରସିଥିଲେ ।

# ବରିଷ୍ଠ ନାଗରିକ ମଞ୍ଚର ୧୨ତମ ପ୍ରତିଷ୍ଠା ଉତ୍ସବ ୧୦ରେ

ବାଲେଶ୍ୱର,୦୬/୦୯ (ନି.ପ୍ର): ବାଲେଶ୍ୱର ଜିଲା ବରିଷ୍ଠ ନାଗରିକ ମଞ୍ଚର ୧୨ତମ ପ୍ରତିଷ୍ଠା ଦିବସ ଓ ବାର୍ଷିକ ଅଧିବେଶନ ପାଇଁ ଶେଷ ପ୍ରସ୍ତୁତି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମଞ୍ଚର ଜିଲା କାର୍ଯ୍ୟାଳୟରେ ବୈଦ୍ୟନାଥ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା ଉତ୍ସବର ରୂପରେଖ ସମ୍ପର୍କରେ ସୂଚନା ଦେଇଥିଲେ। ଗିରୀଷ ଚନ୍ଦ୍ର ଦାଶ, ବିଷ୍ଣୁ ପ୍ରସାଦ ମହାନ୍ତି, ଅର୍ଚ୍ଚନା ନନ୍ଦୀ, ଦେବେନ୍ଦ୍ର ନାଥ ଚୌଧୁରୀ, ନିରଞ୍ଜନ ପରିଡ଼ା, ଦାମୋଦର ନାୟକ, ମଧୁସୂଦନ ଜେନା, ଗୌରାଙ୍ଗ ପାଣିଗ୍ରାହୀ ପ୍ରମୁଖ ଏଥିରେ ଯୋଗଦେଇ ଆସନ୍ତା ୧୦ ତାରିଖରେ ସ୍ଥାନୀୟ ନୃତ୍ୟସଂଗୀତ କଳାମନ୍ଦିର ପରିସରରେ ହେବାକୁ ଥିବା ବାର୍ଷିକ ଅଧିବେଶନର କାର୍ଯ୍ୟସୂଚୀ ସମ୍ପର୍କରେ ଆଲୋଚନା କରିଥିଲେ।ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ବିଧାୟକ, ଜିଲାପାଳ ଓ ରାଜ୍ୟ କମିଟିର ନେତୃବୃନ୍ଦ ଅତିଥି-ବକ୍ତା ଭାବେ ଯୋଗଦେବାକୁ ନିମନ୍ତ୍ରଣ କରାଯାଇଛି। ପ୍ରତିନିଧି ଅଧିବେଶନରେ ସମସ୍ତ ବ୍ଲକ କମିଟି ଓ ଆଞ୍ଚଳିକ ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତାମାନେ ଯୋଗ ଦେବେ। ଏହି ଉତ୍ସବର ସଫଳ ଆୟୋଜନ ଉପରେ ବିଶେଷ ଧ୍ୟାନ ଦେବା ଉପରେ କର୍ମକର୍ତ୍ତାମାନେ ଗୁରୁତ୍ୱ ଦେଇଥିଲେ। ଯଶୋଦା ନନ୍ଦନ ଆସ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo